# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, December 3/2025 | Page 14 | ₹ 7.00 | BALASORE

୫୨ଶ ଭାଗ ୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 10 | ମୂଲ୍ୟ ₹୭/-




## ୧୦ ବର୍ଷ ପରେ ରୋମାନ୍ସ କରିବେ ଦୀପିକା-ରଣବୀର

ରଣବୀର କପୁର ଏବଂ ଦୀପିକା ପାଦୁକୋନ ୧୦ ବର୍ଷ ପରେ 'ଚୋରି ଚୋରି' ଚଳଚ୍ଚିତ୍ର ଦ୍ୱାରା ଅନୁପ୍ରାଣିତ ଆୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ରୋମାଣ୍ଟିକ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି।

୦୨

୧୪

## ପ୍ରି-କ୍ୱାର୍ଟରରେ ତନ୍‌ଭି

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନର ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ତନ୍‌ଭି ପତ୍ରି।





ପୁରୀର ଶ୍ରୀଗୌରବିହାର ଆଶ୍ରମ (ମାତା ମଠ)ରେ ମଙ୍ଗଳବାର ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମଠର ମହନ୍ତ ସୁବଳ ଚରଣ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଶ୍ରୀରାଧାକୃଷ୍ଣ ଓ ଶ୍ରୀଚୈତନ୍ୟଙ୍କ ନିକଟରେ ୮୭୫ ପ୍ରକାର ବ୍ୟଞ୍ଜନ ନୈବେଦ୍ୟ ଅର୍ପଣ କରାଯାଇଛି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ବିବାଦ ଘେରରେ 'ସଞ୍ଚାର ସାଥୀ'

## କଂଗ୍ରେସ କହିଲା ଗୁପ୍ତଚରଗିରି ଆପ୍




**ଦେଶରେ ଦିନକୁ ଦିନ ସାଇବର ଅପରାଧ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ କେନ୍ଦ୍ର ସରକାର ନିକଟରେ 'ସଞ୍ଚାର ସାଥୀ' ଆପ୍ ସମସ୍ତ ମୋବାଇଲରେ ସଂଯୋଗ କରିବାକୁ ମୋବାଇଲ୍ ନିର୍ମାଣକାରୀ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ନେଇ ଏବେ ବିବାଦ ଦେଖାଦେଇଛି। ଲୋକମାନଙ୍କ ବ୍ୟକ୍ତିଗତ ତଥ୍ୟକୁ ଚୋରି କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏକ ନୂଆ ଚାଲ୍ କରିଥିବା ବିରୋଧୀ କଂଗ୍ରେସ କହୁଥିବାବେଳେ ମୋବାଇଲ ସ୍ମାର୍ଟଫୋନ୍ ପ୍ରସ୍ତୁତ କରୁଥିବା ପ୍ରମୁଖ କମ୍ପାନୀ ଆପଲ୍ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ଅସ୍ୱୀକାର କରିଛି। ଆପଲ୍ ଭାରତ ସରକାରଙ୍କୁ ନିଜର ଉଦ୍‌ବେଗ ଜଣାଇବ ବୋଲି କହିଛି। ଅପରପକ୍ଷରେ ସଞ୍ଚାର ସାଥୀ ଆପ୍ ଲୋକଙ୍କ ସୁରକ୍ଷା ପାଇଁ ଅଭିପ୍ରେତ। ଏହା ବାଧ୍ୟତାମୂଳକ ନୁହେଁ ବୋଲି କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି।**

ନୂଆଦିଲ୍ଲୀ, ୨।୧୨ (ପି.ଟି.)

ଭାରତରେ ବିକ୍ରି ପୂର୍ବରୁ ସମସ୍ତ ନୂଆ ସ୍ମାର୍ଟ ମୋବାଇଲ୍ ଫୋନ୍‌ରେ 'ସଞ୍ଚାର ସାଥୀ' ଆପ୍ ୯୦ ଦିନ ମଧ୍ୟରେ ସଂଯୋଗ କରିବା ପାଇଁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହାକୁ ନେଇ ବିବାଦ ଜୋର୍ ଧରିଛି। ବିପକ୍ଷ ଦଳଗୁଡ଼ିକର ତୀବ୍ର ବିରୋଧ ପରେ ସରକାର ନରମିଛନ୍ତି। ଏହି ଆପ୍ ବାଧ୍ୟତାମୂଳକ ନୁହେଁ। ମୋବାଇଲ ଫୋନ୍ ୟୁଜର ଏହାକୁ ଚାହୁଁ ନ ଥିଲେ ହଟାଇପାରିବେ ବୋଲି କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର ସ୍ପଷ୍ଟୀକରଣ ଦେଇଛନ୍ତି।

ସ୍ମାର୍ଟଫୋନ୍‌ଗୁଡ଼ିକ ବିକ୍ରି ପୂର୍ବରୁ ସଞ୍ଚାର ସାଥୀ ଆପ୍ ଇନ୍‌ଷ୍ଟଲ କରିବାକୁ କେନ୍ଦ୍ର ସରକାର ନଭେମ୍ବର ୨୮ ନିର୍ଦ୍ଦେଶନାମାରେ କମ୍ପାନୀଗୁଡ଼ିକୁ କହିଥିଲେ। ସଞ୍ଚାର ସାଥୀ ଆପ୍ ସଂଯୋଗ ଲାଗି ସରକାରଙ୍କ ନିର୍ଦ୍ଦେଶ ନାଗରିକମାନଙ୍କ ପ୍ରିଭେସି ଅଧିକାର ଉପରେ ଏକଚ୍ଛତ୍ରବାଦ ଏବଂ ଉଲ୍ଲଂଘନ ବୋଲି କଂଗ୍ରେସ କହିବା ସହ ☞ପୃଷ୍ଠା-୪

## ନିର୍ଦ୍ଦେଶ ମାନିବନି ଆପଲ୍

ନୂଆଦିଲ୍ଲୀ, ୨।୧୨ (ପି.ଟି.)

କେନ୍ଦ୍ର ସରକାରଙ୍କ ନିଜସ୍ୱ ସାଇବର ସୁରକ୍ଷା ଆପ୍ (ସଞ୍ଚାର ସାଥୀ) ସବୁ ସ୍ମାର୍ଟଫୋନ୍‌ରେ ସଂଯୋଗ ନିର୍ଦ୍ଦେଶକୁ ଆପଲ୍ ଅନୁପାଳନ କରିବ ନାହିଁ ବୋଲି କହିଛି। ଏହି ସ୍ମାର୍ଟଫୋନ୍ କମ୍ପାନୀ ଭାରତ ସରକାରଙ୍କୁ ନିଜର ଉଦ୍‌ବେଗ ଜଣାଇବ ବୋଲି ୩ଟି ସୂତ୍ରରୁ ଜଣାପଡ଼ିଛି। ବିଶ୍ୱର କୌଣସି ଜାଗାରେ ଏଭଳି ନିର୍ଦ୍ଦେଶନାମା ନାହିଁ। ସେମାନେ କମ୍ପାନୀର ଆଇଓଏସ୍ ବ୍ୟବସ୍ଥା ପାଇଁ ଅନେକ ପ୍ରିଭେସି ଓ ସୁରକ୍ଷା ପ୍ରସଙ୍ଗ ଉଠାଇଛନ୍ତି। ବିଗ୍ ବ୍ରଦର ଆମ ଉପରେ ନଜର ରଖିପାରିବ ନାହିଁ। ଦେଶର ବିଶ୍ୱାସଭଙ୍ଗ ଦଣ୍ଡ ଆଇନ ଉପରେ ଭାରତୀୟ ☞ପୃଷ୍ଠା-୪

# ନକଲି ଔଷଧ, ଚିନ୍ତାରେ ସରକାର

**ରାଜ୍ୟରେ ନକଲି ଏବଂ ନିମ୍ନମାନର ଔଷଧ ବିକ୍ରିକୁ ନେଇ ଆସିଛି ସାଂଘାତିକ ତଥ୍ୟ, ଯାହାକି ଜନସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ମଙ୍ଗଳବାର ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଥିବା ତଥ୍ୟ ଅନୁସାରେ ଗତ ୪ବର୍ଷ ମଧ୍ୟରେ ୧୬୮ ପ୍ରକାର ବିଷାକ୍ତ ଏବଂ ୩୮୮ ପ୍ରକାର ନିମ୍ନମାନର ଔଷଧ ବଜାରରେ ବିକ୍ରି ହେଉଥିବା ଚିହ୍ନଟ କରାଯାଇଛି। ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ୨୦୨୧ରୁ ୨୦୨୪-୨୫ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ୨.୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଔଷଧ ଜବତ କରିଛନ୍ତି। ବେଆଇନ ଭାବେ ନିମ୍ନମାନର ଔଷଧ ପ୍ରସ୍ତୁତ କରାଯାଇ ଖୋଲା ବଜାରକୁ ଛଡ଼ାଯାଉଛି। ଔଷଧ କମ୍ପାନୀଗୁଡ଼ିକ ଲୋକଙ୍କ ଜୀବନ ସହ ଖେଳୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଏହି ନକଲି ଓ ନିମ୍ନମାନର ଔଷଧ ରୋଗୀଙ୍କ ଉପରେ ବିଶେଷଭାବେ ପ୍ରଭାବ ପକାଉଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି।**

### ୪ ବର୍ଷରେ ଚିହ୍ନଟ ହେଲାଣି ୧୬୮ ପ୍ରକାର ବିଷାକ୍ତ, ୩୮୮ ପ୍ରକାର ନିମ୍ନମାନର ଔଷଧ: ମନ୍ତ୍ରୀ



ଭୁବନେଶ୍ୱର, ୨।୧୨ (ରବିନାରାୟଣ ଜେନା)

ରାଜ୍ୟବାସୀ ହାତ ପାଆନ୍ତାରେ ଯେଭଳି ସ୍ୱାସ୍ଥ୍ୟସେବା ପାଇବେ ତାକୁନେଇ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ବହୁବିଧ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏପରି କି ଯୋଜନାକୁ ଅତି ସରଳ କରିବାପାଇଁ କେତେକ ଯୋଜନା ପରିବର୍ତ୍ତନ ମଧ୍ୟ କରାଯାଉଛି। ହେଲେ ଔଷଧ ନିର୍ମାତା କମ୍ପାନୀଗୁଡ଼ିକ ଏହାର ଫାଇଦା ନେଇ ଗୁଣବତ୍ତା ମାପଦଣ୍ଡ ନ ଥିବା ଔଷଧ(ଏନ୍‌ଏସ୍‌କ୍ୟୁ) ଲୋକଙ୍କୁ ଦେଇ ସେମାନଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ଏଭଳି ସାଂଘାତିକ ତଥ୍ୟ ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାଯାଇଛି। ତେବେ ଗୋଟିଏ କିମ୍ବା ଦୁଇଟି ନୁହେଁ, ଗତ ୪ବର୍ଷରେ ରାଜ୍ୟରେ ୩୮୮ ପ୍ରକାର ନିମ୍ନମାନର ଔଷଧ ତଥା ଏନ୍‌ଏସ୍‌କ୍ୟୁ ଔଷଧ ବଜାରରେ ଚିହ୍ନଟ ହେବା ସହିତ କୋଟି କୋଟି ଟଙ୍କାର ଔଷଧ ଜବତ ହୋଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳବାର ଗୃହକୁ ଜଣାଇଛନ୍ତି, ଗତ ୪ବର୍ଷରେ ୧୬୮ ପ୍ରକାର ସ୍ପୁରିୟସ ଡ୍ରଗ୍ସ(ବିଷାକ୍ତ ଔଷଧ) ଚିହ୍ନଟ ହେବା ସହିତ ଏହାକୁ ଜବତ କରାଯାଇଛି। ସେହିପରି ଏହି ଅବଧି ମଧ୍ୟରେ ସମୁଦାୟ ୩୮୮ଟି ନିମ୍ନ ମାନର ମେଡିସିନ ଚିହ୍ନଟ ହୋଇଛି। ଏ ବାବଦକୁ ରାଜ୍ୟ ସରକାର ଅଢେଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ମେଡିସିନ ଜବତ କଲେଣି।

ସ୍ୱାସ୍ଥ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ୨୦୨୧ରେ ୭୯ଟି ସ୍ପୁରିୟସ ଡ୍ରଗ୍ସ ଚିହ୍ନଟ ହୋଇଥିବାବେଳେ ୨୦୨୨ରେ ୬୪, ୨୦୨୩ରେ ୧୪ ଏବଂ ୨୦୨୪ ରେ ୧୧ଟି ଚିହ୍ନଟ ହୋଇଛି। ସେହିପରି ଚିହ୍ନଟ ହୋଇଥିବା ୩୮୮ ନିମ୍ନ ମାନର ମେଡିସିନ ମଧ୍ୟରୁ ୨୦୨୧-୨୨ରେ ୮୩ ପ୍ରକାର, ୨୦୨୨-୨୩ରେ ୧୫୬, ୨୦୨୩-୨୪ରେ ୬୯ ଏବଂ ୨୦୨୪-୨୫ରେ ୮୩ଟି ଆବଶ୍ୟକୀୟ ଗୁଣବତ୍ତା ମାନଦଣ୍ଡ ପୂରଣ କରୁ ନ ଥିବା ଔଷଧ ଜବତ ହୋଇଛି।

ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଗୃହ ବାହାରେ କହିଛନ୍ତି, ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ କରାଯିବା ଦ୍ୱାରା ଏଭଳି ସ୍ପୁରିୟସ ମେଡିସିନ ଜବତ ହୋଇପାରିଛି। ଆଗାମୀ ଦିନରେ ଏହି ଚଢ଼ାଉ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ସ୍ପୁରିୟସ ମେଡିସିନ ବଜାରକୁ ଛାଡ଼ିବା ଏକ ପ୍ରକାର ଷଡ଼ଯନ୍ତ୍ର। ଔଷଧ କମ୍ପାନୀ ନିର୍ମାତାମାନେ ଏହା ଉଦ୍ଦେଶ୍ୟମୂଳକ ଭାବେ କରିଥାନ୍ତି। ଏନେଇ ସରକାର ସଜାଗ ରହିଛନ୍ତି। ସ୍ୱାସ୍ଥ୍ୟବିଭାଗ, ଡ୍ରଗ୍ସ ନିୟନ୍ତ୍ରକ ଏବଂ ପୋଲିସ ସମନ୍ୱୟରେ ଚଢ଼ାଉ କରାଯାଉଛି। ଆଗାମୀ ଦିନରେ ତୃଣମୂଳସ୍ତରରେ ମଧ୍ୟ ଚଢ଼ାଉକୁ ବ୍ୟାପକ କରାଯିବ। ତେବେ ଚିହ୍ନଟ ହୋଇଥିବା ସ୍ପୁରିୟସ ମେଡିସିନ ମଧ୍ୟରେ ଆମୋକ୍ସିଲିନ୍, ରାବିଜେମ୍-ଡିଏସ୍‌ଆର ଟାବ୍‌ଲେଟ, ସେଫାଡ୍ରକ୍ସିଲ ଟାବ୍ସ ଆଇପି-୫୦୦ଏମ୍‌ଜି, ଆମ୍ଲୋ କାଇଣ୍ଡ-୫ ଟାବ୍, ଲେଭ୍‌ସେଟ୍-ଏମ୍-ସିରପ୍, ପାରାସିଟାମଲ ଟାବ୍‌ଲେଟ ଆଇପି ୫୦୦ଏମ୍‌ଜି ପ୍ରଭୃତି ରହିଛି।

ଏନେଇ ଏସ୍‌ସିବି ମେଡିକାଲ କଲେଜ ମେଡିସିନ ବିଭାଗ ଏଚ୍‌ଓଡି ତଥା ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ ସଭାପତି ପ୍ରଫେସର ଜୟନ୍ତ କୁମାର ପଣ୍ଡା କହିଛନ୍ତି, ନକଲି ଔଷଧ ବ୍ୟବସାୟ କିଛି ନୂଆ କଥା ନୁହେଁ। ତେବେ ଏହା ନିହାତି ପକ୍ଷେ ଅମାନୁଷିକ କାର୍ଯ୍ୟ। ନକଲି ଔଷଧ ଦ୍ୱାରା ରୋଗୀର ସମସ୍ୟା ଦୁଇଗୁଣ ବଢ଼ିଯାଏ। ତେଣୁ ଏହାକୁ ଡବଲ୍ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଆଗରୁ ଯେମିତି, ଏବେ ସେମିତି


## ଭଡ଼ାଘରେ ଚାଲିଛି ୨୦,୧୫୦ ଅଙ୍ଗନୱାଡ଼ି କେନ୍ଦ୍ର

ଭୁବନେଶ୍ୱର, ୨।୧୨ (ସୁଚିସ୍ମିତା ସାହୁ)

**୭୩୮୯ଟି କେନ୍ଦ୍ର ନିର୍ମାଣଧୀନ**

ରାଜ୍ୟରେ ମୋଟ ୭୪,୨୨୪ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସେଥିରୁ ୨୦,୧୫୦ଟି କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ ଭଡ଼ା ଘରେ ଚାଲିଛି। ୭୩୮୯ଟି ଅଙ୍ଗନୱାଡ଼ି କେନ୍ଦ୍ରର ଘର ନିର୍ମାଣଧୀନ ରହିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ସୂଚନା ଦେଇଛନ୍ତି। ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ପ୍ରଭାତୀ ଜଣାଇଛନ୍ତି, ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କରିବା ନିମନ୍ତେ ସ୍ଥାନ ନିରୂପଣଠାରୁ ଆରମ୍ଭ କରି କାମ ସରିବା ଯାଏ ସବୁକିଛି ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହିତ ସମନ୍ୱୟ ରଖି କାର୍ଯ୍ୟ କରାଯାଉଛି। ନିର୍ମାଣ କାର୍ଯ୍ୟକୁ ☞ପୃଷ୍ଠା-୪

## ୧୬ ସ୍ଥାନରେ ନଦୀଜଳ ପ୍ରଦୂଷିତ

ଭୁବନେଶ୍ୱର, ୨।୧୨ (ରବିନାରାୟଣ ଜେନା)

ରାଜ୍ୟର କଳକାରଖାନା ଓ ଖଣିଖାଦାନରୁ ନିର୍ଗତ ଜଳ ନଦୀଜଳକୁ ପ୍ରଦୂଷଣ କରୁଛି। ଏହାସହ ସହରାଞ୍ଚଳ ବର୍ଜ୍ୟଜଳ ନିଷ୍କାସନ, ନଦୀଜଳର ଅତ୍ୟଧିକ ବ୍ୟବହାର ଯୋଗୁ ମଧ୍ୟ ଜଳ ପ୍ରଦୂଷିତ ହେଉଛି, ଯେଉଁଥିପାଇଁ ଜଳର ମାନ ବ୍ୟବହାରଯୋଗ୍ୟ ରହୁନାହିଁ। ସରକାରଙ୍କ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ, ରାଜ୍ୟର ୧୬ଟି ସ୍ଥାନରେ ନଦୀଜଳର ମାନ ନିର୍ଦ୍ଧାରିତ ମାନଠାରୁ କମ୍ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ମଙ୍ଗଳବାର ବିଧାନସଭାର ତଥ୍ୟ ରଖିଛନ୍ତି।

ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ନଦୀ ଅବବାହିକାରେ ଜଳ ପ୍ରଦୂଷଣ ରୋକିବା ପାଇଁ ସରକାର ଅନେକଗୁଡ଼ିଏ ପଦକ୍ଷେପ ନେଇଛନ୍ତି। ସହରାଞ୍ଚଳ ଅଧିକାରୀମାନଙ୍କୁ ପ୍ରଦୂଷଣ ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଜିଲା ପ୍ରଶାସନ, ନଗର ଉନ୍ନୟନ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଜଳଯୋଗାଣ ଓ ପରିମଳ ପରିଷଦକୁ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ନଦୀ ପ୍ରଭାବ ବୃଦ୍ଧି, ନଦୀ ସାମ୍ମୁଖ୍ୟ ବିକାଶ, ଶୌଚାଳୟ ନିର୍ମାଣ, ବାହ୍ୟ ମଳମୂତ୍ର ରୋକିବାକୁ ପଦକ୍ଷେପ ନିଆଯାଉଛି। ତେବେ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, କୋଲାବ, ବଂଶଧାରା, ଇନ୍ଦ୍ରାବତୀ ଓ ବାହୁଡ଼ା ଆଦିର ୧୨୯ଟି ସ୍ଥାନରେ ଜଳର ଗୁଣାତ୍ମକ ମାନକୁ ପ୍ରତିମାସ ପରୀକ୍ଷା କରାଯାଇଥାଏ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ୨୦୨୪ରେ କରାଯାଇଥିବା ପରୀକ୍ଷଣ ଅନୁଯାୟୀ, ୧୨୯ଟି ନଦୀଜଳ ପରୀକ୍ଷଣ ସ୍ଥାନ ମଧ୍ୟରୁ ବିଶୋଧନ ପରେ ୧୧୩ଟି ସ୍ଥାନରେ ନଦୀ ଜଳ 'ଗ' ଶ୍ରେଣୀରେ ରହୁଥିବାବେଳେ ୧୬ଟି ସ୍ଥାନରେ ନଦୀଜଳର ମାନ ନିର୍ଦ୍ଦିଷ୍ଟ ମାନ ମଧ୍ୟରେ ରହୁନାହିଁ। ସେଥିମଧ୍ୟରେ କାଠଯୋଡ଼ି ନଦୀ(କଟକ), ଦୟା ନଦୀ(ଭୁବନେଶ୍ୱର), ଗଙ୍ଗୁଆ ନାଳ(ଭୁବନେଶ୍ୱର), କୁଶଭଦ୍ରା ନଦୀ(ଭିଙ୍ଗାରପୁର ଓ ଗୋପ) ଏବଂ ବ୍ରାହ୍ମଣୀ ନଦୀ(ରାଉରକେଲା), ଗୁରାଡ଼ି ନାଳ (ରାଉରକେଲା) ଅବବାହିକାରେ ଅବସ୍ଥିତ।

ପ୍ରଦୂଷିତ ସ୍ଥାନଗୁଡ଼ିକରେ ନଦୀଜଳ ପ୍ରଦୂଷଣ ମୁଖ୍ୟତଃ ସହରାଞ୍ଚଳ ବର୍ଜ୍ୟଜଳ ନିଷ୍କାସନ ତଥା ନଦୀଜଳର ଇନ୍‌ଷ୍ଟ୍ରିମ୍ ବ୍ୟବହାର ଯୋଗୁ ☞ପୃଷ୍ଠା-୪

## ୫ ବନ୍ଧୁକ, ୩୫ ଖଣ୍ଡା ଜବତ: ଅଭିଯୁକ୍ତ ଗିରଫ

### ମାରଣାସ୍ତ୍ର ବେପାର ବେଳେ ଧରିପଡ଼ିଲେ

ରାଉରକେଲା, ୨।୧୨ (ଦିନେଶ ମିଶ୍ର)

ରାଉରକେଲା ସହରରେ ଆପରାଧିକ କାର୍ଯ୍ୟରେ ଲିପ୍ତ ଅସାମାଜିକ ତତ୍ତ୍ୱମାନଙ୍କୁ ମାରଣାସ୍ତ୍ର ଯୋଗାଇବା ବେଳେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ସୋମବାର ରାତିରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟୁରିଟୋଲା ବସ୍ତିର ସୁନୀଲ ମାଝୀ ଓରଫ ରେବେ(୪୧)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ପୋଲିସ ତାଙ୍କଠାରୁ ୫ଟି ବନ୍ଧୁକ ସମେତ ୩୫ଟି ଖଣ୍ଡା ଓ ୩ଟି ଜୀବନ୍ତ ଗୁଳି ଜବତ କରିଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ.୪୯୭/୨୫) ରୁଜୁ ହୋଇଛି। ମଙ୍ଗଳବାର ଉଦିତନଗରସ୍ଥିତ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତେଶ ୱାଧୱାନି କହିଛନ୍ତି। ଏସ୍‌ପି ୱାଧୱାନି ସୂଚନା ଦେଇ ଆହୁରି କହିଥିଲେ, ☞ପୃଷ୍ଠା-୪

# ଉପାନ୍ତ ଅଞ୍ଚଳରେ ଶାଶୁ, ବୋହୂଙ୍କ ଅଙ୍ଗନୱାଡ଼ି

ଉଦଳା, ୨।୧୨ (ସନ୍ତୋଷ କୁମାର ବାଛିନୀ)

ଅଙ୍ଗନୱାଡ଼ିରେ ନା କରିଛନ୍ତି ଚାକିରି ନା ମିଳିଛି କର୍ମୀ ଦାୟିତ୍ୱ। ତଥାପି ନିଜ ଘରେ ଖୋଲିଛନ୍ତି ଏକ ସ୍ୱତନ୍ତ୍ର ପାଠଶାଳା। ଘରଠାରୁ ୩ କି.ମି. ଦୂରରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇପାରୁ ନ ଥିବା ପିଲାମାନଙ୍କୁ ଦେଉଛନ୍ତି ଶିକ୍ଷା ସହ ସଂସ୍କାର। ଏଥିରେ ସହଯୋଗ କରୁଛନ୍ତି ତାଙ୍କ ଶାଶୁ। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଜଡ଼ିଦା ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ଡମ୍ବରୁଝରଣ ଗ୍ରାମରେ ଏଭଳି ସ୍ୱାର୍ଥବିହୀନ ସେବା ଚଳାଇଥିବା ମହିଳା ହେଲେ ସସ୍ମିତା ମାରାଣ୍ଡି ଓ ତାଙ୍କ ଶାଶୁ ବିଜୟା ମାରାଣ୍ଡି। ସେମାନେ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

ସସ୍ମିତା ଯୁକ୍ତ ୨ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ପାରିବାରିକ ସମସ୍ୟା କାରଣରୁ ପାଠରେ ଡୋରି ବନ୍ଧାହେବା ପରେ ସେ ବିବାହ ବନ୍ଧନରେ ବାନ୍ଧି ହେଲେ। ପାଠ ପଢ଼ିବାର ସ୍ୱପ୍ନ ଉଜୁଡ଼ିବା ପୂର୍ବରୁ ସେ ନିଜ ଶାଶୁଘର ଅଞ୍ଚଳର ଛୋଟ ଛୋଟ ପିଲାଙ୍କୁ ପାଠ ପଢ଼ାଇ ଭଲ ମଣିଷ ଭାବେ ଗଢ଼ିତୋଳିବା ପାଇଁ ପ୍ରୟାସ ଆରମ୍ଭ କଲେ। ୩ ବର୍ଷ ତଳେ ଡମ୍ବରୁଝରଣ ଗ୍ରାମରେ ସସ୍ମିତା ଆରମ୍ଭ କରିଥିଲେ ଅଙ୍ଗନୱାଡ଼ି। ଏବେ ସେଠାରେ ୧୭ରୁ ଅଧିକ କୁନି କୁନି ପିଲା ପାଠ ପଢ଼ୁଛନ୍ତି। ଅଙ୍ଗନୱାଡ଼ି ରୁଟିନ ଅନୁସାରେ ସସ୍ମିତା ସବୁ ପିଲାଙ୍କୁ ଖାଇବାକୁ ଦିଅନ୍ତି। କେବଳ ପାଠ ପଢ଼ାଇବା ଆଉ ଖାଇବାକୁ ଦେବା ନୁହେଁ ନିଜେ ଜଣେ ମା' ଭଳି ପିଲାଙ୍କ ଯତ୍ନନେଇ ସେମାନଙ୍କୁ ଖୁଆଇ ମଧ୍ୟ ଦିଅନ୍ତି ଓ ସଂସ୍କାର ଶିଖାନ୍ତି। ☞ପୃଷ୍ଠା-୪




ଖାଇବାକୁ ଦେଇ ସସ୍ମିତା ପିଲାମାନଙ୍କ ହାତ ଧୋଇ ଦେଉଛନ୍ତି।

## ସଂକ୍ଷେପରେ

### ପିଏମ୍‌ଓ ନୂଆ କମ୍ପ୍ଲେକ୍ସ ନାଁ 'ସେବା ତୀର୍ଥ' ହେବ

ନୂଆଦିଲ୍ଲୀ,୨।୧୨(ପି.ଟି.)

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ନୂଆ କମ୍ପ୍ଲେକ୍ସ ନାମ 'ସେବା ତୀର୍ଥ' ରହିବ ବୋଲି ମଙ୍ଗଳବାର ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି କମ୍ପ୍ଲେକ୍ସ ନିର୍ମାଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସେଣ୍ଟ୍ରାଲ ଭିଷ୍ଟା ରିଡେଭେଲପ୍‌ମେଣ୍ଟ ପ୍ରୋଜେକ୍ଟ ଅଧୀନରେ ନିର୍ମିତ ଏହି କମ୍ପ୍ଲେକ୍ସ ପୂର୍ବରୁ 'ଏକ୍‌ଜିକ୍ୟୁଟିଭ୍ ଏନ୍‌କ୍ଲେଭ' ଭାବେ ଜଣାଶୁଣା ଥିଲା। ଏଥିରେ କ୍ୟାବିନେଟ ସଚିବାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ, ଇଣ୍ଡିଆ ହାଉସ୍ ରହିଛି।

### ମେଣ୍ଟଧର୍ମ ପାଳନ କରିବାକୁ ଭାଜପାକୁ କହିଲେ ଶିନ୍ଦେ

ମୁମ୍ବାଇ,୨।୧୨

ଶିବସେନାର କେତେଜଣ ପୂର୍ବତନ କର୍ପୋରେଟର ଏବଂ କାର୍ଯ୍ୟକର୍ତ୍ତା ଭାଜପାରେ ଯୋଗଦେବାକୁ ନେଇ ମହାରାଷ୍ଟ୍ରର ଶାସକ ମହାମେଣ୍ଟର ୨ ସହଯୋଗୀ ଦଳ ମଧ୍ୟରେ ଫାଟ ସ୍ପଷ୍ଟ ହୋଇଛି। ଶିବସେନା ଭଳି ଭାଜପା ମେଣ୍ଟ ଧର୍ମ ପାଳନ କରିବାକୁ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ଘୋଡ଼ାବେପାରକୁ ନେଇ ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ସହ କଥା ହୋଇଛନ୍ତି। ତଦନୁଯାୟୀ ଶିବସେନାର ପୂର୍ବତନ କର୍ପୋରେଟରଙ୍କୁ ଭାଜପା ନେବ ନାହିଁ ଏବଂ ଭାଜପାର ପୂର୍ବତନ କର୍ପୋରେଟର ଶିବସେନାକୁ ଯିବେ ନାହିଁ। ଆଗାମୀ ପୌର ନିର୍ବାଚନକୁ ଆମେ ଏକାଠି ଲଢ଼ିବାକୁ ହେବ ବୋଲି ଶିନ୍ଦେ କହିଛନ୍ତି। ଏହା ପରେ ଲୋକ ସଭା ନିର୍ବାଚନ ହେବ। ତେଣୁ ମେଣ୍ଟର କ୍ଷତି ହେବା କିମ୍ବା ଭୁଲ୍ ବୁଝାମଣା ସୃଷ୍ଟି ହେଲା ଭଳି କୌଣସି କାର୍ଯ୍ୟ ନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଦଳରୁ ଅଲଗା ହେବା ପରେ ଶିନ୍ଦେ ଶିବସେନାର ନେତୃତ୍ୱ ନେଇଥିଲେ। ସେ କହିଛନ୍ତି, ତାଙ୍କ ଦଳ ମେଣ୍ଟଧର୍ମକୁ କଡ଼ାକଡ଼ି ପାଳନ କରିଆସୁଥିବାବେଳେ ଭାଜପା ମଧ୍ୟ ଅନୁରୂପ ଆଚରଣ ପ୍ରଦର୍ଶନ କରିବା ସେ ଆଶା କରନ୍ତି। ଯଦି ମେଣ୍ଟ ଶୃଙ୍ଖଳାକୁ ଅଣଦେଖା କରାଯାଏ, ତେବେ ମୁହାଁମୁହିଁ ହେବା ଅବଶ୍ୟମ୍ଭାବୀ ବୋଲି ଶିନ୍ଦେ ସତର୍କ କରାଇ ଦେଇଛନ୍ତି।




ଶୀତ ଅଧିବେଶନ ଚାଲିଥିବାବେଳେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ବିରୋଧରେ ମଙ୍ଗଳବାର ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଅନ୍ୟମାନେ ବିକ୍ଷୋଭ କରୁଛନ୍ତି।

## ଜେଲରେ ଇମ୍ରାନ୍‌ଙ୍କୁ ଭେଟିବା ପାଇଁ ଭଉଣୀଙ୍କୁ ଅନୁମତି

ଇସ୍‌ଲାମାବାଦ,୨।୧୨

ରାୱଲପିଣ୍ଡିର ଆଡିଆଲା ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଭେଟିବା ପାଇଁ ଜେଲ କର୍ତ୍ତୃପକ୍ଷ ମଙ୍ଗଳବାର ତାଙ୍କ ଭଉଣୀ ଉଜ୍‌ମା ଖାନୁମ୍‌ଙ୍କୁ ଅନୁମତି ଦେଇଛନ୍ତି। ଇମ୍ରାନ୍‌ଙ୍କୁ ଜେଲ ଭିତରେ ହତ୍ୟା କରାଯାଇଥିବା ନେଇ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଇଥିଲା। ତାଙ୍କ ୩ ଭଉଣୀ ଇମ୍ରାନଙ୍କୁ ଭେଟିବା ପାଇଁ ଯାଇଥିବାବେଳେ ସୁରକ୍ଷା କର୍ମୀ ସେମାନଙ୍କୁ ତଡ଼ିଦେଇଥିଲେ। ଏହାକୁ ନେଇ ପାକିସ୍ତାନ ତେହେରିକ୍-ଇ-ଇନ୍‌ଶାଫ୍ (ପିଟିଆଇ) ଦଳର କର୍ମୀମାନେ ଜେଲ ବାହାରେ ଧାରଣା ଦେଇଥିଲେ। ଇମ୍ରାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସରକାର ସ୍ପଷ୍ଟ କରିବାକୁ ସେମାନେ ଦାବି କରିଥିଲେ। ଅନୁମତି ନ ମିଳିଲେ ବୁଧବାର ଇସ୍‌ଲାମାବାଦ ହାଇକୋର୍ଟ ଏବଂ ଆଡିଆଲ ଜେଲ ବାହାରେ ପିଟିଆଇ କର୍ମୀ ବିକ୍ଷୋଭ କରିବାକୁ ଯୋଜନା କରିଥିଲେ। ସପ୍ତାହେ ଧରି ଅଚଳାବସ୍ଥା ଲାଗିରହିବା ପରେ ଇମ୍ରାନ୍‌ଙ୍କୁ ଭେଟିବା ଲାଗି ଭଉଣୀ ଉଜ୍‌ମାଙ୍କୁ ଅନୁମତି ମିଳିଛି। ଇମ୍ରାନ୍ ଖାନ୍ ବଞ୍ଚିଥିବା ନେଇ ପ୍ରମାଣ ଦେବାକୁ ତାଙ୍କ ପୁଅ କାସିମ୍ ଖାନ୍ ସୋସିଆଲ ମିଡିଆ ଜରିଆରେ ପାକିସ୍ତାନ ସରକାରଙ୍କ ନିକଟରେ ଦାବି କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ମାନବାଧିକାରକୁ ସମ୍ମାନ ଦେବାକୁ ଜାତିସଂଘ ଇସ୍‌ଲାମାବାଦକୁ କହିଥିଲା।



ଉଜ୍‌ମା ଖାନୁମ୍

# ଲୋକ ସଭାରେ ଏସ୍‌ଆଇଆର୍ ଆଲୋଚନା ୯ରେ

ନୂଆଦିଲ୍ଲୀ,୨।୧୨(ପି.ଟି.)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ୯ ତାରିଖରେ ଲୋକ ସଭାରେ ଆଲୋଚନା ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ଏସ୍‌ଆଇଆର୍ ଉପରେ ଆଲୋଚନା ଦାବିରେ ବିରୋଧୀ ୨ ଦିନ ଧରି ଗୃହକୁ ଅଚଳ କରି ରଖିବା ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଏବଂ ବିଜନେସ୍ ଆଡଭାଇଜରି କମିଟି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ଜାତୀୟ ଗାନ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେ ୮ ତାରିଖ ସୋମବାର ମଧ୍ୟାହ୍ନ ୧୨ଟାରୁ ଲୋକ ସଭାରେ ଆଲୋଚନା ହେବ। ୯ ତାରିଖ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରୁ ନିର୍ବାଚନ ସଂସ୍କାର ଉପରେ ଆଲୋଚନା କରାଯିବ ବୋଲି ରିଜିଜୁ କହିଛନ୍ତି।

ଏସ୍‌ଆଇଆର୍ ଉପରେ ଆଲୋଚନା ଦାବିରେ ସୋମବାର ବିରୋଧୀ ଦଳଗୁଡ଼ିକ ଅଡ଼ିବସିବାରୁ ପ୍ରଥମ ଦିନରେ ଲୋକ ସଭା ମୁଲତବୀ ରହିବା ସହ ରାଜ୍ୟ ସଭାରେ ବିରୋଧୀ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅନେକ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଅତ୍ୟଧିକ କାର୍ଯ୍ୟଚାପରୁ ଆତ୍ମହତ୍ୟା କରିଥିବା ସେମାନେ ଦର୍ଶାଇଥିଲେ। ମଙ୍ଗଳବାର ମଧ୍ୟ ଉଭୟ ଗୃହରେ ଅନୁରୂପ ସ୍ଥିତି ଦେଖାଦେଇଥିଲା।

ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଲୋକ ସଭାରେ ଆଲୋଚନା ଆରମ୍ଭ କରିବେ। ଉଭୟ ପ୍ରସଙ୍ଗରେ ଆଲୋଚନା ପାଇଁ ୧୦ ଘଣ୍ଟା ଲେଖାଏ ସମୟ ଦିଆଯାଇଛି। ଗୃହ ଯଦି ଅନୁଭବ କରନ୍ତି, ତେବେ ସମୟ ବଢ଼ାଯାଇପାରେ। ଏହା ପୂର୍ବରୁ ରିଜିଜୁ ଗୃହର ନେତାମାନଙ୍କୁ ଭେଟିଥିଲେ। ନିର୍ବାଚନ ସଂସ୍କାର ଉପରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ସମୟସୀମା ଦେଇ ନ ଥିଲେ। ସରକାର ଆଲୋଚନାର ସମୟ ଧାର୍ଯ୍ୟ କରନ୍ତୁ ବୋଲି ବିରୋଧୀ ଦାବି କରିଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଚାଲିଥିବାବେଳେ ଅତ୍ୟଧିକ କାର୍ଯ୍ୟଚାପ ଯୋଗୁ ୪୦ରୁ ଊର୍ଦ୍ଧ୍ୱ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।



ଲୋକ ସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଅଲୋଚନା କରୁଛନ୍ତି।

### ମଣିପୁର ଜିଏସ୍‌ଟି ବିଲ୍‌କୁ ଫେରାଇଦେଲା ରାଜ୍ୟ ସଭା

ମଣିପୁରରେ ଅଧ୍ୟାଦେଶ ବଳରେ ଲାଗୁ ହୋଇଥିବା ଜିଏସ୍‌ଟି ୨.୦ ବଦଳରେ ଆଇନ କାର୍ଯ୍ୟକାରୀ କରିବାକୁ ସରକାର ଆଣିଥିବା ମଣିପୁର ଜିଏସ୍‌ଟି ବିଲ୍‌କୁ ରାଜ୍ୟ ସଭା ମଙ୍ଗଳବାର ଲୋକ ସଭାକୁ ଫେରାଇ ଦେଇଛି। ସୋମବାର ଉକ୍ତ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ ମଣିପୁର ଦ୍ରବ୍ୟ ଓ ସେବା ଟିକସ (ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୨୫କୁ ରାଜ୍ୟ ସଭାରେ ଆଗତ କରିଥିଲେ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜ୍ୟର ପ୍ରତିନିଧିଙ୍କୁ ନେଇ ୫୬ତମ ଜିଏସ୍‌ଟି କାଉନ୍‌ସିଲ୍‌ରେ ୩୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିଲେ। ନୂଆ ଟିକସ ହାର ଗତ ସେପ୍ଟେମ୍ବର ୨୨ରୁ ଲାଗୁ ହୋଇଥିଲା। ତେବେ ମଣିପୁରରେ ରାଷ୍ଟ୍ରପତି ଶାସନ ଚାଲିଥିବାରୁ ସେଠାରେ ଅଧ୍ୟାଦେଶ ବଳରେ ସଂଶୋଧିତ ଜିଏସ୍‌ଟି ଲାଗୁ କରାଯାଇଥିଲା।

### ଡାକ୍ତର-ଲୋକସଂଖ୍ୟା ଅନୁପାତ ୧:୮୧୧

ନୂଆଦିଲ୍ଲୀ,୨।୧୨(ପି.ଟି.)

ଦେଶରେ ଡାକ୍ତର ଓ ଜନସଂଖ୍ୟା ଅନୁପାତ ୧:୮୧୧ ବୋଲି ସରକାର ମଙ୍ଗଳବାର ପାର୍ଲାମେଣ୍ଟକୁ ସୂଚନା ଦେଇଛନ୍ତି। ଅର୍ଥାତ୍ ପ୍ରତି ୮୧୧ ଲୋକରେ ଜଣେ ଡାକ୍ତର ରୋଗୀସେବା ପାଇଁ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଥିଲେ, ଦେଶରେ ୧୩,୮୮,୧୮୫ ଜଣ ପଞ୍ଜୀକୃତ ଏଲୋପାଥିକ୍ ଡାକ୍ତର ରହିଥିବାବେଳେ ଆୟୁଷ ବ୍ୟବସ୍ଥାରେ ୭,୫୧,୭୬୮ ପଞ୍ଜୀକୃତ ଡାକ୍ତର କାର୍ଯ୍ୟ କରୁଛନ୍ତି। ଉଭୟ ଏଲୋପାଥିକ ଏବଂ ଆୟୁଷ ବ୍ୟବସ୍ଥାର ପଞ୍ଜୀକୃତ ଡାକ୍ତରଙ୍କ ମଧ୍ୟରୁ ୮୦ ପ୍ରତିଶତ ଉପଲବ୍ଧ ଅଛନ୍ତି। ଦେଶରେ ମେଡିକାଲ କଲେଜ, ଅଣ୍ଡରଗ୍ରାଜୁଏଟ୍ ଏବଂ ପୋଷ୍ଟଗ୍ରାଜୁଏଟ୍ ସିଟ୍ ସଂଖ୍ୟା ଯଥେଷ୍ଟ ବଢ଼ିଥିବା ନଡ୍ଡା କହିଛନ୍ତି। ୨୦୧୪ରେ ଦେଶରେ ୩୮୭ ମେଡିକାଲ କଲେଜ ଥିବାବେଳେ ଏବେ ତାହା ୮୧୮ରେ ପହଞ୍ଚିଛି। ସେହିପରି ୟୁଜି ଆସନ ସଂଖ୍ୟା ୫୧,୩୪୮ରୁ ୧,୨୮,୮୭୫କୁ ବଢ଼ିଥିବାବେଳେ ପିଜି ସିଟ୍ ସଂଖ୍ୟା ୩୧,୧୮୫ରୁ ୮୨,୦୫୯କୁ ବୃଦ୍ଧି ପାଇଛି।

## ଶ୍ରୀଲଙ୍କାକୁ ଏକ୍ସପାୟାର୍ଡ ରିଲିଫ୍ ପଠାଇ ଅଡୁଆରେ ପାକିସ୍ତାନ








କରାଚୀ,୨।୧୨

ବାତ୍ୟା ଡିଟ୍‌ୱା ପ୍ରଭାବରେ ବନ୍ୟା ଓ ଭୂସ୍ଖଳନ ଯୋଗୁ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ସହାୟତା ସ୍ୱରୂପ ପାକିସ୍ତାନ ସମୟ ଅତିକ୍ରାନ୍ତ ହୋଇଥିବା ରିଲିଫ୍ ସାମଗ୍ରୀ ପଠାଇ ନିନ୍ଦିତ ହୋଇଛି। ସୋସିଆଲ ମିଡିଆରେ ଇସ୍‌ଲାମାବାଦକୁ ଏଥିପାଇଁ ସମାଲୋଚନା କରାଯାଇଛି। ରିଲିଫ୍ ପ୍ୟାକେଟରେ ଏକ୍ସପାୟାରି ତାରିଖ ରହିଥିବାର ଫଟୋ ଭାଇରାଲ ହୋଇଛି। ଇସ୍‌ଲାମାବାଦ କଲମ୍ବୋକୁ ସହାୟତା କରୁଥିବା ଜଣାଇବା ପାଇଁ ରିଲିଫ୍ ପ୍ୟାକେଟର ଫଟୋ ପ୍ରଥମେ ପାକିସ୍ତାନ ହାଇକମିଶନ Xରେ ପୋଷ୍ଟ କରିଥିଲା। ଏହା ସୋସିଆଲ ମିଡିଆ ୟୁଜରମାନଙ୍କ ଦୃଷ୍ଟିକୁ ଆସିବା ପରେ ଇସ୍‌ଲାମାବାଦ ଲଜ୍ଜିତ ହୋଇଛି। ବିଭିନ୍ନ ପ୍ୟାକେଟ୍‌ରେ ଏକ୍ସପାୟାରି ତାରିଖ ୧୦/୨୦୨୪ ଲେଖା ରହିଛି। ବନ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଶ୍ରୀଲଙ୍କା ଲୋକମାନଙ୍କ ପାଖକୁ ପାକିସ୍ତାନ ଏକ୍ସପାୟାର୍ଡ ସାମଗ୍ରୀ ପଠାଇଥିବା ନେଇ ନିନ୍ଦା କରାଯାଇଛି।

## ଟେଲିକମ୍‌ଭିତ୍ତିକ ସୁରକ୍ଷା ସତର୍କ ବ୍ୟବସ୍ଥା ଲାଗୁ କରିବ ଏନ୍‌ଏଚ୍‌ଏଆଇ

ନୂଆଦିଲ୍ଲୀ,୨।୧୨

ଜାତୀୟ ରାଜପଥଗୁଡ଼ିକରେ ସୁରକ୍ଷା ବଢ଼ାଇବା ସହ ବାଧାହୀନ ଯାତାୟାତ ଅଭିଜ୍ଞତା ପ୍ରଦାନ ଲାଗି ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଟେଲିକମ୍ ଭିତ୍ତିକ ସୁରକ୍ଷା ସତର୍କତା ସିଷ୍ଟମ୍ ଲାଗୁ କରିବାକୁ ଯାଉଛନ୍ତି। ଦେଶର ସମସ୍ତ ଜାତୀୟ ରାଜପଥ ନେଟ୍‌ୱର୍କରେ ଏହି ବ୍ୟବସ୍ଥା ଲାଗୁ ହେବ। ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍ ଏବଂ ଉଚ୍ଚ ପ୍ରାଥମିକତା କଲ୍ ଜରିଆରେ ଜାତୀୟ ରାଜପଥ ବ୍ୟବହାରକାରୀମାନଙ୍କୁ ସତର୍କ ସୂଚନା ପଠାଯିବ। ରାଜମାର୍ଗ ଯାତ୍ରା ମୋବାଇଲ୍ ଆପ୍ ଏବଂ ଜରୁରୀ ହେଲ୍ପଲାଇନ ନମ୍ବର ୧୦୩୩ ସମେତ ଏନ୍‌ଏଚ୍‌ଏଆଇର ଡିଜିଟାଲ ପ୍ଲାଟ୍‌ଫର୍ମରେ ପର୍ଯ୍ୟାୟକ୍ରମେ ଏହି ସିଷ୍ଟମକୁ ସଂଯୋଗ କରାଯିବ। ଜାତୀୟ ରାଜପଥ ବ୍ୟବହାରକାରୀଙ୍କୁ ଠିକ୍ ସମୟରେ ସୂଚନା ପ୍ରଦାନ କରି ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଏହି ପଦକ୍ଷେପର ଲକ୍ଷ୍ୟ। ଯାହା ଫଳରେ ୟୁଜରମାନେ ଆଗୁଆ ସେମାନଙ୍କ ଗାଡ଼ିର ବେଗ ଏବଂ ଗାଡ଼ିଚାଳନା ଆଚରଣକୁ ସୁଧାରିବେ। ପ୍ରଥମେ ଜିଓ ଗ୍ରାହକମାନଙ୍କୁ ଏହି ସେବା ଉପଲବ୍ଧ ହେବାକୁ ଥିବାବେଳେ ପରେ ସମସ୍ତ ଟେଲିକମ୍ ପ୍ରଦାନକାରୀ ସେମାନଙ୍କ ଗ୍ରାହକଙ୍କୁ ଏହା ଯୋଗାଇଦେବେ। ଏଥିପାଇଁ ଏନ୍‌ଏଚ୍‌ଏଆଇ ରିଲାଏନ୍ସ ଜିଓ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି ଏବଂ ୨ ମାସ ମଧ୍ୟରେ ଏହି ସତର୍କତା ସେବା ଆରମ୍ଭ ହେବାକୁ ଯାଉଛି। ଗାଡ଼ିଚାଳକମାନେ ଜିଓର ୪ଜି ଏବଂ ୫ଜି ନେଟ୍‌ୱର୍କ ବ୍ୟବହାର କରି ସେମାନଙ୍କ ମୋବାଇଲ ଫୋନ୍‌ରୁ ଦୁର୍ଘଟଣାପ୍ରବଣ ସ୍ଥାନ, ବୁଲାଗୋରୁ ସମାଗମ ଅଞ୍ଚଳ, କୁହୁଡ଼ି ପ୍ରଭାବିତ ଅଞ୍ଚଳ, ଜରୁରୀ ଡାଇଭର୍ସନ ଆଦି ସମ୍ପର୍କରେ ଜାଣି ପାରିବେ ବୋଲି ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



## ଫୁରସତ୍

# ଯେଉଁଠି ସାନିଟାରୀ ପ୍ୟାଡ୍ ବ୍ୟବହାର ମନା

ନୂଆଦିଲ୍ଲୀ

ଏପରି ଏକ ଦେଶ ଅଛି, ଯେଉଁଠି ମହିଳାମାନଙ୍କୁ ସାନିଟାରୀ ପ୍ୟାଡ୍ ମନା। ସେଠାରେ ମହିଳାମାନଙ୍କ ଜୀବନର ସବୁଠାରୁ ସାଧାରଣ, ପ୍ରାକୃତିକ ଏବଂ ଅତ୍ୟାବଶ୍ୟକ ଦିଗଗୁଡ଼ିକ ମଧ୍ୟ ନିୟମ ଦ୍ୱାରା ଆବଦ୍ଧ।

ବିଶ୍ୱ ମାନଚିତ୍ରରେ ଉତ୍ତର କୋରିଆ ଛୋଟ ଦେଖାଯାଇପାରେ, କିନ୍ତୁ ଏଠାକାର କଠୋର ଆଇନ ଏବଂ ବିଭିନ୍ନ ପ୍ରସଙ୍ଗ ଅନ୍ତର୍ଜାତୀୟ ବିତର୍କର ବିଷୟ ପାଲଟିଯାଏ। କିମ୍ ଜଙ୍ଗ ଉନଙ୍କ ସରକାର ପ୍ରାୟ ସମୟରେ ନୂଆ ନିର୍ଦ୍ଦେଶ ଦିଅନ୍ତି। ଲୋକମାନେ କ'ଣ ପିନ୍ଧିବେ, କେଉଁ ଗୀତ ଶୁଣିବେ, କେଉଁ ଟିଭି ଚ୍ୟାନେଲ ଦେଖିବେ ତାହା ସରକାର ନିର୍ଦ୍ଧାରଣ କରନ୍ତି। ତେବେ ଏଠାରେ ସାନିଟାରୀ ପ୍ୟାଡ୍ ବ୍ୟବହାରକୁ ବାରଣ କରାଯାଇଛି। ଦୋକାନଗୁଡ଼ିକରେ ଖାଦ୍ୟ ଠାରୁ ଆରମ୍ଭ କରି ଘରକରଣା ଜିନିଷ ପର୍ଯ୍ୟନ୍ତ ସବୁକିଛି ବିକ୍ରି ହୁଏ, କିନ୍ତୁ ସାନିଟାରୀ ପ୍ୟାଡ୍‌ର ଗୋଟିଏ ପ୍ୟାକ ମଧ୍ୟ ଉପଲବ୍ଧ ନାହିଁ। ପିରିୟଡ ପ୍ୟାଣ୍ଟି ଭଳି ମୌଳିକ ଜିନିଷ ମଧ୍ୟ ଏହି ଦେଶରେ ସମ୍ପୂର୍ଣ୍ଣ ବେଆଇନ।

ସରକାରଙ୍କ କଠୋର ନୀତି ମଧ୍ୟରେ, ମହିଳାମାନେ ପୁରୁଣା ପଦ୍ଧତିକୁ ଫେରି ଯାଇଛନ୍ତି। ଏଠାରେ ମହିଳାମାନେ କପଡ଼ା ପ୍ୟାଡ ତିଆରି କରନ୍ତି, ଯାହାକୁ ବାରମ୍ବାର ଧୋଇ ପୁନଃ ବ୍ୟବହାର କରାଯାଏ। ଏହି ପଦ୍ଧତି ଦଶନ୍ଧି ପୁରୁଣା, କିନ୍ତୁ ଆବଶ୍ୟକତା ଏହାକୁ ଦୈନନ୍ଦିନ ଜୀବନରେ ଫେରାଇ ଆଣିଛି। ଅନେକ ମହିଳା ଘରେ ପୁନଃ ବ୍ୟବହାରଯୋଗ୍ୟ କପଡ଼ା ତିଆରି କରିବା ପାଇଁ ଏକାଧିକ ସ୍ତରର କପା କପଡ଼ାକୁ ଏକାଠି ସିଲାଇ କରନ୍ତି। ଏହି କପଡ଼ାଗୁଡ଼ିକୁ ଖରାରେ ଶୁଖାଇବା ମଧ୍ୟ କଷ୍ଟକର, କାରଣ ସେଗୁଡ଼ିକୁ ବାହାରେ ଝୁଲାଇ ରଖିବା ସାମାଜିକ ଭାବରେ ଅପମାନଜନକ ବୋଲି ବିବେଚନା କରାଯାଏ।

ଉତ୍ତର କୋରିଆରେ, ମହିଳାଙ୍କ ମାସିକ ଋତୁସ୍ରାବ ଯତ୍ନ ନେବା ଏକ ବ୍ୟକ୍ତିଗତ କର୍ତ୍ତବ୍ୟ ଭାବରେ ବିବେଚନା କରାଯାଏ। କୌଣସି ସରକାରୀ ସମର୍ଥନ, ସ୍ୱାସ୍ଥ୍ୟ ଉତ୍ପାଦ ଏବଂ ମାସିକ ଋତୁସ୍ରାବ ବିଷୟରେ କୌଣସି ସଚେତନତା ନାହିଁ। କୁହାଯାଏ, ଏଠାକାର ସରକାର ସାନିଟାରୀ ସାମଗ୍ରୀକୁ ବିଦେଶୀ ବିଳାସ ଦ୍ରବ୍ୟ ଭାବରେ ବିବେଚନା କରିଛନ୍ତି, ତେଣୁ ଏଠାରେ ଏହାର ଆମଦାନୀ ଏବଂ ବିକ୍ରୟକୁ ନିଷିଦ୍ଧ କରାଯାଇଛି।



## ୧୦ ବର୍ଷ ପରେ ରୋମାନ୍ସ କରିବେ ଦୀପିକା-ରଣବୀର

ମୁମ୍ବାଇ

ରଣବୀର କପୁର ଏବଂ ଦୀପିକା ପାଦୁକୋନ ବଲିଉଡ୍‌ର ସବୁଠାରୁ ଲୋକପ୍ରିୟ ଅନସ୍କ୍ରିନ୍ ଯୋଡ଼ି ମଧ୍ୟରୁ ଅନ୍ୟତମ। ଯଦିଓ ସେମାନେ ୧୦ ବର୍ଷରୁ ଅଧିକ ସମୟ ଏକାଠି କାମ କରିନାହାନ୍ତି, କିନ୍ତୁ ଏବେ ସେମାନେ ଏକାଠି ହେବାକୁ ପ୍ରସ୍ତୁତ। ଆୟାନ ମୁଖାର୍ଜୀ ଦୀପିକା-ରଣବୀରଙ୍କୁ ନେଇ ଏକ ସିନେମା ନିର୍ମାଣ କରିବାର ଯୋଜନା କରିଛନ୍ତି। ଏହି ଦୁଇଜଣ ରାଜ କପୁର ଏବଂ ନର୍ଗିସଙ୍କ ଲୋକପ୍ରିୟ ଚଳଚ୍ଚିତ୍ର 'ଚୋରି ଚୋରି' ଦ୍ୱାରା ଅନୁପ୍ରାଣିତ ଏକ ରୋମାଣ୍ଟିକ ଚଳଚ୍ଚିତ୍ରରେ ଅଭିନୟ କରିବେ।

୧୯୫୬ରେ ଆସିଥିବା ଚଳଚ୍ଚିତ୍ର 'ଚୋରି ଚୋରି' ଦ୍ୱାରା ଅନୁପ୍ରାଣିତ ଦୀପିକା ଏବଂ ରଣବୀରଙ୍କୁ ନେଇ ନିର୍ଦ୍ଦେଶକ ଆୟାନ ମୁଖାର୍ଜୀ ବର୍ତ୍ତମାନ ତାଙ୍କର ପରବର୍ତ୍ତୀ ରୋମାଣ୍ଟିକ ସିନ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି। କାହାଣୀରେ ଆଧୁନିକତା ଅଛି କିନ୍ତୁ ଏହି ଚଳଚ୍ଚିତ୍ରର ଆଇଡିଆ ରାଜ କପୁର ଏବଂ ନର୍ଗିସଙ୍କ କାହାଣୀ ଉପରେ ଆଧାରିତ। ଯେଉଁଥିପାଇଁ ୧୦ ବର୍ଷ ପରେ ଏହି ଚଳଚ୍ଚିତ୍ରରେ ଏକାଠି ହେବେ ରଣବୀର-ଦୀପିକା। ଯାହାଙ୍କୁ ପରଦାରେ ଦେଖିବା ପାଇଁ ପ୍ରଶଂସକମାନେ ଚାହିଁ ରହିଛନ୍ତି। ତଥାପି ଚଳଚ୍ଚିତ୍ର ସମ୍ପର୍କରେ ଏପର୍ଯ୍ୟନ୍ତ ଅଫିସିଆଲି କୌଣସି ଘୋଷଣା କରାଯାଇନାହିଁ। ଏବେ ରଣବୀର ୨ଟି ପ୍ରମୁଖ ଫିଲ୍ମରେ କାମ କରୁଛନ୍ତି, ଯାହା ଆସନ୍ତା ବର୍ଷ ମୁକ୍ତିଲାଭ କରିବାର ଯୋଜନା ରହିଛି। ୨୦୨୬ରେ ରଣବୀର ସଞ୍ଜୟ ଲୀଲା ଭଂସାଲୀଙ୍କ ଚଳଚ୍ଚିତ୍ର 'ଲଭ୍ ଆଣ୍ଡ ୱାର'ରେ ନଜର ଆସିବେ।






# ଭିଜିଲାନ୍ସ ତଦନ୍ତ ହୋଇପାରେ: ମନ୍ତ୍ରୀ

## ୧୭ ଠିକାଦାରଙ୍କୁ ୩୫ ହଜାର କୋଟିର ପାନୀୟଜଳ ପ୍ରକଳ୍ପ ପ୍ରଦାନ ପ୍ରସଙ୍ଗ

ଭୁବନେଶ୍ୱର,୨।୧୨ (ରବିନାରାୟଣ ଜେନା)

ରାଜ୍ୟର ପ୍ରତ୍ୟେକ ପରିବାର ନିକଟରେ ଯେପରି ବିଶୁଦ୍ଧ ପାନୀୟଜଳ ପହଞ୍ଚିବ ସେଥିପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ତେବେ ପୂର୍ବ ସରକାର ସମୟରେ ୧୭ଜଣ ଠିକାଦାରଙ୍କୁ ୩୫ହଜାର କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଦେଇଥିବା ଅଭିଯୋଗର ସରକାର ତର୍ଜମା କରୁଛନ୍ତି। ଯଦି ଅଭିଯୋଗର ସତ୍ୟତା ମିଳିବ ତେବେ ଭିଜିଲାନ୍ସକୁ ତଦନ୍ତ ଦାୟିତ୍ୱ ଦିଆଯିବ ବୋଲି ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି।

ବିଧାନସଭାର ପ୍ରଶ୍ନକାଳରେ ମଙ୍ଗଳବାର ଉଭୟ ସରକାରୀ ଓ ବିରୋଧୀ ଦଳର ସଦସ୍ୟମାନେ ନିଜ ନିଜ ଅଞ୍ଚଳର ପାନୀୟଜଳ ସମସ୍ୟା ଏବଂ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ନ ହେବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମନ୍ତ୍ରୀ ସଦସ୍ୟମାନଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ଉତ୍ତରରେ କହିଥିଲେ, ପାନୀୟଜଳ ପ୍ରକଳ୍ପ ବିଳମ୍ବ ପଛରେ ଅନେକ କାରଣ ରହିଛି। ପୂର୍ବ ସରକାର ଠିକାଦାରଙ୍କୁ ୮୦ପ୍ରତିଶତ ଟଙ୍କା ଆଗୁଆ ଦେଇଦେଲେ। ସେମାନେ କେବଳ ପାଇପ୍ ପକାଇ ବସିପଡ଼ିଛନ୍ତି। ଆମ ସରକାର ଆସିବା ପରେ ମାତ୍ର ୨୦ପ୍ରତିଶତରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପଡୁଛି। ତେବେ ୨୦୨୭ ସୁଦ୍ଧା ସମସ୍ତ ପରିବାର ନିକଟରେ ବିଶୁଦ୍ଧ ପାନୀୟଜଳ ପହଞ୍ଚିବ।

ମୂଳ ପ୍ରଶ୍ନକର୍ତ୍ତା ସଦସ୍ୟ ଅରବିନ୍ଦ ମହାପାତ୍ର ନିଜ ନିର୍ବାଚନମଣ୍ଡଳୀରେ ପ୍ରକଳ୍ପ କାର୍ଯ୍ୟ ପାଇଁ ଅଧିକାରୀ ଅଭାବ କଥା ଉଠାଇବା ସହିତ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ହେବା ନେଇ ଆଶଙ୍କାବ୍ୟକ୍ତ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ବିଭାଗ ସେଥିପ୍ରତି ସଚେତନ ଅଛି। ଆଗାମୀ ଦିନରେ ମେଗା ଜଳ ବୋର୍ଡ କମିଟି ଗଠନ ହେବ ଓ ପ୍ରକଳ୍ପ କାମ ତ୍ୱରାନ୍ୱିତ ହେବ। ସେହିଭଳି ସଦସ୍ୟ ସିଦ୍ଧାନ୍ତ ମହାପାତ୍ର ପ୍ରକଳ୍ପ ପାଇଁ ରାସ୍ତାଖୋଳା ଏବଂ ସୁନୀଲ ମହାନ୍ତି ପୁରୀରେ ପ୍ରକଳ୍ପ କାମ ଅସମ୍ପୂର୍ଣ୍ଣ ରହିଥିବା ନେଇ ମନ୍ତ୍ରୀଙ୍କୁ ଘେରିଥିଲେ। ଏହି ଅବସରରେ କବିସୂର୍ଯ୍ୟନଗର ଭାଜପା ବିଧାୟକ ପ୍ରତାପ ନାୟକ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ୍ୟଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଥିଲେ। ମେଗା ପାନୀୟଜଳ ପ୍ରକଳ୍ପ ଦୁର୍ନୀତିରେ ତାଙ୍କର ସମ୍ପୃକ୍ତି ଥିବା ସେ ଅଭିଯୋଗ କରିଥିଲେ।

ଉତ୍ତରରେ ମନ୍ତ୍ରୀ କହିଥିଲେ, ପୂର୍ବ ସରକାରରେ ନଳ ଥିଲା ହେଲେ ଜଳ ନ ଥିଲା। ଏବେ ନଳ ଆଉ ଜଳ ଅଛି। ୨୦୨୪ ଜୁନ୍ ସୁଦ୍ଧା ବିଜେଡି ସରକାର ୩ଟି ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କରିଥିଲେ, ଆମେ ୧୭ ମାସରେ ୨୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିଛୁ। ସେମାନେ ୧୬ଟି ସିଭିଲ ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିଲେ ଆମେ ୧୭ ମାସରେ ୬୬ଟି ସମ୍ପୂର୍ଣ୍ଣ କରିଛୁ। ବିଜେଡି ସରକାର ୩୭,୩୩ଟି ସୋଲାର ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିବା ବେଳେ ଆମ ସରକାର ୧୭ ମାସରେ ୨୭୦୨ ପ୍ରକଳ୍ପ ଶେଷ କରିଛି। ସେହିଭଳି ହର୍ ଘର୍ ଜଳ ଯୋଜନାରେ ପୂର୍ବ ସରକାର ୬୦୩୨ ପ୍ରକଳ୍ପ ସାରିଥିଲେ, କିନ୍ତୁ ଆମ ସରକାର ୪,୭୯୧ଟି କରିଛି। ସେମାନେ ୨୮,୩୫୦ ନଳକୂପ କରିଥିଲେ ଆମେ ୨୨,୯୬୪ ନଳକୂପ ଖନନ କରିଛୁ। ପିଏମ୍ ଗତି ଶକ୍ତିରେ ୭୧ ହଜାର କିମି ପାଇପ୍‌ଲାଇନ ବିଛାଯାଇଛି ବୋଲି ମନ୍ତ୍ରୀ କହିଥିଲେ।

ସଦସ୍ୟା ସୋଫିଆ ଫିର୍‌ଦୋସ ଗୃହରେ 'ଧରିତ୍ରୀ'ର ରିପୋର୍ଟକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ପାନୀୟଜଳ ପ୍ରକଳ୍ପ ଘଟଣାରେ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ସେ କହିଥିଲେ, ପାନୀୟଜଳ ପ୍ରକଳ୍ପ କାମ ଦିଆଯାଇଥିବା ୧୭ ସଂସ୍ଥାକୁ ଅଗ୍ରିମ ଅର୍ଥ ଦିଆଯାଇଛି। ଏଥିରେ ୩୫ ହଜାର କୋଟିର ଦୁର୍ନୀତି ହୋଇଛି । ଏହାର ଭିଜିଲାନ୍ସ ତଦନ୍ତ ସହ ସଂପୃକ୍ତ ଥିବା ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ସଦସ୍ୟ ସାରଦା ଜେନା, ସୁଜାତା ସାହୁ, ଅମର ନାୟକ ପ୍ରମୁଖ ଅତିରିକ୍ତ ପ୍ରଶ୍ନ କରିଥିଲେ।

# ଦୁର୍ଘଟଣାରେ କଲେଜ ଛାତ୍ରଙ୍କ ମୃତ୍ୟୁ ପରେ ଉତ୍ତେଜନା

- ଜାଳିଦେଲେ ୪ ହାଇୱା, କ୍ରଶରରେ ଭଙ୍ଗାରୁଜା
- କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ପରେ ଥମିଲା ଉତ୍ତେଜନା

ଧର୍ମଶାଳା/ ଚଢ଼େଇଧରା, ୨।୧୨ (ବଟକୃଷ୍ଣ ପରିଡ଼ା/ ଦିଲୀପ ପରିଡ଼ା)

ଯାଜପୁର ଜିଲା ଜେନାପୁର ଥାନା ଅଧୀନ କୁରିକଣା-ଡଙ୍କାରୀ ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ହାଇୱା ଓଡି୦୪ଏସ୍୦୦୩୧ ଚଢ଼ିଯିବାରୁ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ଉକ୍ତ ଥାନା ଅନ୍ତର୍ଗତ ରମ୍ଭେଇ ଗ୍ରାମର ଶତ୍ରୁଘ୍ନ ନାୟକଙ୍କ ପୁଅ ସଞ୍ଜୀବ ନାୟକ(୧୭)। ଏହି ଘଟଣାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିବା ସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ନିଆଁ ଲଗାଇ ଦେଇଛନ୍ତି। ଏଥିସହିତ ଯେଉଁ କମ୍ପାନୀର ଗାଡ଼ି ଦୁର୍ଘଟଣା ଘଟାଇଥିଲା ସେହି କମ୍ପାନୀର ପଛକୁ ପଛ ଆସୁଥିବା ଅନ୍ୟ ୩ଟି ଗାଡ଼ିକୁ ପୂର୍ବ ଆକ୍ରୋଶ ରଖି କେତେଜଣ ମାଫିଆ ଶ୍ରେଣୀର ଲୋକ ନିଆଁ ଲଗାଇ ଜାଳିଦେଇଛନ୍ତି। ଏହାପରେ ଉକ୍ତ କମ୍ପାନୀର ରାହାଡ଼ପୁରଠାରେ ଥିବା କ୍ରଶର ପରିସରରେ ପଶି ମେଶିନ ଓ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଖବର ପାଇ କେତେଜଣ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି


ଉତ୍ତ୍ୟକ୍ତ ଲୋକେ ଜାଳି ଦେଇଥିବା ହାଇୱା।

ଫଟୋ ଓ ଭିଜୁଆଲ ଉତ୍ତୋଳନ ଉଦ୍ୟମ କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କ ମୋବାଇଲ ଛଡ଼ାଇନେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ପୋଲିସ ପ୍ରତିଶ୍ରୁତି ଦେବାପରେ ଉତ୍ତେଜନା ଥମିଛି। ଏହାପରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

ସକାଳୁ ଛାତ୍ର ଜଣକ ବାଇକ୍ ଯୋଗେ କଲେଜ ଯାଉଥିବାବେଳେ କୁରିକଣା-ଡଙ୍କାରୀ ଛକ ମଝିରେ ଥିବା ହମ୍ପସ ପାଖରେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା କଳାପଥର ବୋଝେଇ ହାଇୱା ଛାତ୍ରଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ପୂର୍ବରୁ ସଡ଼କ ଦୁର୍ଘଟଣାରେ ଛାତ୍ର ସଞ୍ଜୀବଙ୍କ ମା'ଙ୍କ ମୃତ୍ୟୁ ହୋଇଥିବାରୁ ଏହି ଘଟଣା ସମସ୍ତଙ୍କୁ ବ୍ୟଥିତ କରିଥିଲା। ଘଟଣା ପ୍ରଘଟ ହେବାପରେ ସ୍ଥାନୀୟ କେତେଜଣ ଲୋକ ପହଞ୍ଚି ଉତ୍ତେଜନା ସୃଷ୍ଟି କରିଥିଲେ। ପୂର୍ବରୁ ଚାନ୍ଦା କାରବାରକୁ ନେଇ ସମ୍ପୃକ୍ତ କମ୍ପାନୀ ଉପରେ ରହିଥିବା ଆକ୍ରୋଶ ଉଗ୍ରରୂପ ଧାରଣ କରିଥିଲା। ଦୁର୍ବୃତ୍ତ ଦୀର୍ଘ ସମୟ ରାସ୍ତାକୁ ନିଜ ଆୟତକୁ ନେଇ ଉତ୍ପାତ କରିଥିଲେ। ୪ରୁ ଅଧିକ ମୋବାଇଲ ଭାଙ୍ଗିବା ସହ ଏକାଧିକ ଲୋକଙ୍କୁ ଧକ୍କାମାରି ତଡ଼ି ଦେଇଥିଲେ। କେତେଜଣ ମହିଳାଙ୍କ ଉପଦ୍ରବ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଥିଲା। ଯାଜପୁର ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଥାନା ଅଧିକରୀ ନିରୁପମା ଜେନା, ଏସ୍‌ଆଇ ରଞ୍ଜନ ବେହେରା ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ସଞ୍ଜୀବ ଚଢ଼େଇଧରାସ୍ଥିତ ଜଗନ୍ନାଥ ଜୀଉ କଲେଜର ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ର ଥିଲେ। ତାଙ୍କ ବିୟୋଗରେ କଲେଜରେ ହେବାକୁ ଥିବା ବାର୍ଷିକ କ୍ରୀଡ଼ା ଉତ୍ସବକୁ ବାତିଲ କରାଯାଇଛି। ଏହାପରେ ଏକ ଶୋକସଭା କରାଯାଇଥିବା ଅଧ୍ୟକ୍ଷ ସୁକାନ୍ତ କୁମାର ରାଉତ କହିଛନ୍ତି। ଏନେଇ ପୋଲିସ ନଂ.୪୨୫/୨୫ରେ ଏକ ମାମଲା ରୁଜୁ କରିଛି।

# ଗର୍ଭପାତ କିଟ୍‌ର ଅବୈଧ ବିକ୍ରୟ ନେଇ ବିଭାଗର ପଦକ୍ଷେପ | ୪୦୦ରୁ ଅଧିକ ପ୍ରତିଷ୍ଠାନରେ ଚଢ଼ାଉ ସହ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର,୨।୧୨(ବନ୍ଦନା ସେଠୀ)

ରାଜ୍ୟରେ ଏବେ ନକଲି ଔଷଧ କାରବାର ଚିନ୍ତା ବଢ଼ାଇଛି। ଗତ ୪ବର୍ଷ ମଧ୍ୟରେ ୧୬୮ ନକଲି ଔଷଧ ଏବଂ ୩୮୮ଟି ନିମ୍ନମାନର ଔଷଧ ଚିହ୍ନଟ କରାଯାଇଛି। ଏଥିସହ ସରକାର ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଔଷଧ ଜବତ କରିଛନ୍ତି। ଏନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାରେ ତଥ୍ୟ ରଖିବା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏଭଳି ସ୍ଥଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନକଲି ମେଡିସିନ୍ ଏବଂ ମେଡିକାଲ ଟର୍ମିନେଶନ୍ ଅଫ୍ ପ୍ରେଗ୍‌ନେନ୍ସି (ଏମ୍‌ଟିପି) କିଟ୍‌ର ଅବୈଧ ବିକ୍ରୟ, ଗର୍ଭପାତ ବଟିକାର ଅପବ୍ୟବହାର ଏବଂ ଅସୁରକ୍ଷିତ ସେଲ୍ଫ-ମେଡିକେଶନ ବିରୋଧରେ ଅଭିଯାନକୁ ତୀବ୍ର କରାଯାଇଛି। ଚଳିତବର୍ଷ ରାଜ୍ୟର ବିଭିନ୍ନ ଜିଲାରେ ୪୦୦ରୁ ଅଧିକ ଚଢାଉ କରାଯାଇ ୨୩୪ଟି ବେଆଇନ ମେଡିସିନ କାରବାର ଠାବ କରାଯାଇଛି। ଏଥିସହ ୫୫ଟି ଦୋକାନ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି କ୍ଷେତ୍ରରେ ଶୂନ ସହନଶୀଳତା ଆଭିମୁଖ୍ୟ ଗ୍ରହଣ କରିବା ସହ ଅସୁରକ୍ଷିତ ଏବଂ ଅନିୟନ୍ତ୍ରିତ ଗର୍ଭପାତ କାର୍ଯ୍ୟକଳାପ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗ ପକ୍ଷରୁ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଉପଯୁକ୍ତ ଲାଇସେନ୍ସ ବିନା ଏମ୍‌ଟିପି କିଟ୍ ଏବଂ ଔଷଧ କାରବାର କରୁଥିବା ଦୁଇଟି ଦୋକାନ ଜବତ କରାଯାଇ ମାମଲା ରୁଜୁ ପାଇଁ ପଦକ୍ଷେପ ଆରମ୍ଭ କରାଯାଇଛି। ସେହିପରି କୋଡିନ୍ ଯୁକ୍ତ କଫ୍ ସିରପ୍ ଏବଂ ନକଲି ଔଷଧ ର୍‍ୟାକେଟ୍ ଉପରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଥିପାଇଁ ସମସ୍ତ ଜିଲାରେ କ୍ଷେତ୍ର ସ୍ତରରେ ସହାୟକ ଔଷଧ ନିୟନ୍ତ୍ରକ, ଔଷଧ ନିରୀକ୍ଷକ, ପୋଲିସ, ଆଇନ ଶୃଙ୍ଖଳା କର୍ତ୍ତୃପକ୍ଷଙ୍କୁ ନେଇ ସମନ୍ୱିତ ପ୍ରୟାସ କରାଯାଉଛି। ସେହିପରି ଔଷଧ ଏବଂ ପ୍ରସାଧନ ଆଇନ ଏବଂ ନିୟମର ବ୍ୟବସ୍ଥା ଅନୁଯାୟୀ ଏମ୍‌ଟିପି କିଟ୍‌ର ଅନଧିକୃତ ବିକ୍ରୟ, ଔଷଧ ଦୋକାନରେ ଫାର୍ମାସିଷ୍ଟଙ୍କ ଅନୁପସ୍ଥିତି, ଏମ୍‌ଟିପି କିଟ୍ ବିକ୍ରୟ ସମ୍ପର୍କରେ ପ୍ରେସ୍‌କ୍ରିପ୍‌ସନ୍ ରେକର୍ଡ ରକ୍ଷଣାବେକ୍ଷଣ ନ କରିବା, ଅବୈଧ ଷ୍ଟକିଂ ଇତ୍ୟାଦି ଉପରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢାଉ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସଞ୍ଚୟ 25 ନଭେମ୍ବର 2025 ଠାରୁ 25 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି 100% ଜିଏସ୍‌ଟି ବେନିଫିଟ୍ ରୁ ସଞ୍ଚୟ (ଏକ୍ସ ଶୋ-ରୁମ୍ ମୂଲ୍ୟ ଓ ତଦ୍‌ଜନିତ ଆର୍‌ଟିଓ ଟ୍ୟାକ୍ସ ରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 1 ବର୍ଷର ଓନ୍ ଡ୍ୟାମେଜ୍ ବୀମା (ଓଡି), ଶୂନ୍ୟ ପିଏଫ୍ ଏବଂ ଓଡି ରେ ସଞ୍ଚୟ ହୁଏତ ଫାଇନାନ୍ସର୍/ଇନ୍‌ସ୍ୟୋରର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଅଲଗା ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

Authorised Dealers for BAJAJ Auto Ltd.: Balasore SURAJ BAJAJ 9124626001 • Bhadrak SHANKAR BAJAJ 9778310777 • Jajpur Road PARIDA BAJAJ 7381012602 • Keonjhar JR BAJAJ 9937697094 / 9439008692• Baripada BALA BAJAJ 9338336111, • Chandikhole TARINI BAJAJ 9937310800 • Pattamundai MAITREE BAJAJ 7064987720/9668801781, • Kendrapara TARINI BAJAJ 8338944471 • Rajnagar MAITREE BAJAJ 7064987720/9668801781 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Jaleswar SURAJ BAJAJ 9124626016, • Markona SURAJ BAJAJ 9124626001 • Basudevpur SHANKAR BAJAJ 9040902802 • Rairangpur BALA BAJAJ 9583777236 • Harichandanpur JR BAJAJ 7008484029.

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ୫୧ତମ ଆନୁଆଲ୍ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ୍ କ୍ୟାମ୍ପସ, ଏମ୍/୧୫ ବକ୍ସି ଜଗବନ୍ଧୁ ନଗର, ସମୟ: ସକାଳ ୮ଟା ୩୦।
- ୩୬ତମ କୋଣାର୍କ ଉତ୍ସବ, ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ, ସ୍ଥାନ: ଚନ୍ଦ୍ରଭାଗା ବିଚ୍, ସମୟ: ସକାଳ ୯ଟା।
- ଶ୍ରୀ ହନୁମାନ ଦେବଙ୍କ ବିଶ୍ୱ ଶାନ୍ତି ମହାଯଜ୍ଞ, ସ୍ଥାନ: ବାଳିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ଶ୍ରୀ ମହାବୀରଙ୍କ ପୀଠ, ସମୟ: ସକାଳ ୯ଟା।
- ସାହିତ୍ୟ ଏକାଡେମୀ ଓ ଶିଶୁଅନନ୍ତ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁଅନନ୍ତ ଜୟନ୍ତୀ, ସ୍ଥାନ: ଶିଶୁଅନନ୍ତ ପୀଠ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ୧୧ତମ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ଟ୍ରେଡ ୟୁନିୟନ୍ ମିଳିତ ମଞ୍ଚ ପକ୍ଷରୁ ଗଣଧାରଣା, ସ୍ଥାନ: ଗାନ୍ଧୀମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ରତ୍ନଚିରା ପବ୍ଲିକେଶନ୍ସ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଆ ସାହିତ୍ୟ ଏକାଡ଼େମୀ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୫ଟା ୩୦।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ, ସ୍ଥାନ: କେଦାରଗୌରୀ ମାର୍ଗ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପ୍ରଚାର ସମିତି ପକ୍ଷରୁ ଭାଗବତ ମହାପୁରାଣ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗଡ ନହରକଣ୍ଟାସ୍ଥିତ ମହାଦେବ ସଭା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମେରା ଭାରତ ମହାନ ଦେଶାତ୍ମବୋଧକ ଗୀତର ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ଜିଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ, ଶଙ୍ଖାରୀ, ଭୋଗରାଇ, ସମୟ: ସକାଳ ୮ଟା ୩୦।
- ବିଶ୍ୱ ଦିବ୍ୟାଙ୍ଗ ଦିବସ, ସ୍ଥାନ: ଖଇରା ପ୍ରାଥମିକ ବିଦ୍ୟାଳୟ ପରିସର, ଖଇରା, ସମୟ: ସକାଳ ୯ଟା।
- ଶ୍ରୀ ଭକ୍ତମାଳା ପ୍ରବଚନ ସଭା ଉଦ୍‌ଯାପନୀ ଦିବସ, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡ଼ିୟମ, ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଦିବ୍ୟାଙ୍ଗ ଦିବସ, ସ୍ଥାନ: ବିଇଓ ଅଫିସ ପରିସର, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପରମିଟ୍ ଫିଲ୍ଡ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଅଲିଭ୍ ରିଡ୍‌ଲେ କଇଁଛ ସଂରକ୍ଷଣ ଓ ସୁରକ୍ଷା ସମ୍ପର୍କିତ ସମନ୍ୱୟ ବୈଠକ, ସ୍ଥାନ: ଡିଏଫ୍ଓ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଉପଲକ୍ଷେ ପଦଯାତ୍ରା, ସ୍ଥାନ: ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ନୂତନ ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ଆର୍ନ୍ତଜାତିକ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଧାମନଗର, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ବାରବାଟିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତିହିଡ଼ି, ସମୟ: ସକାଳ ୯ଟା।
- ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ, ସ୍ଥାନ: ଧାମନଗର ଶ୍ରଦ୍ଧାଳୟ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସାହାଡ଼ା ଲାଲାଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ମାଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ,ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବରେ ଝୁମର ନୃତ୍ୟ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।
- ଇଣ୍ଡିଆନ ଆଇଡଲ-୨୦୨୫ ବିଜେତାଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ: ରାତି ୮ଟା।

**ବ୍ରହ୍ମପୁର**
- ଗୀତା ଜୟନ୍ତୀ, ସ୍ଥାନ: ପ୍ରହ୍ଲାଦ ନଗର ୪ର୍ଥଗଳି, ପୁରୁଣା ବ୍ରହ୍ମପୁର, ସମୟ: ସକାଳ ୭ଟା।
- ଜିଲା ସମୂହ ବିଦ୍ୟାଳୟସ୍ତରୀୟ ବାଳିକା କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବି.ସି.ପ୍ରାଇମେରୀ ସ୍କୁଲ, ସମୟ: ଅପରାହ୍ନ ୨ ଟା। ୩୦।
- ଶ୍ରବଣ ଏସଏଭି ପବ୍ଲିକ ସ୍କୁଲର ବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ସିଟି ହାଇସ୍କୁଲ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ବିଶ୍ୱ ଦିବ୍ୟାଙ୍ଗ ଦିବସ, ସ୍ଥାନ: ଉତ୍କଳ ସିନେମା ଛକ, ସମୟ: ଅପରାହ୍ନ ୫ ଟା ୩୦।

**ଗଞ୍ଜାମ**
- ବ୍ଲକ୍‌ସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଶିଶୁ ଦିବସ ପାଳନ, ସ୍ଥାନ: ଆସିକା ସରକାରୀ ବାଳିକା ହାଇସ୍କୁଲ, ସମୟ: ଅପରାହ୍ନ ୨ଟା।

**କନ୍ଧମାଳ**
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ଶ୍ରୀ ଶ୍ରୀ କାମେଶ୍ୱର ମହାଦେବଙ୍କ ଧରାବତରଣ ଦିବସ, ସ୍ଥାନ: କାମେଶ୍ୱର ମହାଦେବ ମନ୍ଦିର, ମୁଣ୍ଡିଦେଉଳି, ସମୟ: ସକାଳ ୯ଟା।
- ଯୁବ ମହୋତ୍ସବ ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**
- ଗୀତା ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ : ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ମଧ୍ୟାହ୍ନ ୧୨ଟା।

**ଜଗତ୍‌ସିଂହପୁର**
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ଡିଡିଆର୍‌ସି ପରିସର, ନୂଆପୋଲ, ସମୟ: ସକାଳ ୮ଟା।
- ଜଗନ୍ନାଥ ଲଳିତ କଳା ସଂସଦର ସାଂସ୍କୃତିକ ମହୋତ୍ସବ ପଞ୍ଚମ ସନ୍ଧ୍ୟା ନାଟକ 'ସମୟ' ପରିବେଷଣ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ପୁନର୍ବାସ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ଅମର ଉଦ୍ୟାନ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ବ୍ୟାସଶ୍ରୀ କଳାନିକେତନ, ବ୍ୟାସନଗର, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ଯାଜପୁର ମ୍ୟୁନିସିପାଲିଟି ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ରିଜର୍ଭ ପୋଲିସ ଅଫିସ ନୟାଗଡ,ସମୟ:ସକାଳ ୮ଟାରୁ ଅପରାହ୍ନ ୫ଟା।
- ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଣ୍ଟିଲୋ ମାଧବ ଚୌଧୁରୀ ପାଟଣା, ସମୟ: ସକାଳ ୮ଟା ୩୦।
- କନ୍ଧମାଳ ଏମ୍‌ପିଙ୍କ ପକ୍ଷରୁ ଖେଳ ମହୋତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ: ଗଣିଆ କେସି ବିଦ୍ୟାପୀଠ, ସମୟ: ସକାଳ୯ଟା।
- ବାର୍ଷିକ କ୍ରୀଡା ସମାରୋହର ଉଦ୍‌ଯାପନ, ସ୍ଥାନ: ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ, ସମୟ:ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩.୩୦।
- ଖବରଦାତାଙ୍କୁ ମାଡମରା ଘଟଣାରେ ବିକ୍ଷୋଭର ୨ୟ ଦିବସ, ସ୍ଥାନ: ନୟାଗଡ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ,ସମୟ:ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପନ, ସ୍ଥାନ: କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ରାୟଗଡ଼ା**
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ସରକାରୀ ଅପର ପ୍ରାଇମେରୀ ବିଦ୍ୟାଳୟ, ଗୁଡାର, ସମୟ:ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ, ସ୍ଥାନ: ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜୀବିକାକ୍ଷୟ ଗ୍ରାମୀଣସ୍ତରରେ ପରିବେଶ ପୁନରୁଦ୍ଧାର ମାଧ୍ୟମରେ ସୁରକ୍ଷା ଓ ସ୍ଥାନୀୟ ସଂସ୍ଥାମାନ ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ବ୍ଲକ୍‌ସ୍ତରୀୟ ପରବ ଉଦ୍‌ଘାଟନ ଓ ମଶାଲ ଶୋଭାଯାତ୍ରା, ସ୍ଥାନ: କୋଟପାଡ଼ ବ୍ଲକ୍, ସମୟ: ସକାଳ ୮ଟା, ସାଂସ୍କୃତିକ କାର୍ଯ୍ୟକ୍ରମ, ଉଦ୍‌ଯାପନ, ସ୍ଥାନ: କୋଟପାଡ଼ ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ରାତି ୭ଟା।
- କଳିଙ୍ଗ ବୈଶ୍ୟ ସଂଘର ବାର୍ଷିକ ସାଧାରଣ ବୈଠକ ଓ ରକ୍ତଦାନ ଶିବିର, ସ୍ଥାନ: ଗାୟତ୍ରୀ ଯଜ୍ଞ ପଡ଼ିଆ, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ନେଇ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କୋରାପୁଟ, ସମୟ: ସକାଳ ୯ଟା।
- ପଞ୍ଚାୟତସ୍ତରୀୟ ଭୂ-ସମ୍ପଦ ତଥ୍ୟାବଳୀ ଯାତ୍ରା, ସ୍ଥାନ: ଡି. ପାଳିଗୁଡ଼ା,ବୈପାରୀଗୁଡ଼ା ପଞ୍ଚାୟତ, ସମୟ: ସକାଳ ୯ଟା ୩୦।
- ବ୍ଲକ୍‌ସ୍ତରୀୟ ପ୍ରଦର୍ଶନୀ ମେଳା, ସ୍ଥାନ: କୋଟପାଡ଼ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ସ୍ଥାୟୀ ଜୀବନଶୈଳୀ ନେଇ ପ୍ରଦର୍ଶନୀ, ସ୍ଥାନ: ନୋଡାଲ ହାଇସ୍କୁଲ, ବୈପାରୀଗୁଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ, ସ୍ଥାନ: ଏକ୍ସବୋର୍ଡ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର କର୍ମକ୍ଷେତ୍ରରେ ଆଶା ପୂରଣ ହୋଇପାରିବ ଏବଂ ଆର୍ଥିକ ଅଭିବୃଦ୍ଧି ସହ ସମ୍ମାନିତ ହେବେ। ଆତ୍ମୀୟଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆନୁଷ୍ଠାନିକ କାମ, ସଭାସମିତି, ବାଣିଜ୍ୟ ଓ ପରିବହନ ଯଥାରୀତି ଚାଲୁ ରହିବ। ସମ୍ପର୍କୀୟଙ୍କ ସାହାଯ୍ୟ, ଆର୍ଥିକ ଉନ୍ନତି, ବନ୍ଧୁମିଳନ ପାଇଁ ସୁଯୋଗର ସମ୍ଭାବନା ରହିଛି।

**ବୃଷ**
କର୍ମଜଞ୍ଜାଳ ବୃଦ୍ଧି କାରଣରୁ ଅନିଦ୍ରାଜନିତ ପୀଡ଼ା ଅନୁଭବ କରିପାରନ୍ତି। ବ୍ୟସ୍ତତାର ସହ କରିଥିବା ଯାତ୍ରାରେ କୌଣସି ଜିନିଷ ସାଙ୍ଗରେ ନେବାକୁ ଭୁଲି ମନସ୍ତାପ କରିବେ। ଇଚ୍ଛା ନ ଥାଇ ମଧ୍ୟ ଖର୍ଚ୍ଚାନ୍ତ ସାଙ୍ଗକୁ ମନାନ୍ତର ଦୁଶ୍ଚିନ୍ତାର କାରଣ ହେବ । ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେବା ସକାଶେ ଆହୂତ ହୋଇପାରନ୍ତି।

**ମିଥୁନ**
ସ୍ଥଗିତ କାମକୁ ପଡ଼ୋଶୀଙ୍କ ସହାୟତାରେ ସମ୍ପନ୍ନ କରିବାର ମଉକା ଜୁଟିବ। ପାରିବାରିକ କ୍ଷେତ୍ରରେ ବୁଝାମଣା ଭିତ୍ତିରେ କିମ୍ବା ସହମତିରେ କାମ କଲେ ଉପକୃତ ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହେବ। ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିପାରେ।

**କର୍କଟ**
ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ଦିନଟି ଭଲରେ ଅତିବାହିତ ହେବ। ବନ୍ଧୁମିଳନ, ନୂତନ ସମ୍ପର୍କ, ଉଚ୍ଚ ସମ୍ମାନ ପ୍ରାପ୍ତି ମାଧ୍ୟମରେ ଦିନଟି ସ୍ମରଣୀୟ ରହିବ। ଅତୀତର ସମସ୍ୟା ସମୀକ୍ଷା କରି କାର୍ଯ୍ୟପନ୍ଥା ସ୍ଥିର କରିବାକୁ ମନସ୍ଥ କରିପାରନ୍ତି। ନିର୍ମାଣାଧୀନ ଗୃହ କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

**ସିଂହ**
ମାନସିକ ଅସ୍ଥିରତା କାରଣରୁ ସବୁ ଥାଇ କିଛି ନ ଥିବା ପରି ନୈରାଶ୍ୟତା ମଧ୍ୟରେ ସମୟ କଟାଇବେ। ଆଜି ଯେମିତି ଚାହୁଁଛନ୍ତି ଠିକ୍ ସେହିଭଳି କାମ ସମ୍ପନ୍ନ ହେବାରେ ସୁବିଧା ଜୁଟି ନ ପାରେ। ସାମାନ୍ୟ ବଚସାରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାରୁ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇପାରିବ।

**କନ୍ୟା**
ପରିବାରରେ ଲାଗି ରହିଥିବା ସମସ୍ୟା ମାନସିକ ଅଶାନ୍ତିର କାରଣ ହେବ। ଚେଷ୍ଟା କରୁଥିବା କାମ ସକାଶେ ଆନୁଷଙ୍ଗିକ ସୁବିଧା ସୁଯୋଗ ସହକର୍ମୀଙ୍କଠାରୁ ପାଇପାରିବେ। ସାହିତ୍ୟ ଓ ରଚନାତ୍ମକ କାମରେ ସମସ୍ୟା ସମାଧାନ ସଙ୍ଗକୁ ପ୍ରଶଂସା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦ୍ୱିଗୁଣିତ ହେବା କ୍ଷେତ୍ରରେ ଅବହେଳାହିଁ ମୁଖ୍ୟ କାରଣ ହେବ।

**ତୁଳା**
ଦୈହିକ ସୁସ୍ଥତା, ଆର୍ଥିକ ଉନ୍ନତିଜନିତ ପାରିବାରିକ ଜୀବନ ଉପଭୋଗ୍ୟ ରହିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଚଳିତ ହେବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ କିନ୍ତୁ ବିଶେଷ କ୍ଷତି ହେବ ନାହିଁ।

**ବିଛା**
ପ୍ରତ୍ୟେକ କାମ ନିର୍ବିଘ୍ନରେ ସମାପନ ହେବା ସହ ଅଭିଳାଷ ପୂରଣ ହୋଇଯିବ। ପୂର୍ବ ସ୍ଥିରୀକୃତ ନୂଆ ଯୋଜନାକୁ ବାସ୍ତବ ରୂପ ଦେବାର ଯୋଜନା କଲେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତରେ ସମସ୍ୟା ସମାଧାନ କରି ପ୍ରଶଂସିତ ହେବେ। ହଠାତ୍ କୌଣସି ତରବରିଆ ନିଷ୍ପତ୍ତି ନେଇ ପରକ୍ଷଣରେ ଅନୁତାପ କରିବାକୁ ପଡ଼ିପାରେ।

**ଧନୁ**
ଭୁଲ୍ ବୁଝାମଣାରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାଂସ୍କୃତିକ ଉତ୍ସବ ନିମନ୍ତେ ଅନୁରୋଧପତ୍ର ପାଇ ଆନନ୍ଦ ହେବେ। ବ୍ୟବସାୟ ବହୁମୁଖୀ ଆକାର ଧାରଣ କରିବା ସହ ଲାଭବାନ ହେବାର ସୂଚନା ରହିଛି। ଆଜି ଆପଣ ଆରୋଗ୍ୟଲାଭ, ଅର୍ଥ ସଙ୍କଟର ସମାଧାନ, ଶୁଭଖବର ପ୍ରାପ୍ତି ପ୍ରଭୃତି କେତେକ ଶୁଭଫଳ ମଧ୍ୟ ପାଇବେ।

**ମକର**
ପରିସ୍ଥିତିର ବିଷମତା କାରଣରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିପାରେ। ଯାତ୍ରା ସମୟରେ ସତର୍କତା ଅଭାବରୁ ଆଘାତ ଲାଗିବାର ସୂଚନା ରହିଛି। କର୍ମକ୍ଷେତ୍ର କିମ୍ବା ବନ୍ଧୁମିଳନ ପରିସରରେ ଅଜଣା ଲୋକଟି ଦ୍ୱାରା ହଇରାଣ ହେବାକୁ ପଡ଼ିପାରେ। ବ୍ୟବସାୟିକ ଦୃଷ୍ଟିକୋଣରୁ କିମ୍ବା କର୍ମାରମ୍ଭ ସକାଶେ ଦିନଟି ବହୁତ ଭଲ।

**କୁମ୍ଭ**
ସାହାଯ୍ୟ ସହଯୋଗ ଲାଭକରି ଦୀର୍ଘଦିନରୁ ଅଟକି ରହିଥିବା କାମ ଆରମ୍ଭକରିବାକୁ ମନ ବଳାଇବେ। ନୀଚ ମନୋଭାବାପନ୍ନ ବ୍ୟକ୍ତିବିଶେଷଙ୍କ ସହ ଯୁକ୍ତିତର୍କ କରି ଅସମ୍ମାନିତ ହୋଇପାରନ୍ତି। ସ୍ତ୍ରୀଙ୍କ ସାହାଯ୍ୟ ଓ ଦୂରଦର୍ଶିତାରୁ ମନୋବଳ ବୃଦ୍ଧି ପାଇବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ ଅଭିଳାଷ ଅପୂରଣ ରହିଯାଇପାରେ।

**ମୀନ**
ଜଣେ ହିତୈଷୀ ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ ନେଇ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍‌ସନ ଲାଗି ରହିଥିଲେ ମଧ୍ୟ ପାରିବାରିକ ଜୀବନ ପ୍ରଭାବିତ ହେବନାହିଁ। ଛୋଟ କଥାକୁ ମୋଟ କରି କଳହକୁ ଆମନ୍ତ୍ରଣ କରିପାରନ୍ତି ।

ଆଜି ଡିସେମ୍ବର ୩ ତାରିଖ, ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ, ମାର୍ଗଶିର ଶୁକ୍ଳପକ୍ଷର ପାଷାଣ ଚତୁର୍ଦ୍ଦଶୀ ବୁଧବାର। ଗୀତା ଜୟନ୍ତୀ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୦ମି. ଗତେ ଘ.୦୮.୨୦ମି. ମଧ୍ୟେ, ଘ.୧୦.୩୧ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଦିବା ଘ.୧୧.୩୬ମି. ଗତେ ଘ.୧୨.୫୮ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

## ବିବାଦ ଘେରରେ...

ଏହାକୁ ଏକ ସ୍ନୁପିଙ୍ଗ (ଗୁପ୍ତଚରଗିରି) ଆପ୍ ବୋଲି କହିଥିଲା। ଏହାକୁ ତୁରନ୍ତ ଫେରାଇ ନେବା ଲାଗି ବିରୋଧୀ ଦଳ ଦାବି କରିଥିଲା। ସଞ୍ଚାର ସାଥୀ ଏକ ସ୍ନୁପିଙ୍ଗ ଆପ୍ ଏବଂ ଏହା କୌତୂହଳପ୍ରଦ। ନାଗରିକମାନଙ୍କ ପ୍ରିଭେସୀ ଅଧିକାର ରହିଛି। ପରିବାର ଓ ବନ୍ଧୁମାନଙ୍କୁ ବାର୍ତ୍ତା ପଠାଇବାର ପ୍ରିଭେସି ଅଧିକାର ପ୍ରତ୍ୟେକଙ୍କ ରହିଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଖବରଦାତାମାନଙ୍କୁ କହିଛନ୍ତି। ସରକାର ଦେଶକୁ ଏକଛତ୍ରବାଦ ଆଡ଼କୁ ନେଇଯାଉଛନ୍ତି। ସେମାନେ ଏହା ଉପରେ ଆଲୋଚନା ପାଇଁ ଚାହୁଁନାହାନ୍ତି, ଯେଉଁଥିପାଇଁ ପାର୍ଲାମେଣ୍ଟ କାର୍ଯ୍ୟ କରୁନାହିଁ ବୋଲି ପ୍ରିୟଙ୍କା କହିଛନ୍ତି। ଭାରତ ଏକ ସର୍ଭିଲାନ୍ସ ଷ୍ଟେଟ୍‌ରେ ପରିଣତ ହୋଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେଓ୍ୱାଲା କହିଛନ୍ତି। ସଞ୍ଚାର ସାଥୀ ଆପ୍ ସଂଯୋଗ ଉପରେ ଆଲୋଚନା ପାଇଁ ପୂର୍ବରୁ କଂଗ୍ରେସ ଏମ୍‌ପି ରେଣୁକା ଚୌଧୁରୀ ରାଜ୍ୟ ସଭାରେ ମୁଲତବୀ ପ୍ରସ୍ତାବ ଆଣିଥିଲେ। ଗୃହର ଅନ୍ୟ ସମସ୍ତ କାର୍ଯ୍ୟକୁ ବନ୍ଦ ରଖି ରୁଲ୍ ୨୬୭ ଅନୁଯାୟୀ ସଞ୍ଚାର ସାଥୀ ସଂଯୋଗ ନିର୍ଦ୍ଦେଶ ଉପରେ ଆଲୋଚନା କରିବାକୁ ସେ ଦାବି କରିଥିଲେ।

ସଞ୍ଚାର ସାଥୀ ପ୍ରସଙ୍ଗକୁନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ମଙ୍ଗଳବାର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଲୋକଙ୍କ ସ୍ୱରକୁ ଚାପିଦେବା ପାଇଁ ଭାଜପାର ଏହା ଆଉ ଏକ ଉଦ୍ୟମ, ଯାହା ଏକଛତ୍ରବାଦ ସଦୃଶ ବୋଲି ଖାର୍ଗେ କହିଛନ୍ତି। ଦେଶର ନାଗରିକ ଏବଂ ବିଭିନ୍ନ ଷ୍ଟେକ୍‌ହୋଲ୍ଡରମାନଙ୍କୁ ବିଶ୍ୱାସକୁ ନ ନେଇ ଉକ୍ତ ଆପ୍‌କୁ ମୋବାଇଲ୍ ଫୋନ୍ ବିକ୍ରି ପୂର୍ବରୁ ଲୋଡ୍ କରିବା ପାଇଁ କେନ୍ଦ୍ର ସରକାର ଏକତରଫା ନିର୍ଦ୍ଦେଶ ଦେଇଛନ୍ତି। ବନ୍ଧୁ ଓ ପରିବାର ସଦସ୍ୟଙ୍କ ସହ ନାଗରିକମାନଙ୍କ କଥାବାର୍ତ୍ତାକୁ ସରକାର କ'ଣ ପାଇଁ ଜାଣିବାକୁ ଚାହୁଁଛନ୍ତି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ଏହା ପ୍ରଥମ ଥର ଘଟୁନାହିଁ। ଆମ ଡିଜିଟାଲ ଜୀବନକୁ ୨୪ ଘଣ୍ଟିଆ ମନିଟରିଂ ଜୋନ୍‌ରେ ପରିଣତ କରିବା ପାଇଁ ଆୟକର ଆଇନକୁ ଭାଙ୍ଗି ଦିଆଯାଇଛି। ପ୍ରତ୍ୟେକ କ୍ଲିକ୍, ଚାଟ୍ ଏବଂ ପେମେଣ୍ଟ ବିନା ସହମତିରେ ଧରାପଡୁଛି। ଡିପିଡିପି ଆଇନ ୨୦୨୩ର ଧାରା ୮(୧)(ଜେ) ଦ୍ୱାରା ସୂଚନା ଜାଣିବା ଅଧିକାର (ଆର୍‌ଟିଆଇ)କୁ ଚାପିଦିଆଯାଇଛି, ଯେଉଁଥିରେ କମ୍ ପ୍ରଶ୍ନ, କମ୍ ଉତ୍ତରଦାୟିତ୍ୱ ଏବଂ ଅଧିକ ଅନ୍ଧକାର ରହିଛି। ପେଗାସସ୍ ଦୁର୍ନୀତିରେ ଶତାଧିକ ଭାରତୀୟ ବିରୋଧୀ ଦଳ ନେତା, ବିଚାରପତି, ଖବରଦାତା, ଏପରିକି କେନ୍ଦ୍ରମନ୍ତ୍ରୀଙ୍କ ଉପରେ ଗୁପ୍ତଚରଗିରି କରାଯାଇଥିବାର ପ୍ରମାଣ ରହିଛି ବୋଲି ଖାର୍ଗେ କହିଛନ୍ତି। ତେବେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରିଭେସି ଚିନ୍ତା ବଢ଼ିବା ପରେ ପାର୍ଲାମେଣ୍ଟ ବାହାରେ ସିନ୍ଧିଆ ଗଣମାଧ୍ୟମକୁ କହିଛନ୍ତି, ଆପଣମାନେ ଚାହୁଁ ନ ଥିଲେ ଡିଲିଟ୍ କରିପାରନ୍ତି। ତେବେ ଏହି ଆପ୍ ଜାଲିଆତି ଓ ଚୋରିରୁ ସୁରକ୍ଷା ଦେବା ପାଇଁ ରହଥିବା ସମସ୍ତେ ଜାଣନ୍ତି ନାହିଁ ବୋଲି ସେ କହିଛନ୍ତି।

## ନିର୍ଦ୍ଦେଶ ମାନିବନି...

ସଂସ୍ଥା ସହ ଆପଲ୍‌ର କୋର୍ଟରେ ଲଢ଼େଇ ଚାଲିଥିବାରୁ ଏହି ଆପ୍ ନିର୍ଦ୍ଦେଶନାମା ଅଟକି ରହିବ ବୋଲି ଗୋଟିଏ ସୂତ୍ରରୁ କୁହାଯାଇଛି। ଉକ୍ତ ମାମଲାରେ ଆପଲ୍ ୩୮ ବିଲିୟନ ଡଲାର ଜରିମାନାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଅନ୍ୟ ଏକ ସୂତ୍ର ଅନୁଯାୟୀ ଆପଲ୍ ଉକ୍ତ ନିର୍ଦ୍ଦେଶନାମାକୁ ନେଇ କୋର୍ଟକୁ ଯିବା ଯୋଜନାରେ ନାହିଁ କିମ୍ବା ଜନସାଧାରଣଙ୍କ ମତାମତ ନେବାର ନାହିଁ। ତେବେ ସୁରକ୍ଷାଗତ ସମସ୍ୟା କାରଣରୁ ଆପଲ୍ ଉକ୍ତ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିପାରିବ ନାହିଁ ବୋଲି ସରକାରଙ୍କୁ ଜଣାଇଦେବ।

ଆପଲ୍, ସାମ୍‌ସଙ୍ଗ, ସାଓମି ଆଦି ସମସ୍ତ ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀଙ୍କୁ ଫୋନ୍ ବିକ୍ରି ପୂର୍ବରୁ ୯୦ ଦିନ ମଧ୍ୟରେ ସେଥିରେ ସଞ୍ଚାର ସାଥୀ ଆପ୍ ସଂଯୋଗ କରିବାକୁ ଟେଲିକମ୍ ବିଭାଗ ନିର୍ଦ୍ଦେଶ ଦେଇଥିଲା। ଯେଉଁ ଫୋନ୍‌ଗୁଡ଼ିକ ଯୋଗାଣ ଶୃଙ୍ଖଳରେ ରହିଛି, ସେଥିରେ ସଫ୍ଟୱେର ଅପ୍‌ଡେଟ୍ ଜରିଆରେ ଏହି ଆପ୍ ଇନ୍‌ଷ୍ଟଲ କରିବାକୁ କୁହାଯାଇଥିଲା। ରଏଟର ପ୍ରଥମେ ଏହି ଖବର ପ୍ରକାଶ କରିଥିବାବେଳେ ଟେଲିକମ୍ ମନ୍ତ୍ରଣାଳୟ ପରେ ସ୍ପଷ୍ଟ କରିଥିଲା। ତେବେ ଚୋରି ହୋଇଥିବା ଫୋନକୁ ଠାବକରିବା, ସେଗୁଡ଼ିକୁ ବ୍ଲକ କରିବା ଓ ଦୁରୁପଯୋଗକୁ ରୋକିବା ଏହି ଆପ୍‌ର ଉଦ୍ଦେଶ୍ୟ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧୀ ଦଳ ଏବଂ ପ୍ରିଭେସି ସପକ୍ଷବାଦୀମାନେ ବିରୋଧ କରିଛନ୍ତି। ସରକାର ଦେଶର ୭୩୦ ନିୟୁତ ସ୍ମାର୍ଟଫୋନ୍‌ର ତଥ୍ୟ ଜାଣିବାକୁ ଏହା ଏକ ମାଧ୍ୟମ ବୋଲି ବିରୋଧୀ କହିଛନ୍ତି।

## ନକଲି ଔଷଧ...

ଟ୍ରବ୍‌ଲ ବୋଲି କୁହାଯାଏ। ନକଲି ଔଷଧରେ ଔଷଧର ଗୁଣ କିଛି ନ ଥିବାରୁ ରୋଗୀଟିଏ ଯେଉଁ ରୋଗ ପାଇଁ ଔଷଧ ଖାଏ ସେଥିରେ କିଛି ଲାଭ ମିଳେନାହିଁ। ସେହିପରି ଏହାକୁ ଖାଇବା ଦ୍ୱାରା ସେଥିରେ ଥିବା ଖରାପ ଉପାଦାନ ବା କେମିକାଲ ରୋଗୀ ଶରୀରକୁ ଯାଇ ଲିଭର, କିଡ୍‌ନୀ, ବ୍ରେନ୍, ହାର୍ଟକୁ ସଂକ୍ରମିତ କରିବାର ଅଧିକ ଆଶଙ୍କା ରହିଛି। ତେବେ ଅନ୍‌ଲାଇନ୍‌ରେ ମିଳୁଥିବା ଔଷଧ ଠିକ୍ କି ନକଲି ତାହା ଜାଣିବାର କୌଣସି ଉପାୟ ନାହିଁ। ତେଣୁ ସରକାରୀ ଅନୁମୋଦିତ କେନ୍ଦ୍ର ଜନଔଷଧୀ କେନ୍ଦ୍ର, ନିରାମୟ କିମ୍ବା ଦୀର୍ଘବର୍ଷ ଧରି ରହିଥିବା ଔଷଧ ଦୋକାନୀଙ୍କଠାରୁ ଔଷଧ କିଣିବାକୁ ଲୋକଙ୍କୁ ସଚେତନ କରାଯାଉଛି। ଜଣେ ସାଧାରଣ ରୋଗୀ ନକଲି ଔଷଧକୁ ଚିହ୍ନଟ କରିପାରିବ ନାହିଁ। ଏହା କେବଳ ଡ୍ରଗ୍ ଇନ୍ସପେକ୍ଟର ଓ ଡ୍ରଗ୍ କଣ୍ଟ୍ରୋଲର ଜାଣି ପାରିବେ। ତେଣୁ ରାଜ୍ୟରେ ନକଲି ଔଷଧ ଚିହ୍ନଟ କରିବା ନେଇ ଆହୁରି ବ୍ୟାପକ ପଦକ୍ଷେପ ନିଆଯିବା ସହିତ ଦଣ୍ଡବିଧାନକୁ କଡାକଡି କରିବା ଆବଶ୍ୟକ ବୋଲି ପ୍ରଫେସର ପଟ୍ଟନାୟକ ମତ ରଖିଛନ୍ତି।

## ଭଡ଼ାଘରେ ଚାଲିଛି...

ତ୍ୱରାନ୍ୱିତ କରିବା ପାଇଁ ୩୯ କୋଟି ୮୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟକୁ ନିୟମିତ ସମୀକ୍ଷା ତଥା ତଦାରଖ କରିବା ଲାଗି ଜିଲାପାଳ, ଜିଲା ପରିଷଦ, ବିଡ଼ିଓ ଓ ସିଡ଼ିପିଓମାନଙ୍କୁ କୁହାଯାଇଛି। ବିଭାଗୀୟ ତଥ୍ୟ ଅନୁସାରେ, ରାଜ୍ୟର ୩୦ ଜିଲାରେ ମୋଟ ୭୪ହଜାର ୨୨୪ଟି ଅଙ୍ଗନଓ୍ୱାଡି କେନ୍ଦ୍ର ରହିଥିବା ବେଳେ ୫୪ହଜାର ଅଙ୍ଗନଓ୍ୱାଡି କେନ୍ଦ୍ରର ନିଜସ୍ୱ ଘର ରହିଛି ଓ ୨୦ହଜାର ୧୫୦ଟି ଅଙ୍ଗନଓ୍ୱାଡି କେନ୍ଦ୍ର ଭଡା ଘରେ ଚାଲୁଛି। ସେଥିରୁ ୭ହଜାର ୩୮୯ଟି ଅଙ୍ଗନଓ୍ୱାଡି କେନ୍ଦ୍ର ନିର୍ମାଣଧୀନ ଅବସ୍ଥାରେ ରହିଛି। ବାଲେଶ୍ୱର ଜିଲାରେ ସର୍ବାଧିକ ୧୭୫୫ଟି କେନ୍ଦ୍ର ଭଡ଼ା ଘରେ ଚାଲୁଥିବାବେଳେ ଦ୍ୱିତୀୟ ସ୍ଥାନରେ କଟକ ଜିଲାର ୧୫୨୪ଟି ଅଙ୍ଗନଓ୍ୱାଡି କେନ୍ଦ୍ର ରହିଛି। ସେହିପରି ସୁନ୍ଦରଗଡ଼ରେ ୧୨୧୭, ପୁରୀରେ ୧୦୭୯, ମୟୂରଭଞ୍ଜରେ ୧୦୫୦, ଯାଜପୁରରେ ୧୦୭୮ ଏବଂ ଗଞ୍ଜାମରେ ୧୩୫୬ଟି ଓ ଦେବଗଡରେ ସର୍ବନିମ୍ନ ୨୮ଟି ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଭଡ଼ା ଘରେ ଚାଲିଛି। ସେହିପରି ଗଞ୍ଜାମରେ ସର୍ବାଧିକ ୭୫୪ଟି ଅଙ୍ଗନଓ୍ୱାଡି କେନ୍ଦ୍ର ନିର୍ମାଣଧୀନ ରହିଥିବା ବେଳେ କଟକରେ ସର୍ବନିମ୍ନ ୭ଟି ନିର୍ମାଧୀନ ଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ୧୬ ସ୍ଥାନରେ ନଦୀଜଳ...

ଘଟୁଥିବା ଆକଳନ କରାଯାଇଛି। ଏହି ଅବବାହିକାରେ ଜଳ ପ୍ରଦୂଷଣ ରୋକିବା ପାଇଁ ବୋର୍ଡ ଏବଂ ସରକାରଙ୍କ ପକ୍ଷରୁ କ୍ରମାଗତ ଭାବେ ସମ୍ପୃକ୍ତ ପୌରାଞ୍ଚଳ ଅଧିକାରୀମାନଙ୍କୁ ଅବଗତ କରାଇ ନଦୀଜଳର ପ୍ରଦୂଷଣ ନିରାକରଣ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି। ଏହାସହିତ ସମ୍ପୃକ୍ତ ଜିଲା ପ୍ରଶାସନ, ରାଜ୍ୟ ଗୃହ ଓ ଉନ୍ନୟନ ବିଭାଗ, ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ, ରାଜ୍ୟ ଜଳଯୋଗାଣ ଓ ପରିମଳ ପରିଷଦକୁ ମଧ୍ୟ ପଦକ୍ଷେପ ନେବାକୁ ଅନୁରୋଧ କରାଯାଉଛି। ଜୁନ୍ ୨୦୨୩ରୁ ଅନୁଗୋଳ, ବାଲେଶ୍ୱର, ବରଗଡ଼, ଛତ୍ରପୁର, ଢେଙ୍କାନାଳ, ହିଞ୍ଜିଳିକାଟୁ, ଜଟଣୀ, ଯାଜପୁର, କେନ୍ଦୁଝର, କୋରାପୁଟ ଓ ନୟାଗଡ଼ରେ ଗ୍ରେ ୱାଟର ମ୍ୟାନେଜ୍‌ମେଣ୍ଟ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ପର୍ଯ୍ୟାୟକ୍ରମେ ଅନ୍ୟ ସହର ଗୁଡ଼ିକରେ କାର୍ଯ୍ୟକାରୀ କରାଯିବା ଯୋଜନା ରହିଛି ବୋଲି ଜଙ୍ଗଲ ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ୧୧୫ଟି ସହରାଞ୍ଚଳରେ ୧୨୦ ଗୋଟି ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ରହିଛି, ଯାହାର କ୍ଷମତା ୨୦୮୭ କେଏଲ୍‌ଡି ବୋଲି ମନ୍ତ୍ରୀ ଖୁଣ୍ଟିଆ କହିଛନ୍ତି।

## ୫ ବନ୍ଧୁକ, ୩୫ ଖଣ୍ଡା...

ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ବଡମାରେନ୍‌ସ୍ଥିତ ଟୁରିଟୋଲା ବସ୍ତିରେ ଅଭିଯୁକ୍ତ ସୁନୀଲ ସପରିବାର ରୁହନ୍ତି। ସେ ସୋମବାର ରାତି ପ୍ରାୟ ସାଢେ ୯ଟା ସମୟରେ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଥିବା ଶଙ୍ଖ ସେତୁ ନିକଟରେ କେତେଜଣ ଅପରାଧୀଙ୍କୁ ମାରଣାସ୍ତ୍ର ଯୋଗାଇ ଦେବାକୁ ଯାଇଥିଲେ। ଏହା ପୂର୍ବରୁ କୌଣସି ବିଶେଷ ସୂତ୍ରରୁ ସୂଚନା ପାଇ ପୋଲିସ ଶଙ୍ଖ ସେତୁ ନିକଟରେ ଛକି ରହିଥିଲେ। ପୋଲିସକୁ ଦେଖି ସୁନୀଲ ଘଟଣାସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ତାଙ୍କଠାରୁ ୩ଟି ଗୁଳି ବୋଝେଇ ଗୋଟିଏ ଦେଶୀ ପିସ୍ତଲ ଜବତ କରାଯାଇଥିଲା। ସୁନୀଲଙ୍କୁ ପଚରାଉଚୁରା ବେଳେ ସେ ଝାଡ଼ଖଣ୍ଡରୁ ଅସ୍ତ୍ରଶସ୍ତ୍ର ଏବଂ ଗୁଳି ସଂଗ୍ରହ କରି ରାଉରକେଲା ଓ ସୁନ୍ଦରଗଡ଼ର ବିଭିନ୍ନ ଗ୍ରାହକଙ୍କୁ ବିକ୍ରି କରୁଥିଲେ। ସେ ତାଙ୍କ ଭଡା ଘରେ କିଛି ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବା ପୋଲିସକୁ କହିଥିଲେ। ଏହାପରେ ପୋଲିସ କୁଆଁରମୁଣ୍ଡା ଟୁଟିଆଟୋଲାସ୍ଥିତ ତାଙ୍କ ଭଡା ଘରେ ଯାଞ୍ଚ କରି ଗୋଟିଏ ଦେଶୀ ପିସ୍ତଲ, ୨ଟି ଦେଶୀ ସିଙ୍ଗଲ ସଟ୍, ଗୋଟିଏ କାଠ ଗ୍ରୀପ୍ ଥିବା ରିଭଲଭର, ପ୍ଲାଷ୍ଟିକ ବସ୍ତାରେ ବୋଝେଇ ହୋଇଥିବା ୩୫ଟି ଖଣ୍ଡା ଜବତ କରିଥିଲା। ସୂଚନାଯୋଗ୍ୟ, ସୁନୀଲ ପୂର୍ବରୁ ବହୁ ଆପରାଧିକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତାଙ୍କ ନାଁରେ ବିଭିନ୍ନ ଥାନାରେ ୨୧ଟି ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ୨୦୨୧ରେ ବନ୍ଧମୁଣ୍ଡାରେ ପୋଲିସ ସୁନୀଲଙ୍କୁ ଗୁଳି କରିଥିବାବେଳେ କିଛିବର୍ଷ ବ୍ୟବଧାନ ପରେ ପୁଣି ସେ ଆପରାଧିକ କାର୍ଯ୍ୟ କରିଥିଲେ ବୋଲି ଏସ୍‌ପି ୱାଧୱାନି ସୂଚନା ଦେଇଥିଲେ।

## ଉପାନ୍ତ ଅଞ୍ଚଳରେ ଶାଶୁ...

ସେଥିପାଇଁ ପ୍ରତିଦିନ ସସ୍ମିତା ଜଙ୍ଗଲ ରାସ୍ତାରେ ଚାଲି ଚାଲି ଯାଇ ଆଣନ୍ତି ପିଲାଙ୍କ ଖାଦ୍ୟ ସାମଗ୍ରୀ ; ଯାହା ନିଶ୍ଚିତ ଭାବେ କଷ୍ଟଦାୟକ। ହେଲେ ଛୋଟ ପିଲାଙ୍କ ଶିକ୍ଷା ପାଇଁ ସେ କଷ୍ଟକୁ ପାସୋରି ଦେଇଥିବା କହିଛନ୍ତି। ସସ୍ମିତାଙ୍କୁ ଏହି କାମରେ ତାଙ୍କ ଶାଶୁ ବିଜୟା ସାହାଯ୍ୟ କରୁଛନ୍ତି। ସସ୍ମିତା ଗାଁ ପିଲାଙ୍କ ପେଟ ପୂରାଇବା ପାଇଁ ନିଜର ଛୋଟ ଝିଅକୁ ଅଣ୍ଟାରେ ଜାବୁଡ଼ି ଧରି ବିପଦପୂର୍ଣ୍ଣ ଭାବେ ଜଙ୍ଗଲ ପାହାଡ଼ ଡେଇଁଯାଇଥାନ୍ତି।

ଗାଁଠାରୁ ୩ କି.ମି. ଦୂରରେ ରହିଛି ବାରବାଙ୍କ ଅଙ୍ଗନଓ୍ୱାଡି କେନ୍ଦ୍ର, ଯାହାକି ଜଙ୍ଗଲ ଓ ପାହାଡ଼ ଆର ପାଖରେ। ଉମ୍ବରୁଝରଣ, ବାଘମୁଣ୍ଡା ଗ୍ରାମ ସମେତ ଅନ୍ୟ ଗ୍ରାମର ପିଲାମାନେ ପାହାଡ଼ ଚଢ଼ି ସେହି ଅଙ୍ଗନଓ୍ୱାଡି କେନ୍ଦ୍ର ଯିବା କଷ୍ଟକର। ସେଥିପାଇଁ ଅଭିଭାବକମାନେ ପିଲାଙ୍କୁ ସେଠାକୁ ଛାଡ଼ିବାକୁ ନାରାଜ। ଛୋଟ ଛୋଟ ପିଲା ଯେପରି ଶିକ୍ଷାରୁ ବଞ୍ଚିତ ନ ରୁହନ୍ତୁ ସେହି ଉଦ୍ଦେଶ୍ୟରେ ସସ୍ମିତା ନିଜ ଘରେ ୧୭ ଜଣ କୁନି ପିଲାଙ୍କୁ ପଢ଼ାଉଛନ୍ତି। ସସ୍ମିତାଙ୍କ ଏପରି ସେବାମୂଳକ କାର୍ଯ୍ୟ ବାବଦରେ ବାରବାଙ୍କ ଅଙ୍ଗନଓ୍ୱାଡି କେନ୍ଦ୍ର କର୍ମୀ ଶାନ୍ତିଲତା ଗିଲୁଆଙ୍କୁ ପଚାରିବାରୁ ଶିଶୁମାନଙ୍କ ସେବା ପାଇଁ ସସ୍ମିତା ଏଭଳି ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସସ୍ମିତାଙ୍କ ଏଭଳି ପ୍ରଶଂସନୀୟ କାର୍ଯ୍ୟ ଦେଖି ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ ପ୍ରତି ମାସରେ ହଜାରେ ଟଙ୍କା ଲେଖାଏ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ହୋଇଥିଲା। ଅଦ୍ୟାବଧି ସେ ମାତ୍ର ୧୦ ହଜାର ଟଙ୍କା ପାଇଛନ୍ତି। ଏବେ ତାଙ୍କୁ ଆଉ ଟଙ୍କା ମିଳୁନାହିଁ। ଟଙ୍କାକୁ ଲୋଭ ନ କରି ନିଜ ପିଲା ଭାବି ସେବାକରି ଚାଲିଛନ୍ତି ବୋଲି ସସ୍ମିତା କହିଛନ୍ତି।

## ଉଗଢ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗସ୍ତି ଦେଲେ ଦାନ,
କଞ୍ଚା ଗୁଆ ପୋଚା ପାନ।**

କୃପଣ ବ୍ୟକ୍ତି କାହାରିକୁ ମୁକ୍ତ ହସ୍ତରେ ଦାନ ଦେଇ ନ ଥାନ୍ତି। ଯେତେ ଥିଲେ ମଧ୍ୟ ସେ ସବୁ ସରିଯିବା ଭୟରେ ଦେବା ଲାଗି କୁଣ୍ଠା ପ୍ରକାଶ କରିଥାନ୍ତି। ଯଦି ବି ପରିସ୍ଥିତିରେ ପଡ଼ି ବା ବାଧ୍ୟବାଧକତାରେ କିଛି ଦେବାକୁ ପଡେ ତେବେ ବାଛି ବାଛି ସବୁଠାରୁ ଖରାପ କିମ୍ବା ଅଦରକାରୀ ଜିନିଷକୁ ଦେଇ ନିଜର ଦାତାପଣିଆ ଦେଖେଇ ହୋଇଥାନ୍ତି। କୃପଣ ବ୍ୟକ୍ତିର ହୀନ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଜାଗା ଘା' ଦେଖି ହୁଏନାହିଁ
କି ଦେଖାଇ ହୁଏନାହିଁ।**

ଲଜ୍ଜାଜନକ କଥାକୁ ସହଜରେ ଅନ୍ୟ ଆଗରେ କହି ହୋଇ ନ ଥାଏ। କୌଣସି ଅପ୍ରକାଶ୍ୟ ଘଟଣା ଅନ୍ୟ ଆଗରେ କହିବା ନେଇ ମନରେ ଲଜ୍ଜା ବା ସଙ୍କୋଚ ଭାବ ସୃଷ୍ଟି ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୬୦ ହଜାର ଟଙ୍କା ଫେରାଇଲେ ଅଟୋ ଚାଳକ


ଅଟୋ ଚାଳକ ଟୁକୁନା ଥାନାରେ ଟଙ୍କା ଫେରାଉଛନ୍ତି।

**ଦିଗପହଣ୍ଡି, ୨।୧୨ (ଅଶେଷ ନାଥ ମିଶ୍ର)**

ଜଣେ ଯାତ୍ରୀଙ୍କ ଟଙ୍କା ଭର୍ତ୍ତି ବ୍ୟାଗ ଫେରାଇ ଅଟୋଚାଳକ ମହାନତାର ପରିଚୟ ଦେଇଛନ୍ତି। ସେ ହେଲେ ସାନଖେମୁଣ୍ଡି ବ୍ଲକ୍ ପାଟପୁର ଥାନା ଅନ୍ତର୍ଗତ ପଳାସପୁର ଇନ୍ଦିରା ଆବାସ ଗ୍ରାମରେ ରହୁଥିବା ଟୁକୁନା ସେଠୀ। ପାଟପୁର ଥାନା ଚିନ୍ତାଖାଲି ଗ୍ରାମର ଏମ୍.ସୂର୍ଯ୍ୟ ନାରାୟଣ ଦୋରା ସୋମବାର ସନ୍ଧ୍ୟାରେ ବ୍ରହ୍ମପୁରରୁ ଦିଗପହଣ୍ଡି ଫେରିବା ପରେ ଚିନ୍ତାଖାଲି ଗ୍ରାମକୁ ଏକ ଯାତ୍ରୀବାହୀ ଅଟୋ ଯୋଗେ ଯାଇ ଟୁଡୁଙ୍ଗପୁରରେ ଓହ୍ଲାଇଥିଲେ। ସେ ସାଙ୍ଗରେ ଆଣିଥିବା ବ୍ୟାଗକୁ ଅଟୋରେ ଛାଡ଼ି ଚାଲିଯାଇଥିଲେ। ବ୍ୟାଗରେ ସୂର୍ଯ୍ୟ ନାରାୟଣ ୬୦ ହଜାର ଟଙ୍କା ରଖିଥିଲେ। ଘରେ ପହଞ୍ଚି ଟଙ୍କା ବ୍ୟାଗ ଆଣି ନ ଥିବା ଜାଣି ସେ ବ୍ୟସ୍ତ ହୋଇ ପଡ଼ିଥିଲେ। ଅଟୋ ଚାଳକଙ୍କ ଠିକଣା କିମ୍ବା ଅଟୋ ନମ୍ବର ଜାଣି ନ ଥିବାରୁ ଟଙ୍କା ଫେରିପାଇବା ଆଶା ଛାଡି ଦେଇଥିଲେ। ତଥାପି ସୂର୍ଯ୍ୟ ନାରାୟଣ ଅଟୋର ସନ୍ଧାନ ପାଇବା ପାଇଁ ଦିଗପହଣ୍ଡି ଥାନାରେ ପହଞ୍ଚିଥିଲେ। ଅଟୋ ଚାଳକ ଟୁକୁନା ଘରେ ପହଞ୍ଚି ଅଟୋ ରଖିବା ବେଳେ କେହି ଯାତ୍ରୀ ତାଙ୍କ ଅଟୋରେ ଟଙ୍କା ଭର୍ତ୍ତି ବ୍ୟାଗଟି ଛାଡି ଯାଇଥିବା ଦେଖିଥିଲେ। ସଙ୍ଗେସଙ୍ଗେ ସେ ଟଙ୍କା ଫେରାଇବାକୁ ଥାନାରେ ପହଞ୍ଚିଥିଲେ। ସେତେବେଳେ ସୂର୍ଯ୍ୟ ନାରାୟଣ ଥାନାକୁ ଜଣାଇବାକୁ ଯାଇ ସେଠାରେ ଉପସ୍ଥିତ ଥିଲେ। ଏସ୍‌ଆଇ ସୋଫିଆ ମିଶ୍ରଙ୍କ ଉପସ୍ଥିତିରେ ଟୁକୁନା ଟଙ୍କା ଭର୍ତ୍ତି ବ୍ୟାଗକୁ ଯାତ୍ରୀ ସୂର୍ଯ୍ୟ ନାରାୟଣଙ୍କୁ ହସ୍ତାନ୍ତର କରିଥିଲେ।

# ହାତୀ ଆକ୍ରମଣରେ ଯୁବକ ମୃତ


ଉପଦ୍ରବ କରୁଥିବା ହାତୀପଲ

**କେନ୍ଦୁଝର, ୨।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

## ଅନ୍ୟ ଜଣେ ଗୁରୁତର

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନାହିଁ। ହାତୀ ଭୟରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୋମବାର ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି।

ମୃତ ଯୁବକ ଜଣଙ୍କ ହେଲେ ତେଲକୋଇ ଥାନା ସଲେଇକେନା ପଞ୍ଚାୟତ ଅନ୍ତର୍ଗତ ରୁଗୁଡିହି ଗ୍ରାମର ଚକ୍ରଧର ମହାରଣା(୨୧)। ସେହି ଗ୍ରାମର ବିଜୁ ମୁଣ୍ଡା (୨୧) ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରାତିରେ ଚକ୍ରଧର ଧାନ ଫସଲର ସୁରକ୍ଷା ପାଇଁ ନିଜ ବିଲକୁ ଯାଇଥିଲାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ସେହିପରି ମଙ୍ଗଳବାର ସକାଳେ ଦନ୍ତା ହାତୀଟି ଗ୍ରାମରେ ପଶି ଘର ଅଗଣାରେ ଥିବା ବିଜୁ ମୁଣ୍ଡାଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ଏବେ ସ୍ଥାନୀୟ ଅଞ୍ଚଳରେ ୩୯ରୁ ଊର୍ଦ୍ଧ୍ୱ ହାତୀ ରହିଥିବାବେଳେ ତେଲକୋଇ ରେଞ୍ଜରେ ୫୦ରୁ ଊର୍ଦ୍ଧ୍ୱ ହାତୀ ରହିଛନ୍ତି। ବନ ବିଭାଗ କର୍ମଚାରୀ ହାତୀପଲ ଗତିବିଧି ଉପରେ ନଜର ରଖିଛନ୍ତି। ହାତୀ ଧାନ ଫସଲ ନଷ୍ଟକରିବା ସହିତ ଘର ଭାଙ୍ଗି ଧନଜୀବନ ହାନି ଘଟାଉଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ପକ୍ଷରୁ ହାତୀ ଗତିବିଧି ସମ୍ପର୍କରେ ଲୋକଙ୍କୁ ସୂଚନା ଦେବାକୁ ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା ଦାବି କରିଛନ୍ତି। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ତେଲକୋଇ ରେଞ୍ଜ ଅଧିକାରୀ ଅଶୋକ କୁମାର ମାଝୀ କହିଛନ୍ତି।

# ପକ୍ଷଭୁକ୍ତ ହେଲା କିଟ୍ ବିଶ୍ୱବିଦ୍ୟାଳୟ

**କଟକ, ୨।୧୨ (କାର୍ତ୍ତିକ ସାହୁ)**

## ହାଇକୋର୍ଟରେ ନେପାଳୀ ଛାତ୍ରୀ ମୃତ୍ୟୁ ମାମଲା

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ମାମଲାକୁ ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କିଟ୍ ବିଶ୍ୱବିଦ୍ୟାଳୟକୁ ମାମଲାରେ ୯ମ ପ୍ରତିପକ୍ଷ ଭାବେ ପକ୍ଷଭୁକ୍ତ କରିବା ପାଇଁ ରୁଜୁ ଆବେଦନକୁ ଗ୍ରହଣ କରିଛନ୍ତି। ଖଣ୍ଡପୀଠ କିଟ୍‌କୁ ପକ୍ଷଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଏ ସଂକ୍ରାନ୍ତରେ କିଟ୍‌କୁ ନୋଟିସ ଜାରି କରାଯାଇଛି। ଅପରପକ୍ଷରେ ପୂର୍ବ ଶୁଣାଣି ସେପ୍ଟେମ୍ବର ୨୫ରେ ସମ୍ପୃକ୍ତ ଘଟଣାର ଅଭିଯୁକ୍ତ ଗିରଫ ହେବା ପରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୩ ତାରିଖକୁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ପ୍ରତାପ ଚନ୍ଦ୍ର ମହାନ୍ତି ଦର୍ଶାଇଛନ୍ତି ଯେ, କିଟ୍ ଛାତ୍ରୀ ମୃତ୍ୟୁ ଘଟଣାକୁ ବହୁଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହି ଘଟଣାର ନିରପେକ୍ଷ ଓ ନ୍ୟାୟିକ ତଦନ୍ତ କରିବା ନିମନ୍ତେ ସେ ହାଇକୋର୍ଟଙ୍କ ନିକଟରେ ଆବେଦନ କରିଛନ୍ତି। ଏଥିସହ ହାଇକୋର୍ଟର ଜଣେ ସିଟିଂ ଜଜ୍‌ଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ଯାଞ୍ଚ ପାଇଁ କମିଟି ଗଠନ କରାଯିବା ଓ ଏହି କମିଟି ଘଟଣାର ବିସ୍ତୃତ ଓ ନିରପେକ୍ଷ ତଦନ୍ତ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ପୋଷ୍ୟ ସନ୍ତାନ ଗ୍ରହଣକଲେ ୨ ଦମ୍ପତି


ଶିଶୁପୁତ୍ରକୁ ଜିଲାପାଳ ଚକୋଲେଟ୍ ଦେଉଛନ୍ତି।

**ଝାରସୁଗୁଡ଼ା, ୨।୧୨ (ଆଶିଷ ରଞ୍ଜନ ଦାଶ)**

ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାରେ ଭୁବନେଶ୍ୱର ଓ ପଶ୍ଚିମବଙ୍ଗର ୨ ଦମ୍ପତି ପୋଷ୍ୟସନ୍ତାନ ଗ୍ରହଣ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ଦୁଇ ଶିଶୁପୁତ୍ରଙ୍କୁ ପୃଥକ୍ ଦମ୍ପତି ଗ୍ରହଣ କରିଛନ୍ତି। ଏଥିସହ ସେମାନେ ଖୁସିବ୍ୟକ୍ତ କରି ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ସୁରକ୍ଷା ଅଧିକାରୀ ଶିଳ୍ପାଞ୍ଜଳି ତିର୍କୀ, ପରାମର୍ଶଦାତା ସମୀର କୁମାର ମିଶ୍ର, ମୋନାଲିସା ପଟ୍ଟନାୟକ, ପୋଷ୍ୟ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରବୀଣ ବାଗ୍, ଡ. ଅଙ୍କିତ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଆଜିଠୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ

**କଟକ, ୨।୧୨ (କାର୍ତ୍ତିକ ସାହୁ)**

## ୨୦୨୬-୨୭ ଶିକ୍ଷାବର୍ଷ ମାଟ୍ରିକ୍ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬-୨୭ ଶିକ୍ଷାବର୍ଷରେ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ୍) ପରୀକ୍ଷା ଦେବା ପାଇଁ ଚଳିତବର୍ଷ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ଡିସେମ୍ବର ୩ରୁ ଆରମ୍ଭ ହେବ। ରାଜ୍ୟର ସମସ୍ତ ହାଇସ୍କୁଲର ମୁଖ୍ୟମାନେ ସମ୍ପୃକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଅନ୍‌ଲାଇନ ଜରିଆରେ ଏହି କାର୍ଯ୍ୟ ସମାପନ କରିବେ। ଦେୟ ଓ ବୃତ୍ତାନ୍ତ ଫର୍ମ ଦାଖଲ ପ୍ରକ୍ରିୟା ଡିସେମ୍ବର ୩ରୁ ଆରମ୍ଭ ହୋଇ ୧୭ ତାରିଖ ରାତ୍ର ୧୧.୪୫ ମିନିଟ ପର୍ଯ୍ୟନ୍ତ ଚାଲିବ। ଏହି ଅବଧି ମଧ୍ୟରେ ଦିବାରାତ୍ର ୨୪ ଘଣ୍ଟିଆ ଅନ୍‌ଲାଇନରେ ପଞ୍ଜୀକରଣ କାର୍ଯ୍ୟ ଚାଲୁରହିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ୬୦ ଟଙ୍କା ହିସାବରେ ପଞ୍ଜୀକରଣ ଦେୟ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ରେଗୁଲାର ଓ କ୍ୱାସି ରେଗୁଲାର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ମଧ୍ୟ ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲରେ ପଢୁଥିବା ଏସ୍‌ସି ଓ ଏସ୍‌ଟି ବର୍ଗର ରେଗୁଲାର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ନିମନ୍ତେ କୌଣସି ଦେୟ ଲାଗିବ ନାହିଁ। ପଞ୍ଜୀକରଣ ନିମନ୍ତେ ଆବେଦନ ପତ୍ରର ଫର୍ମାଟ, ନିର୍ଦ୍ଦେଶାବଳୀ ଓ ଲିଙ୍କ୍ ଆଦି ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ହେବ। ନିର୍ଦ୍ଦେଶାବଳୀ ଭଲ ଭାବେ ପଢ଼ି ସାରିବା ପରେ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପଞ୍ଜୀକରଣ କାର୍ଯ୍ୟ ଶେଷ ପରେ ଡେସ୍କ୍ରିପଟିଭ ରୋଲ ସିଟ୍‌କୁ ଡାଉନ୍‌ଲୋଡ୍ କରି ବୋର୍ଡର ଶାଖା କାର୍ଯ୍ୟାଳୟରେ ଦାଖଲ କରାଯିବ। ଏହି ସମୟ ମଧ୍ୟରେ ନାମ ପଞ୍ଜୀକରଣ କରିପାରି ନ ଥିବା ଛାତ୍ରୀଛାତ୍ରମାନେ ୨୦୨୭ ମାଟ୍ରିକ ପରୀକ୍ଷା ଦେଇପାରିବେ ନାହିଁ। ଏଭଳି କ୍ଷେତ୍ରରେ ସେମାନେ ବୋର୍ଡ ଦ୍ୱାରା ପରିଚାଳିତ ପତ୍ରମାଧ୍ୟମ ପାଠ୍ୟକ୍ରମରେ ନାମ ପଞ୍ଜୀକରଣ କରି ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ। କ୍ୱାସି ରେଗୁଲାର ହିସାବରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିଦ୍ୟାଳୟଗୁଡ଼ିକୁ ନିକଟବର୍ତ୍ତୀ ରେକଗ୍‌ନାଇଜ୍‌ଡ ସ୍କୁଲ ଦ୍ୱାରା ପଞ୍ଜୀକୃତ ହେବା ପାଇଁ ବୋର୍ଡ ଶାଖା କାର୍ଯ୍ୟାଳୟ ଉପସମ୍ପାଦକ ଲିଖିତ ନିର୍ଦ୍ଦେଶ ଦେବେ ବୋଲି ବୋର୍ଡ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

# ୨ମୃତ ବିଦେଶୀ ପକ୍ଷୀ ସହ ବନ୍ଧୁକ ଜବତ, ଶିକାରୀ ଗିରଫ

**ବାଲୁଗାଁ, ୨।୧୨ (ସଂଗ୍ରାମ ପାଇକରାୟ)**

ଶୀତର ପ୍ରକୋପ ବଢ଼ିବା ସହିତ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପକ୍ଷୀଙ୍କ କଳରବରେ ଚିଲିକା ମୁଖରିତ ହୋଇଉଠିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ପକ୍ଷୀଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ସୋମବାର ବନ୍ୟପ୍ରାଣୀ ବିଭାଗ କର୍ମଚାରୀ କୃଷ୍ଣପ୍ରସାଦ ଥାନା ଅଞ୍ଚଳରୁ ଜଣେ ପକ୍ଷୀ ଶିକାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ମାଲୁଦ ଗ୍ରାମର ସେକ୍ ମୁସ୍ତାକ (୨୭)। ତାଙ୍କ ନିକଟରୁ ୨ ମୃତ ବିଦେଶୀ ପକ୍ଷୀ, ବନ୍ଧୁକ, ବାଇକ୍ ସହିତ ୩ଟି ଛେରା ଗୁଳି ଜବତ ହୋଇଛି।

# ଭିନ୍ନକ୍ଷମଙ୍କ ଅଧିକାର, କଲ୍ୟାଣକୁ ଗୁରୁତ୍ୱ

## ଆଜି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ଭିନ୍ନକ୍ଷମଙ୍କ ଅଧିକାର, କଲ୍ୟାଣକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ଅବଦାନ ପ୍ରତି ସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ଡିସେମ୍ବର ୩ରେ ପାଳିତ ହେଉଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ। ଏହି ଦିବସ ପାଳନ ଲାଗି ୧୯୯୨ ମସିହାରେ ଜାତିସଂଘ ସାଧାରଣ ପରିଷଦ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାର ଉଦ୍ଦେଶ୍ୟ ମଧ୍ୟରେ ଭିନ୍ନକ୍ଷମତା ଅନ୍ତର୍ଭୁକ୍ତି ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ପାଇଁ ସମର୍ଥନ ସଂଗ୍ରହ କରିବା ଏବଂ ଜୀବନର ସମସ୍ତ ଦିଗରେ ଭିନ୍ନକ୍ଷମତା ସମସ୍ୟା ବିଷୟରେ ବୁଝାମଣାକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସାମାଜିକ ପ୍ରଗତିକୁ ଆଗକୁ ବଢ଼ାଇବା ପାଇଁ ଭିନ୍ନକ୍ଷମ-ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା।' ଏହି ବିଷୟବସ୍ତୁକୁ ନେଇ ଜାତିସଂଘ ଏବର୍ଷ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ କରିବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

★ ନିଯୁକ୍ତି ★
Food Packaging କାମ ପାଇଁ ଯୁବକ ଆବଶ୍ୟକ। ଦରମା ଟ.୬,୦୦୦+ ମାଗଣା ରହଣି/ଖାଇବା +୨ ପାସ୍। ବୟସ ୨୨ ବର୍ଷ। ସ୍ଥାନ:ଭୁବନେଶ୍ୱର,
ଫୋନ: 9886365677

SB SAHOO & CO PVT LTD
BHUBANESWAR
We are hiring Accounting Professional.
Qualification : Inter CA/Inter CMA
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

REQUIRED
Bodyshop Advisor Needed for 4 wheeler Dealership with Diploma Automobile / Mechanical having 0-2 years experience. Send cv to:
servicemanager@capitaltoyota.in
Cc to:
siddharth9909@gmail.com
Call - +917978558195

WALK IN INTERVIEW FOR
1) Manager - M/F
2) Supervisor - Male
3) Front Office Executive - Female
should be Exp. in Hotel industry.
- Address -
HOTEL CHANCELLOR GRAND
Cuttack-Puri by pass, BBSR
Ph. : 9861072001

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-I-21/2016(Pt.-II) / 2766 Dated, the 01st Dec., 2025
Advertisement
Applications are invited from Indian Nationals for engagement of 04 (Four) Nos. of Trainee Pilot on contractual basis in Paradip Port Authority.
For further details, visit our website : https://paradipport.gov.in/Career.aspx.
Sr. Asst. Secretary,
Paradip Port Authority
PPA/PR/54/2025-2026, Dt.02/12/2025

REQUIRED
4 wheeler Dealership requires Sales Consultant, Sweeper, Driver for Bhawanipatna Location only.
Call :
+91 9438395880 / 93489 40535

REQUIRED
Admin Manager Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
csgargsongroup@gmail.com
Cc to:
siddharth9909@gmail.com
Call - +91 7855040457

WALK-IN-INTERVIEW
MOTORCYCLE DEALERSHIP
BONTH CHHAK, BHADRAK

| DESIGNATION | SALARY | EXPERIENCE |
| --- | --- | --- |
| General Manager | 30,000 | Minimum 5 Years |
| Accountant | 25,000 | Minimum 5 Years |
| Spare Incharge | 12,000 | Experience preferred |
| CRE (Female only) | 10,000 | Experience preferred |
| Sales Executive | 10,000 | Experience preferred |

Call- 7008217628
Mail - abhibdk@gmail.com

SWETA AGENCIES
We are hiring: Sales & Marketing Executive
Qualification: Graduate from any background
Skills : Fluent in English Speaking
Location : Mancheswar I.E.S., Bhuabneswar
Contact for more details :
Mail : agenciessweta2005@gmail.com
Mob No. : 7008576691

We are Hiring
Apply Now
TSG Gurukul School Since 2005
(Pre-Nursery to Std. XII)
(A Premier Residential, CBSE Affiliated School)
Requirements
TSG Gurukul School-The Ultimate Home for Your Child-invites qualified and experienced candidates with good communication Abilities. Vacancies include:-
• Academic Positions
NTT (Non-Odia Preferred) [TSG-MS-101]
PRT [TSG-PR-001] / TGT [TSG-HS-201] / PGT [TSG-PGT-301] – All Subjects (Science, Commerce & Humanities)
AI & Robotics Trainer [TSG-AIR-022]
• Physical Education & Sports
Physical Educators [TSG-PE-EDU-012]
Part-time Coaches for: [TSG-COA-014]
Cricket, Kabaddi, Volleyball, Basketball, Football, Volleyball, Kho-Kho, Swimming, Skating, Karate, Judo, Shooting, Horse Riding, Gymnasium, Gym & Zumba Trainer, etc.
• Creative & Activity Departments
Part-time Teachers for Various Instrumental Music & Vocal Training & Dance (Western & Classical) [TSG-MM-011] Art (Fine, Clay & Sand) [TSG-FM-011]
Student Referral Counselor (Work from home) [TSG-CNS-005]
• Administrative & Support Staff
Front Office Assistant [TSG-FOA-011]
Accountant [TSG-ACC-208]
DTP Operator & Designer [TSG-DTP-013]
Girls Hostel Superintendent [TSG-OTH-999]
Hostel Caretaker (Male/Female) [TSG-OTH-999]
Peon / Supporting Staff (Electrician / Plumber / House Keeping / Driver / Gardener / Cook & Helper) [TSG-SEC-009]
Media & Creative Production
News Editor [TSG-NED-021]
Anchor [TSG-MAD-022]
Reporter [TSG-MRD-023]
Cameraman [TSG-CM-025]
Short Film Director [TSG-SFD-024]
Eligibility & Benefits
Salary will be based on qualification, efficiency, loyalty, and experience. Accommodation with food will be provided (where available). ESI and EPF benefits are applicable.
Shortlisted candidates will be called for an interview between 08-12-2025 and 18-12-2025.
Send your resume: career@netgurukul.in
Visit us at: www.tsggurukul.com
Contact Us
Gothapatana, Bhubaneswar, Odisha 751003
Telephonic communication for queries is unavailable.
.....Principal.






# ଆଗରୁ ଯେମିତି, ଏବେ ସେମିତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ଲଗାଇବା, ଏଚ୍୧ ଭିଜା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ଅନ୍ୟାନ୍ୟ କେତେକ ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ପୋଷଣ କରିଥିବାରୁ ଦୁଇ ଦେଶ ମଧ୍ୟରେ ତିକ୍ତତା ଲାଗିରହିଛି। ସେଥିପାଇଁ ଚାଇନା ଭଳି ଦେଶ ସହିତ ଉତ୍ତମ ସମ୍ପର୍କ ଗଢ଼ିବା ସକାଶେ ଭାରତ ସରକାର ବ୍ୟାକୁଳତା ପ୍ରଦର୍ଶନ କରୁଛନ୍ତି। ନିକଟରେ ଭାରତର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ବୈଠକରେ ଯୋଗଦେଇଥିଲା। ସେହି ଦଳର ନେତୃତ୍ୱ ନେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏତେ ସବୁ ଉଦ୍ୟମ ସତ୍ତ୍ୱେ ଚାଇନାର ଭାରତ ପ୍ରତି ଥିବା ପୁରୁଣା ଆଭିମୁଖ୍ୟରେ ସେଭଳି ପରିବର୍ତ୍ତନ ଘଟି ନ ଥିବା ସଦ୍ୟ ଏକ ଘଟଣାରୁ ବୁଝାପଡ଼ିଯାଉଛି।

ଅରୁଣାଚଳ ପ୍ରଦେଶ ବାସିନ୍ଦା ପେମା ୱାଙ୍ଗ୍‌ଜୋମ ବ୍ରିଟେନରେ ରୁହନ୍ତି। ଏହି ମହିଳା ଲଣ୍ଡନଠାରେ ଆର୍ଥିକ କ୍ଷେତ୍ର ସହ ଜଡ଼ିତ ଅଛନ୍ତି ଓ ଜଣେ ପ୍ରିନ୍ସିପାଲ ରେଗୁଲେଟାରି କନ୍‌ସଲଟାଣ୍ଟ ଭାବେ ଜଣାଶୁଣା। ନିକଟରେ ସେ ଚାଇନାର ସାଂଘାଇ ଦେଇ ଜାପାନ ଯାଉଥିଲେ। ସାଂଘାଇ ବିମାନବନ୍ଦରରେ ତାଙ୍କୁ ଯାଞ୍ଚ କରାଯିବା ବେଳେ ସେ ଧାରଣ କରିଥିବା ଭାରତୀୟ ପାସ୍‌ପୋର୍ଟକୁ ବିମାନବନ୍ଦର କର୍ତ୍ତୃପକ୍ଷ ଅସ୍ୱୀକାର କରିଥିଲେ। ପେମା ଅରୁଣାଚଳ ପ୍ରଦେଶର ହୋଇଥିବାରୁ ଏଭଳି ଅସ୍ୱାଭାବିକ ସ୍ଥିତି ଉପୁଜିଥିଲା। ଅରୁଣାଚଳ ପ୍ରଦେଶ ଚାଇନାର ଏକ ଅଂଶବିଶେଷ ଭାବେ ଅଭିହିତ କରି ବିମାନବନ୍ଦର କର୍ତ୍ତୃପକ୍ଷ ତାଙ୍କୁ ୧୮ ଘଣ୍ଟା ଅଟକ ରଖିଥିଲେ। ଏହି ସମୟ ମଧ୍ୟରେ ତାଙ୍କୁ ବହୁ ମାନସିକ ଯନ୍ତ୍ରଣା ସହ୍ୟ କରିବାକୁ ପଡ଼ିଥିଲା ବୋଲି ପେମା କହିଛନ୍ତି। ଉକ୍ତ ଘଟଣାକୁ ନେଇ ଭାରତ ଓ ଚାଇନା ମଧ୍ୟରେ କୂଟନୈତିକ ବିବାଦ ଦେଖାଦେଇଛି। ଅବଶ୍ୟ ଏହା ନୂଆ କଥା ନୁହେଁ ଯେ, ବିଗତ ବହୁ ବର୍ଷ ଧରି ଚାଇନା ତା' ସରକାରୀ ମାନଚିତ୍ରରେ ଭାରତର ଅରୁଣାଚଳ ପ୍ରଦେଶକୁ ନିଜର ଅଞ୍ଚଳ ଭାବେ ଦର୍ଶାଇଆସୁଛି। ଭାରତ ବିଭିନ୍ନ ସମୟରେ ଅରୁଣାଚଳ ପ୍ରଦେଶ ବ୍ୟାପାରରେ ଚାଇନାର ଅନଧିକାର ହସ୍ତକ୍ଷେପକୁ ବିରୋଧ କରିଥିଲେ ମଧ୍ୟ ତା'ର ସୁଫଳ ମିଳିପାରୁ ନାହିଁ। ଆମେରିକାର ଅତ୍ୟଧିକ ଟାରିଫ୍ ବୋଝ ପରେ ଭାରତ ଅନନ୍ୟୋପାୟ ହୋଇ ଚାଇନା ଆଡ଼କୁ ମୁହାଁଇଥିବାରୁ ଏହାର ଫାଇଦା ନେବାକୁ ବେଜିଂ କାରସାଦି କରୁଥିବା ବିଷୟ ପେମାଙ୍କ ଘଟଣାରୁ ସ୍ପଷ୍ଟ ହୋଇଯାଉଛି। ଚାଇନା ପୃଥିବୀର ଏମିତି ଏକ ଦେଶ, ଯାହାର ମୂଳ ଲକ୍ଷ୍ୟ କେବଳ ଲାଭ ଉଠାଇବାରେ ବ୍ୟସ୍ତ। ତାହାର ଆବେଗ କୌଣସି ରାଷ୍ଟ୍ର ପ୍ରତି ଥିବା ଭଳି ମନେହୁଏ ନାହିଁ।

> **ଚାଇନାର ଭାରତ ପ୍ରତି ନୀତିରେ କୌଣସି ପରିବର୍ତ୍ତନ ଘଟୁ ନାହିଁ। ଯାହା ପୂର୍ବରୁ ଥିଲା, ତାହା ଏବେ ମଧ୍ୟ ରହିଛି। ଆମର ବୈଦେଶିକ ସମ୍ପର୍କକୁ ଅଣଦେଖା କରି ଅନ୍ତର୍ଜାତୀୟ ନୀତି ସୃଷ୍ଟି କରାଗଲେ ଭବିଷ୍ୟତରେ ତାହା ବିଫଳତା ଆଣିବ।**

ଆମେରିକା ଆଡ଼ୁ ମୁହଁ ଫେରାଇ ଭାରତ ଯେତେବେଳେ ଚାଇନା ପ୍ରତି ଢଳିଲା ଓ କେତେକ ଫୋରମ୍‌ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ପାଖାପାଖି ବସି ଆଲୋଚନା କରାଯିବା ଦେଖାଗଲା, ଅନେକ ଭାରତୀୟ ଭାବିଦେଲେ ଯେ ଆଗକୁ କିଛି ନୂଆ ସମୀକରଣ ସୃଷ୍ଟି ହୋଇପାରେ। ଆମେରିକାକୁ ଅଡ୍ଡୁଆରେ ପକାଇବା ପାଇଁ ଭାରତ ଓ ଚାଇନା ସୁଦୃଢ଼ ସମ୍ପର୍କ ଯଥେଷ୍ଟ ହେବ ବୋଲି କଥା ଉଠିଲା। କିନ୍ତୁ ବାସ୍ତବତା ଭିନ୍ନ ଚିତ୍ର ଦର୍ଶାଇଛି। ପେମା କହିଛନ୍ତି, ଜାପାନ ଯିବା ପୂର୍ବରୁ ସେ ଚାଇନା ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ସେ ସାଂଘାଇ ବିମାନବନ୍ଦରରେ ମାତ୍ର ୩ ଘଣ୍ଟା ପାଇଁ ରହଣି କରିବାର ଥିଲା। ୨୪ ଘଣ୍ଟା ତଳକୁ ରହଣି କରିବାର ଥିଲେ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ନ ଥାଏ। ସେହିପରି ସେ ଆହୁରି କହିଛନ୍ତି ଯେ, ୨୦୨୪ ଅକ୍ଟୋବରରେ ଚାଇନା ବାଟ ଦେଇ ଜାପାନ ଯାଇଥିଲେ। ସେତେବେଳେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିବା ପେମା ପ୍ରକାଶ କରିଛନ୍ତି। ଏଠାରେ ସ୍ପଷ୍ଟ ଜଣାପଡ଼ୁଛି ଯେ, ସାଂଘାଇ ବିମାନବନ୍ଦରରେ ନିଯୁକ୍ତ ଇମିଗ୍ରେଶନ କର୍ମଚାରୀ ନିଜସ୍ୱ ଇଚ୍ଛାରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ କାର୍ଯ୍ୟ କରିବାରେ ନିଶ୍ଚିତ ଭାବେ ଅସମର୍ଥ। ତେଣୁ ବୁଝିବାକୁ ହେବ ଯେ, ବେଜିଂର ସର୍ବୋଚ୍ଚ ସ୍ତରରୁ ସାଧାରଣ ନିୟମାବଳୀ ଭାବେ ଅରୁଣାଚଳ ପ୍ରଦେଶବାସୀଙ୍କୁ କେଉଁଭଳି ବ୍ୟବହାର ପ୍ରଦର୍ଶନ କରିବା ଦରକାର ସ୍ପଷ୍ଟ କରାଯାଇଥିବ। ପୂର୍ବରୁ ଭାରତର ଖେଳାଳିଙ୍କୁ ୨୦୧୬ରେ ଏବଂ ୨୦୨୩ ସେପ୍ଟେମ୍ବରରେ ହାଙ୍ଗ୍‌ଝୁଠାରେ ଅନୁଷ୍ଠିତ ୧୯ତମ ଏସିଆନ୍ ଗେମ୍ସରେ ୩ ଜଣ ଅରୁଣାଚଳବାସୀ, ଯେଉଁମାନେ ଭାରତୀୟ ଟିମ୍ ସହ ଯିବାର ଥିଲା ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବାରଣ କରାଯାଇଥିଲା। ଚାଇନାର ଏହି ନିଷ୍ପତ୍ତିକୁ ବିରୋଧ କରି ତତ୍କାଳୀନ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ତାଙ୍କ ଚାଇନା ଗସ୍ତକୁ ବାତିଲ କରିଥିଲେ। ଏଥିରୁ ବୁଝିବାକୁ ହେବ ଯେ, ଚାଇନାର ଭାରତ ପ୍ରତି ନୀତିରେ କୌଣସି ପରିବର୍ତ୍ତନ ଘଟୁ ନାହିଁ। ଯାହା ପୂର୍ବରୁ ଥିଲା, ତାହା ଏବେ ମଧ୍ୟ ରହିଛି। ଆମର ବୈଦେଶିକ ସମ୍ପର୍କକୁ ଅଣଦେଖା କରି ଅନ୍ତର୍ଜାତୀୟ ନୀତି ସୃଷ୍ଟି କରାଗଲେ ଭବିଷ୍ୟତରେ ତାହା ବିଫଳତା ଆଣିବ।



# ସନାତନୀ ହିନ୍ଦୁ ଓ ଗାନ୍ଧିଜୀ

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଖ୍ରୀ. ପୂ. ଷଷ୍ଠ ଶତକରେ ଡେରିଅସ ଶିଳାଲେଖରେ (୫୫୦–୪୮୬) 'ହିନ୍ଦୁ' ଶବ୍ଦର ଉଲ୍ଲେଖ ଥିଲେ ହେଁ ସେଥିରେ ଏହା ଭୌଗୋଳିକ ଶବ୍ଦ ଭାବରେ ବ୍ୟବହୃତ ହୋଇଛି। ରାଜା ରାମମୋହନ ରାୟ ପ୍ରଥମେ ହିନ୍ଦୁଧର୍ମ (HINDU-ISM) ଶବ୍ଦ ୧୮୧୬ ମସିହାରେ ବ୍ୟବହାର କଲେ। ତା'ପରେ ଯେଉଁମାନେ ବ୍ରିଟିଶ ଉପନିବେଶବାଦକୁ ବିରୋଧ କରୁଥିଲେ ଏବଂ ନିଜକୁ ମୁସଲମାନ୍ ଓ ଖ୍ରୀଷ୍ଟିଆନ୍‌ଙ୍କଠାରୁ ଭିନ୍ନ ବୋଲି ପ୍ରତିପାଦନ କରିବାକୁ ଚାହିଁଥିଲେ ସେମାନେ ଏହି ଶବ୍ଦକୁ ବ୍ୟବହାର କଲେ। ବେଦ ଓ ଉପନିଷଦ ଆଧାରିତ ବିଚାରଧାରା ବା ଜୀବନ ପଦ୍ଧତିକୁ ହିନ୍ଦୁଧର୍ମ ବୋଲି କୁହାଗଲା। ସନାତନ ଶବ୍ଦର ଅର୍ଥ ଚିରନ୍ତନ। ଏହା କେଉଁ ନିର୍ଦ୍ଦିଷ୍ଟ ସମୟରେ ବା କେଉଁ ନିର୍ଦ୍ଦିଷ୍ଟ ବ୍ୟକ୍ତିଦ୍ୱାରା ସୃଷ୍ଟି ହୋଇଥିଲା ତାହା କେହି କହିପାରିବେ ନାହିଁ। ଏହା ସମଗ୍ର ମାନବ ଜାତି ପାଇଁ ଉଦ୍ଦିଷ୍ଟ। ଏଣୁ ଯୋଗୀ ଶ୍ରୀଅରବିନ୍ଦ କହିଥିଲେ, ''ଯାହାକୁ ଆମେ ହିନ୍ଦୁ ଧର୍ମ କହୁ, ତାହା ବାସ୍ତବରେ ସନାତନ ଧର୍ମ, କାରଣ ଏହି ଧର୍ମ ବିଶ୍ୱବ୍ୟାପୀ। ଯଦି କୌଣସି ଧର୍ମ ବିଶ୍ୱବ୍ୟାପୀ ନ ହୁଏ ତାହା ସନାତନ ହୋଇ ପାରିବ ନାହିଁ।'' ମହାତ୍ମା ଗାନ୍ଧୀ କହୁଥିଲେ, ''ମୁଁ ଜଣେ ହିନ୍ଦୁ, କେବଳ ହିନ୍ଦୁ ପରିବାରରେ ଜନ୍ମ ହୋଇଥିବାରୁ ନୁହେଁ, ଉଭୟ ବିଶ୍ୱାସ ଓ ପସନ୍ଦରେ ମୁଁ ହିନ୍ଦୁ''। ପୁନଶ୍ଚ ସେ ଅନେକ ଥର ନିଜକୁ ଜଣେ 'ସନାତନୀ ହିନ୍ଦୁ' ଭାବରେ ଘୋଷଣା କରିଛନ୍ତି। ହିନ୍ଦୁ ଧର୍ମପ୍ରତି ତାଙ୍କ ଦୃଷ୍ଟିଭଙ୍ଗୀ କିପରି ଥିଲା ଓ ସନାତନୀ ହିନ୍ଦୁ କହିଲେ ସେ କ'ଣ ବୁଝୁଥିଲେ ଏବଂ ସେ କେଉଁ ପ୍ରସଙ୍ଗରେ ଏହା କହିଥିଲେ ତାହା ଆଲୋଚନା କରିବା ହେଉଛି ଏହି ପ୍ରବନ୍ଧର ଲକ୍ଷ୍ୟ।

୧୯୦୫ରେ ଜୋହାନ୍‌ସବର୍ଗ ଥିଓସୋଫିକାଲ୍ ସୋସାଇଟିରେ ବକ୍ତବ୍ୟ ଉପସ୍ଥାପନ କଲାବେଳେ ସେ କହିଥିଲେ ହିନ୍ଦୁଧର୍ମ ଅପେକ୍ଷା ଆର୍ଯ୍ୟଧର୍ମ ଶବ୍ଦ ବେଶି ଗ୍ରହଣୀୟ। ବେଦରେ ମଧ୍ୟ ହିନ୍ଦୁ ଶବ୍ଦ ନାହିଁ, କିନ୍ତୁ ଆର୍ଯ୍ୟ ଶବ୍ଦ ଅଛି ଯଥା 'କୃଣ୍ୱନ୍ତୁ ବିଶ୍ୱମାର୍ଯ୍ୟମ୍' (ଋଗ୍‌ବେଦ ୯/୬୩/୫)। ପୁନଶ୍ଚ ତାଙ୍କ ମତ ଥିଲା ଏହି ଧର୍ମ କେଉଁ ପୁରାତନ କାଳରୁ ବଞ୍ଚିରହିଛି। ଦକ୍ଷିଣ ଆଫ୍ରିକାରେ ଥିଲାବେଳେ ସେ ଉଭୟ ହିନ୍ଦୁ ଓ ଅଣହିନ୍ଦୁଙ୍କୁ ତୁଳସୀ ଦାସଙ୍କ 'ରାମଚରିତ ମାନସ' ପଢ଼ିବା ପାଇଁ ପରାମର୍ଶ ଦେଉଥିଲେ। ସେ କହୁଥିଲେ ''ବାସ୍ତବରେ ହିନ୍ଦୁଧର୍ମ ଏକ ନୈତିକତା ଆଧାରିତ ଧର୍ମ। ସେହି ଦୃଷ୍ଟିରୁ କୁହାଯାଇପାରେ ସବୁଧର୍ମ ସମାନ ଭାବରେ ସତ୍ୟ, ଯେହେତୁ ନୈତିକତାଠାରୁ କୌଣସି ଧର୍ମ ବିଚ୍ଛିନ୍ନ ହୋଇପାରିବ ନାହିଁ।'' ବେଦ ଉପନିଷଦ ଆଧାରିତ ସନାତନ ଧର୍ମ ପରବର୍ତ୍ତୀ କାଳରେ ହିନ୍ଦୁଧର୍ମ ଭାବରେ କଥିତ ହେବା ବେଳକୁ ସେଥିରେ ଅନେକ କୁସଂସ୍କାର ପ୍ରବେଶ କରିସାରିଥିଲା। ଗାନ୍ଧିଜୀ ସନାତନ ଧର୍ମକୁ ସେହି କୁସଂସ୍କାରଗୁଡ଼ିକରୁ ମୁକ୍ତ କରିବା ପାଇଁ ଆହ୍ୱାନ ଦେଲେ। ସେତେବେଳେ ସନାତନ ଧର୍ମରେ ଅସ୍ପୃଶ୍ୟତା ପ୍ରବେଶ କରିସାରିଥିଲା , ଯାହା ଗାନ୍ଧିଜୀ ଗ୍ରହଣ କରିପାରୁ ନ ଥିଲେ। ୧୯୧୭ରେ ସେ ଅସ୍ପୃଶ୍ୟ ମାହାରମାନଙ୍କ ସହ ଭୋଜନ କଲେ ଓ ଅସ୍ପୃଶ୍ୟତା ବିରୋଧରେ ଆନ୍ଦୋଳନ ଆରମ୍ଭ କଲେ। ଫଳରେ ତତ୍କାଳୀନ ପରମ୍ପରା ବିଶ୍ୱାସୀ ହିନ୍ଦୁମାନେ ତାଙ୍କୁ ସମାଲୋଚନା କଲେ। ପୁନଶ୍ଚ ୧୯୨୦ ଡିସେମ୍ବର ୨୫ ରେ ସେ 'ଅନ୍ତ୍ୟଜ (ଅସ୍ପୃଶ୍ୟ) ସମ୍ମିଳନୀ' ରେ ଯୋଗଦେଇ କହିଲେ, ''ମୁଁ ନିଜେ ଜଣେ ହିନ୍ଦୁ, ଜଣେ ସନାତନୀ ହିନ୍ଦୁ। ବୈଷ୍ଣବମାନେ ମୋର ଏହି ଦାବିକୁ ଗ୍ରହଣ କରୁନାହାନ୍ତି। ମୁଁ ପୁଣିଥରେ ଜୋର ଦେଇ କହୁଛି ଯେ ମୁଁ ଜଣେ ସନାତନୀ ହିନ୍ଦୁ ଓ ହିନ୍ଦୁମାନେ ଅସ୍ପୃଶ୍ୟତା ରୂପକ ପାପରୁ ମୁକ୍ତ ନ ହେବା ପର୍ଯ୍ୟନ୍ତ ସ୍ୱରାଜ ସମ୍ଭବ ନୁହେଁ। ଏହି ଅସ୍ପୃଶ୍ୟତା ହିନ୍ଦୁ ସମାଜରେ ପ୍ରଚଳିତ ଥିବା ପର୍ଯ୍ୟନ୍ତ ମୁଁ ନିଜକୁ ହିନ୍ଦୁ କହିବାକୁ ଲଜ୍ଜିତବୋଧ କରୁଛି।'' ସେ ଲେଖିଥିବା ପ୍ରବନ୍ଧ ''ସନାତନୀ ହିନ୍ଦୁ କିଏ'' ଗୁଜରାଟୀ ସାପ୍ତାହିକ ପତ୍ରିକା 'ନବଜୀବନ'ରେ ପ୍ରକାଶ ପାଇଥିଲା। ସେଥିରେ ସେ ଅସ୍ପୃଶ୍ୟତାକୁ ଅଧର୍ମ ବୋଲି ବିଚାର କରି ଲେଖିଥିଲେ ''କୌଣସି ବ୍ୟକ୍ତିକୁ ସମାଜରୁ ଘଉଡ଼ାଇ ଦେଇ ଗାଁର ଉପାନ୍ତ ଅଞ୍ଚଳରେ ସ୍ଥାନ ଦେବା, ସେମାନେ ବଞ୍ଚିଲେ କି ମଲେ ସେ ସମ୍ପର୍କରେ ଚିନ୍ତିତ ନ ହେବା, ନିଜର ଉଚ୍ଛିଷ୍ଟ ଖାଦ୍ୟ ସେମାନଙ୍କୁ ଖାଇବାକୁ ଦେବା କେବେ ଧର୍ମ ପଦବାଚ୍ୟ ନୁହେଁ– ଏହା ହିନ୍ଦୁ ଧର୍ମ ନୁହେଁ।''



ଗାନ୍ଧୀ ନିଜକୁ ଅନେକଥର ଜଣେ ପୁରାତନ ପନ୍ଥୀ (Orthodox) ହିନ୍ଦୁ ବୋଲି କହିଛନ୍ତି, ମାତ୍ର ତାଙ୍କ ପାଇଁ ଏହି ଶବ୍ଦ ପ୍ରଚଳିତ ଅର୍ଥଠାରୁ ଭିନ୍ନ ଥିଲା। ଜାଫନାରେ (୧୯୨୭) ଏକ ହିନ୍ଦୁ ସଭାରେ ସେ କହିଥିଲେ ''ଯଦି ପୁରାତନ ପନ୍ଥୀ ହିନ୍ଦୁଧର୍ମ (Orthodox Hinduism ) କହିଲେ କାହା ସଙ୍ଗେ ଏକତ୍ର ଭୋଜନ କରିବା ବା କରିବା ନାହିଁ, କାହାକୁ ଛୁଇଁବା ବା ଛୁଇଁବା ନାହିଁ, କିମ୍ବା ମୁସଲମାନ୍ ଓ ଖ୍ରୀଷ୍ଟିଆନ୍‌ଙ୍କ ସହ କଳହରେ ବ୍ୟାପୃତ ହେବା, ତା'ହେଲେ ମୁଁ ନିଶ୍ଚିତ ଭାବରେ ଜଣେ ପୁରାତନପନ୍ଥୀ ହିନ୍ଦୁ ନୁହେଁ। ମାତ୍ର ଯଦି ପୁରାତନ ପନ୍ଥୀ ହିନ୍ଦୁଧର୍ମ କହିଲେ ଧର୍ମକୁ ଯଥା ସାଧ୍ୟ ଜୀବନରେ ଉତ୍ତମ ଭାବରେ ପ୍ରକାଶ କରିବା ପାଇଁ ଅବିରତ ଉଦ୍ୟମକୁ ବୁଝାଏ, ତା'ହେଲେ ମୁଁ ଜଣେ ପୁରାତନବାଦୀ ହିନ୍ଦୁ।'' ପୁରାତନବାଦୀ ହିନ୍ଦୁଧର୍ମ କଠୋରବାଦୀ ଓ ସଂସ୍କାର ବିରୋଧୀ ଥିବାବେଳେ ଗାନ୍ଧୀଙ୍କ ପୁରାତନବାଦୀ ହିନ୍ଦୁଧର୍ମ ସଂସ୍କାରବାଦୀ ଥିଲା। ତାଙ୍କର ଏହି ବକ୍ତବ୍ୟରୁ ସ୍ପଷ୍ଟ ହୁଏ ଯେ ସେ ହିନ୍ଦୁଧର୍ମକୁ ପ୍ରଚଳିତ ଥିବା ଅସ୍ପୃଶ୍ୟତା ଭଳି କୁସଂସ୍କାରରୁ ମୁକ୍ତ କରିପାରିଲେ ହିଁ ଜଣେ ନିଜକୁ ପୁରାତନପନ୍ଥୀ ହିନ୍ଦୁ ବୋଲି ଦାବି କରିପାରିବ। ପୁରାତନ ପନ୍ଥୀ ହିନ୍ଦୁ ଓ ସନାତନୀ ହିନ୍ଦୁ ମଧ୍ୟରେ ସେ କୌଣସି ଭିନ୍ନତା ଦେଖୁ ନ ଥିଲେ, କାରଣ ସନାତନ ଧର୍ମରେ ପ୍ରଚଳିତ ଜାତିପ୍ରଥା ନ ଥିଲା, କି ଅସ୍ପୃଶ୍ୟତା ନ ଥିଲା ମାତ୍ର ଗାନ୍ଧିଜୀଙ୍କ ସମୟରେ ଜନ୍ମରୁ ଜାତି ପ୍ରଥା ପ୍ରଚଳିତ ଥିଲା ଓ ପୁଣି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଜାତି ମଧ୍ୟରେ ଉଚ୍ଚ ନୀଚ ଭେଦଭାବ ଥିଲା। ମାତ୍ର ସନାତନ ଧର୍ମରେ ଏହି ପ୍ରଥା ନ ଥିଲା।

ବେଦରେ ଥିଲା ବର୍ଣ୍ଣାଶ୍ରମ ଧର୍ମ। ମଣିଷର ସ୍ୱଭାବଗତ ଗୁଣ ଓ କର୍ମ ଅନୁସାରେ ଜଣେ ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟ ବା ଶୂଦ୍ର ଭାବରେ ବିଦିତ ହେଉଥିଲା। ଗାନ୍ଧିଜୀ ସ୍ପଷ୍ଟ ଭାବରେ କହୁଥିଲେ ଯେ ଜ୍ଞାନାର୍ଜନ ଓ ଜ୍ଞାନବିତରଣ ଦ୍ୱାରା ବ୍ରାହ୍ମଣ, ଦେଶରକ୍ଷା କର୍ମଦ୍ୱାରା କ୍ଷତ୍ରିୟ, ବାଣିଜ୍ୟ ବ୍ୟବସାୟ କର୍ମଦ୍ୱାରା ବୈଶ୍ୟ ଓ ଅନ୍ୟମାନଙ୍କ ସେବା କରିବା ଦ୍ୱାରା ଶୂଦ୍ର ଭାବରେ ବିଦିତ ହେଲେ ମଧ୍ୟ ଜଣକର କାମ ଅନ୍ୟଜଣେ କରିବା ପାଇଁ କୌଣସି ପ୍ରତିବନ୍ଧକ ନ ଥିଲା। କର୍ମ ବିଭାଜନ ମାଧ୍ୟମରେ ସମାଜକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ଥିଲା ବର୍ଣ୍ଣାଶ୍ରମ ଧର୍ମର ଉଦ୍ଦେଶ୍ୟ। ମାତ୍ର କାଳକ୍ରମେ ବର୍ଣ୍ଣ କର୍ମ ଆଧାରିତ ନ ହୋଇ ଜନ୍ମ ଆଧାରିତ 'ଜାତି' ରେ ପରିଣତ ହେଲା ଓ ଉଚ୍ଚନୀଚ ଭେଦଭାବ ସୃଷ୍ଟି ହୋଇ ଅସ୍ପୃଶ୍ୟତା ଭଳି ଅମାନବୀୟ ପ୍ରଥା ପ୍ରଚଳିତ ହେଲା। ମହାତ୍ମା ଗାନ୍ଧୀ ସନାତନ ଧର୍ମର ମୂଳତତ୍ତ୍ୱ ଆଧାରରେ ତଥାକଥିତ ହିନ୍ଦୁଧର୍ମରେ ପ୍ରବେଶ କରିଥିବା ଅସ୍ପୃଶ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେ ଏହି ଅସ୍ପୃଶ୍ୟତା ଓ ଉଚ୍ଚନୀଚ ଭେଦଭାବକୁ ଦୂର କରିବା ପାଇଁ ଘୋଷଣା କରିଥିଲେ, ''ଯଦି ମୋର ପୁନର୍ଜନ୍ମ ଥାଏ, ତା'ହେଲେ ମୁଁ ଅସ୍ପୃଶ୍ୟ ଜାତିରେ ଜନ୍ମଗ୍ରହଣ କରିବାକୁ ଚାହେଁ।'' ପୁନଶ୍ଚ ସେ ଜଣେ ଅସ୍ପୃଶ୍ୟ କନ୍ୟାକୁ ପୋଷ୍ୟକନ୍ୟା ଭାବରେ ଗ୍ରହଣ କରି ଆଶ୍ରମରେ ସ୍ଥାନ ଦେଇଥିଲେ। ୧୯୨୬ ଡିସେମ୍ବରରେ ସେ କଂଗ୍ରେସର ଗୁଆହାଟୀ ଅଧିବେସନରେ କହିଲେ, ''ମୁଁ ଜନ୍ମରେ ହିନ୍ଦୁ ଓ ହିନ୍ଦୁ ଧର୍ମରେ ମୁଁ ଶାନ୍ତି ପାଏ। ଯେତେବେଳେ ମୁଁ ଶାନ୍ତି ହରାଏ, ତାହା ମୁଁ ହିନ୍ଦୁ ଧର୍ମରେ ପାଏ। ମୁଁ ହିନ୍ଦୁଧର୍ମକୁ ଅଧ୍ୟୟନ କରିଛି ଓ ନିଷ୍ପତ୍ତି ନେଇଛି ଯେ ସେଥିରେ ଯାହାବି ଦୋଷତ୍ରୁଟି ଥାଉ, ଏହି ହିନ୍ଦୁଧର୍ମ ହିଁ ମୋ ପାଇଁ ଧର୍ମ। ଏହା ମୋର ଅନୁଭବ ଓ ସେଥିପାଇଁ ମୁଁ ନିଜକୁ ଜଣେ ସନାତନୀ ହିନ୍ଦୁ କହେ।'' ତାଙ୍କ ଦୃଷ୍ଟିରେ ଯେଉଁ ହିନ୍ଦୁ କୁସଂସ୍କାର ମୁକ୍ତ ଓ ଯାହାର ପ୍ରତ୍ୟେକ କର୍ମ ବିବେକ ଓ ନୀତିବୋଧ ଦ୍ୱାରା ନିୟନ୍ତ୍ରିତ ସେ ହିଁ ସନାତନୀ ହିନ୍ଦୁ।

ମୋ:୯୪୩୭୩୨୯୨୬୩



# ତରକାରି ଆଇନକୁ ଅଣଦେଖା

ଯୁଧିଷ୍ଠିର ମହାରଣା

ବର୍ତ୍ତମାନ ବିବାହ ଓ ଭୋଜିଭାତ ଋତୁ ଚାଲିଛି। ଏହି ସମୟରେ ନଅ ତିଅଣ ଛଅ ଭଜାଠାରୁ ଆହୁରି ଲମ୍ବି ଗଲାଣି ଖାଇବା ମେନୁର ତାଲିକା। ଏମିତିରେ ବି ଲୋକମାନଙ୍କ ଖାଦ୍ୟ ରୁଚି ସବୁ ପରିବର୍ତ୍ତନ ହୋଇଗଲାଣି। କହିବାକୁଗଲେ ଦାମୀ, ସୁସ୍ୱାଦୁ ଓ ଆକର୍ଷଣୀୟ ଖାଦ୍ୟ ପଦାର୍ଥ ନ କଲେ ଭୋଜିର ମୂଲ୍ୟ ରହିବ ନାହିଁ ବୋଲି ଅନେକଙ୍କର ଏକ ପ୍ରକାର ଧାରଣା ଥାଏ। କାଁ ଭାଁ କେଉଁଠି ଭୋଜିରେ ଗାଉଁଲି ଖାଦ୍ୟ ଦେଖିବାକୁ ମିଳୁଛି। କିନ୍ତୁ ଖାଇବା ଭୋଜି ବ୍ୟବସ୍ଥା ଦିନକୁ ଦିନ ଏତେ ବ୍ୟୟ ବହୁଳ ହେଲାଣି ଯେ, 'ଦେଉଳକୁ ମୁଖଶାଳା ବଳି' ପରି ସବୁ ଖର୍ଚ୍ଚଠାରୁ ଖାଇବା ପିଇବା ଖର୍ଚ୍ଚ ଉଚ୍ଚାରେ ରହୁଛି। ଗଣମାଧ୍ୟମରେ ଆମେ ଅନେକ ସମୟରେ ଦେଖୁଛୁ ଯେ ସୁସ୍ୱାଦୁ ଓ ଆମିଷ ଖାଦ୍ୟ ପାଇଁ ବିବାହ ବା ଅନ୍ୟ ଭୋଜିରେ ନାନାଦି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଗୋଟିଏ ଗୋଟିଏ ପରିବାର ବିବାହ ଭୋଜି ପାଇଁ ଏପରି ଋଣଗ୍ରସ୍ତ ହୋଇଯାଉଛନ୍ତି ଯେ ସେଥିରୁ ଉଠିବା ପାଇଁ ସେମାନଙ୍କୁ ବର୍ଷ ବର୍ଷ ଲାଗି ଯାଉଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ବର୍ଷ ବର୍ଷ ଧରି ଓଡ଼ିଶାରେ ଏକ ବିଧିବଦ୍ଧ ଆଇନ ଥାଇ ମଧ୍ୟ ତାହା କୌଣସି କାର୍ଯ୍ୟରେ ଲାଗୁନି। ଭୋଜିରେ କେତେ ପ୍ରକାର କ'ଣ କ'ଣ ମେନୁ ତାଲିକା ରହିଲା ତାହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ତଥା କଥିତ ଷ୍ଟାଟସ୍ ସିମ୍ବଲ କହିଲେ ଅତ୍ୟୁକ୍ତି ହେବନାହିଁ।

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରି ପରଷା ଯାଇପାରିବ ନାହିଁ। ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀ କଳ ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳ ବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନ ଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ୍ ରେଷ୍ଟ୍ରିକ୍‌ଶନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଂ ଏଷ୍ଟାବ୍ଲିଶମେଣ୍ଟ ଅର୍ଡର' ଗେଜେଟ୍ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୂର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରଷା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଂ ସଂସ୍ଥା ଆଦି ଉପରେ ଚଢ଼ାଉକରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ୍‌ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରି ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରେ ପ୍ରସ୍ତୁତ ଗୋଟିଏ ତରକାରି ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ। ତେବେ ଏହି ତରକାରି ବ୍ୟତୀତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣି, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ୍ ଆଦି ସେବନ କରାଯାଇ ପାରିବ।



ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକମାନଙ୍କର ବାହାଘର ଭୋଜିରେ ଆଠ ଦଶ ପ୍ରକାରର ଆମିଷ ଓ ଅନେକ କିସମର ନିରାମିଶ ବ୍ୟଞ୍ଜନ ପରଷା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଆପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥିମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥିମାନଙ୍କୁ ଆପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ଖାଇବାକୁ ସକ୍ଷମ ନ ଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରି ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ପ୍ରଦୂଷଣ ବୃଦ୍ଧି କରୁଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋ: ୯୪୩୭୧୬୩୫୨୮**

## ଏଇ ଭାରତରେ

ଲଗାତର ଅଭ୍ୟାସ, ସାହସ, ପ୍ରତିବଦ୍ଧତା ଓ ଦୃଢ଼ ବିଶ୍ୱାସ ବଳରେ ଅସାଧ୍ୟ ଲକ୍ଷ୍ୟ ସହଜରେ ହାସଲ ହୋଇପାରେ, ଯାହା ପ୍ରତିପାଦିତ କରିଛନ୍ତି ଆନଭି ସୁବର୍ଣ୍ଣା। ତାଙ୍କୁ ଏବେ ବୟସ ୧୦। ସେ ତାଙ୍କ ଜନ୍ମଦିନରେ ୧୭ କି.ମି. ପହଁରି ସାହସ ଓ ପ୍ରତିଭାର ପରିଚୟ ଦେଇଛନ୍ତି। ଆମେ ଜନ୍ମଦିନରେ ବାର୍ଥ ଡେ କେକ୍ କାଟି ପାର୍ଟିର ଆୟୋଜନ କରୁଥିବାବେଳେ ଆନଭି ତାଙ୍କ ଜନ୍ମଦିନରେ ଅଟଳ ସେତୁଠାରୁ ଗେଟ୍‌ୱେ ଅଫ୍ ଇଣ୍ଡିଆ ପର୍ଯ୍ୟନ୍ତ ପହଁରିଛନ୍ତି ୨ ଘଣ୍ଟା ୪୪ ମିନିଟରେ। ଆନଭି ମୁମ୍ବାଇର ଡୋମ୍ବିବଲିରେ ରହୁଛନ୍ତି । ସେ ବିଳାସ ମନେ ଓ ରବି ନାଭେଲଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଅନେକମାସର କଠୋର ପରିଶ୍ରମ ପରେ ସେ ସମୁଦ୍ରର ଥଣ୍ଡା ଓ ଜୁଆରିଆ ସ୍ରୋତର ପ୍ରତିକୂଳ ସ୍ଥିତିକୁ ମୁକାବିଲା କରିବାରେ ସକ୍ଷମ ହୋଇପାରିଛନ୍ତି। ଅନ୍ଧାର ଅପସରିଯିବା ପୂର୍ବରୁ ଆନଭି ଅଟଳସେତୁ ନିକଟରେ ସମୁଦ୍ରକୁ ଲମ୍ଫ ଦେଇଥିଲେ ଓ ସକାଳ ୫.୧୧ଟା ସମୟରେ ଗେଟ୍‌ୱେ ଅଫ୍ ଇଣ୍ଡିଆରେ ପହଞ୍ଚି ଯାଇଥିଲେ। କୋଚ୍ ଓ ପରିବାରବର୍ଗ ତାଙ୍କ ସହିତ ଥିଲେ। ଆନଭିଙ୍କ ଏହି ସଫଳତା ଆଗାମୀ ପିଢ଼ି ପାଇଁ ଏକ ପ୍ରେରଣାର ଉତ୍ସ।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ଡିସେମ୍ବର ୧୯୭୬

- ଜାପାନ ଭାରତକୁ ୪୦ କୋଟି ଟଙ୍କା ଋଣ ପରିଶୋଧ ଲାଗି ଉଭୟ ଦେଶ ମଧ୍ୟରେ ଏକ ଋଣ ପରିଶୋଧ ଚୁକ୍ତିପତ୍ର ସ୍ୱାକ୍ଷରିତ।
- ବିଜ୍ଞାନ, ବୈଷୟିକ ତଥା ବାଣିଜ୍ୟ କ୍ଷେତ୍ରରେ ପାରସ୍ପରିକ ସହଯୋଗ ସ୍ଥାପନ ନିମନ୍ତେ ଭାରତ ଓ ଜୋର୍ଡାନ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ବହିଯାଏ ଧୀରେ ନୟନର ନୀରେ ବାରତା କିବା
ତାହାରି ଧିଆନେ ଉଜଳି ଉଠେ ମୋ ରଜନୀ ଦିବା ।
ନ ଚାହିଁ କେଜିକି ସେ ଏଣୀ-ନୟନା ନଚାଇ ବେଣୀ
ଲୁଚାଇ ଚାଲଇ ଓଠ ତଳେ କେତେ ବାସନା ଶ୍ରେଣୀ ।
କେଉଁ ଯୁଗର ସେ ଅତି ପରିଚିତା ଜୀବନେ କି ଯେ
ନିତି ହୁଏ ଭେଟ, ଆଉ କେହି ନୁହେଁ, ସେହି ମୁଁ ନିଜେ ।
–(ସେହି ମୁଁ ନିଜେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟ ରାଜନୀତି ଓ ଦୁର୍ନୀତି

ମହାଶୟ,

ଭାରତରେ ରାଜନୀତିକୁ ସର୍ବାଧିକ ଲାଭଜନକ ପାରିବାରିକ ବ୍ୟବସାୟ ଭାବେ ଗ୍ରହଣ କରାଯାଉଥିବା ଲକ୍ଷ୍ୟ କରାଯାଉଛି। ଭୋଟ ସରିଗଲା ପରେ ନେତାମାନେ ଜନତାଙ୍କ ପାଇଁ କରାଯାଉଥିବା ଯୋଜନାର ଅର୍ଥକୁ ଲୁଟିବାରେ ବ୍ୟସ୍ତ ରହୁଛନ୍ତି। ନିର୍ବାଚିତ ଜନ ପ୍ରତିନିଧିମାନେ ଜନତାଙ୍କ କଥା ନ ଶୁଣି କୁଜିନେତାଙ୍କ କଥା ବେଶି ଶୁଣୁଛନ୍ତି। ଏମାନଙ୍କ ପାଇଁ ଆମ ଦେଶ ଓ ରାଜ୍ୟସମୂହରେ ପ୍ରତିବର୍ଷ ଅନେକ ଲକ୍ଷ କୋଟି ଟଙ୍କା ବାଟମାରଣା ହେଉଛି। ଏମାନେ ଖଣିଜ ସମ୍ପଦକୁ ନିରନ୍ତର ଲୁଣ୍ଠନ କରିଚାଲିଛନ୍ତି। କହିବାକୁ ଗଲେ ଗଣତନ୍ତ୍ର ବର୍ତ୍ତମାନ କଳାଧନ ତନ୍ତ୍ରରେ ପରିଣତ ହୋଇଯାଇଛି। ଗୋଟିଏ ଘରୁ ବାପ ଓ ପୁଅ, ମା' ଝିଅ ଅଥବା ଶ୍ୱଶୁର ଓ ଜ୍ୱାଇଁ ବିଭିନ୍ନ ଦଳରୁ ଟିକେଟ ନେଇ କ୍ଷମତା ରାଜନୀତି କରୁଛନ୍ତି। ସିବିଆଇ, ଭିଜିଲାନ୍ସ ଓ ଇଡି ପ୍ରମୁଖ ତଦନ୍ତକାରୀ ସଂସ୍ଥା ଶାସକ ଦଳ ଇସାରାରେ ନାଚୁଛନ୍ତି। ଏଥିପାଇଁ ସ୍ୱାଧୀନତାର ଦୀର୍ଘ ବର୍ଷ ଅତିକ୍ରାନ୍ତ ହେବା ପରେ ଭାରତର ଆକାଂକ୍ଷିତ ବିକାଶ ହୋଇପାରି ନାହିଁ । କୋଟି କୋଟି ଟଙ୍କାର କଳାଧନ ରଖିଥିବା ଶାସକ ଦଳର ନେତାଙ୍କ ଘରେ ସିବିଆଇ, ଭିଜିଲାନ୍ସ ଓ ଇଡି ତରଫରୁ ଚଢ଼ାଉ ହେଉଛି କି ? ଯଦି ଦଳଗତ ନିର୍ବିଶେଷରେ ସଚେତନ ଜନସାଧାରଣ ଏମାନଙ୍କୁ ନିର୍ବାଚନରେ ଜବାବ ନ ଦେବେ ତେବେ ଦୁର୍ନୀତି ଓ ଭ୍ରଷ୍ଟାଚାର ଶେଷ ହେବ ନାହିଁ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | 5 | | | | 1 | | 4 | 9 |
| 7 | | | | 8 | 3 | | | 2 |
| 9 | 7 | | | | | | | |
| | | | | | | | 1 | |
| | | | 6 | | 8 | 5 | | 7 |
| | | 2 | | | | 4 | | |
| 1 | 9 | | | | 4 | | | |
| 4 | | 6 | 5 | 7 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 8 | 2 | 6 | 1 | 5 | 9 |
| 5 | 1 | 8 | 9 | 4 | 7 | 2 | 6 | 3 |
| 9 | 6 | 2 | 5 | 3 | 1 | 4 | 8 | 7 |
| 2 | 4 | 3 | 6 | 1 | 9 | 8 | 7 | 5 |
| 6 | 5 | 1 | 7 | 8 | 3 | 9 | 2 | 4 |
| 8 | 7 | 9 | 4 | 5 | 2 | 3 | 1 | 6 |
| 1 | 2 | 6 | 3 | 9 | 5 | 7 | 4 | 8 |
| 3 | 8 | 5 | 1 | 7 | 4 | 6 | 9 | 2 |
| 7 | 9 | 4 | 2 | 6 | 8 | 5 | 3 | 1 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ଏଫ୍‌ଏମ୍‌ୟୁ ପ୍ରଫେସର ଅନିଲ ମହାପାତ୍ର 'ଭାରତୀୟ ଚେୟାର' ଜୋନାଲ ଅଫିସ୍‌ରୁ ମିଳିଲା ନିଯୁକ୍ତିପତ୍ର


ଦାୟିତ୍ୱ ଗ୍ରହଣ କରୁଛନ୍ତି ପ୍ରଫେସର ମହାପାତ୍ର।

**ବାଲେଶ୍ୱର, ୨।୧୨(ବାଞ୍ଛାନିଧି ଦେ)**

ଭାରତର ବୈଦେଶିକ ମନ୍ତ୍ରଣାଳୟ ଅନ୍ତର୍ଗତ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ (ଆଇସିସିଆର୍) ତରଫରୁ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ପ୍ରଫେସର ଅନିଲ କୁମାର ମହାପାତ୍ର ସମ୍ମାନଜନକ 'ଭାରତୀୟ ଚେୟାର' ରୂପେ ଚୟନ ହୋଇଥିଲେ। ନେପାଳର ରାଜଧାନୀ କାଠମାଣ୍ଡୁରେ ଅବସ୍ଥିତ ତ୍ରିଭୁବନ ବିଶ୍ୱବିଦ୍ୟାଳୟରେ ଥିବା ନେପାଳ ଓ ଏସୀୟ ଶିକ୍ଷା କେନ୍ଦ୍ର (ସିଏନ୍‌ଏଏସ୍)ରେ ଗୋଟିଏ ବର୍ଷ ପାଇଁ ସେ ଚେୟାର ପ୍ରଫେସର ରୂପେ ଦାୟିତ୍ୱ ନିର୍ବାହ କରିବେ। ଏହି ଅବସରରେ ସେ କୋଲକାତାସ୍ଥିତ ଆଇସିସିଆର୍ ଜୋନାଲ ଅଫିସ୍ ରବୀନ୍ଦ୍ରନାଥ ଟାଗୋର ସେଣ୍ଟରରେ ଜୋନାଲ ମୁଖ୍ୟଙ୍କଠାରୁ ମଙ୍ଗଳବାର ନିଯୁକ୍ତିପତ୍ର ଗ୍ରହଣ କରିଛନ୍ତି।

ସୂଚନା ଯେ, ଭାରତ ସରକାର ୩୨ଟି ଦେଶ ସହ ବୁଝାମଣାପତ୍ର ସ୍ୱାକ୍ଷର କରି ୪୭ଟି ଚେୟାର ପ୍ରତିଷ୍ଠା କରିଛନ୍ତି। ପ୍ରଫେସର ମହାପାତ୍ର ସେଠାରେ ବର୍ଷାଧିକ କାଳ ବା ତଦୁର୍ଦ୍ଧ୍ୱ ଆବାସିକ ଭାବେ ରହି ଭାରତର ସଂସ୍କୃତି, ରାଜନୈତିକ ବ୍ୟବସ୍ଥା ଆଦି ଉପରେ ସନ୍ଦର୍ଭ ଲେଖିବା, ଗବେଷଣାରେ ସହାୟତା କରିବା , ସମ୍ମାନରେ ବକ୍ତବ୍ୟ ରଖିବା ଏବଂ ବିଶେଷ କରି ଦୁଇଟି ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପୂର୍ବରୁ ପ୍ରଫେସର ମହାପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟରେ ସହକାରୀ ପ୍ରଫେସର ଥିବା ବେଳେ ଅକ୍ସଫୋର୍ଡ (ଇଂଲଣ୍ଡ) ଓ ହାଇଡେଲବର୍ଗ ବିଶ୍ୱବିଦ୍ୟାଳୟ (ଜର୍ମାନୀ)ରେ ଫେଲୋସିପ ପାଇ ଗବେଷଣା କରିବାର କୃତିତ୍ୱ ଅର୍ଜନ କରିଥିଲେ। ଓଡ଼ିଶା ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ମହାପାତ୍ରଙ୍କ ଏହା ଜାତୀୟସ୍ତରର ସ୍ୱୀକୃତି ଗୌରବ ଆଣିଛି। ଏହି ସମ୍ମାନ ପାଇବାରେ ଓଡ଼ିଶାରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟରୁ ସେ ପ୍ରଥମ ବ୍ୟକ୍ତି। ପ୍ରଫେସର ମହାପାତ୍ର ଏଥିପାଇଁ ଭାରତ ସରକାର, ଓଡ଼ିଶା ସରକାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଓଡ଼ିଶାର ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

### ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

**ବସ୍ତା, ୨।୧୨(ହରିଶଙ୍କର ପାଢ଼ି)**

ଖଡ଼ଗପୁର ରେଳ ଡିଭିଜନ୍ ଅନ୍ତର୍ଗତ ନୂଆଗାଁ ରେଳ ଷ୍ଟେଶନ ନିକଟରେ ଟ୍ରେନ୍‌ରୁ ପଡି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ ନୂଆଗାଁ ଷ୍ଟେଶନ ନିକଟରେ କେତେକ ଲୋକ ଗୋରୁ ଚରାଉଥିବା ବେଳେ ଜଣେ ଯୁବକ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଓ ଭାଜପା ବାଲେଶ୍ୱର (ଉତ୍ତର) ସାଙ୍ଗଠନିକ ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ନିଜ ଗ୍ରାମ ହୋଇଥିବାରୁ ସେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ସହାୟତାରେ ବସ୍ତା ମେଡିକାଲକୁ ଆଣିଥିଲେ। ସେଠାରୁ ତାଙ୍କୁ ବାଲେଶ୍ୱର ମେଡିକାଲକୁ ପଠାଇ ଦିଆଯାଇଛି। ରୂପସା ଆରପିଏଫ୍ ଥାନା ପୋଲିସ ତଦନ୍ତ କରୁଥିବା ବେଳେ ଯୁବକ ଜଣକ ଘର ପଶ୍ଚିମବଙ୍ଗ ବାଙ୍କୁଡା ଜିଲା ବିଷ୍ଣୁପୁରର ସୌମ୍ୟଜିତ ନନ୍ଦୀ ବୋଲି ଜଣାପଡ଼ିଛି। ସେ ହାଇଦ୍ରାବାଦରେ ରହି କାମ କରୁଥିଲେ।

## ପର୍ଯ୍ୟଟକଙ୍କ ପାଇଁ ସଜେଇହୋଇଛି | ଚଉମୁଖ ବେଳାଭୂମିରେ ଗ୍ରାମ୍ୟ ଉଦ୍ୟାନ

**ବାଲିଆପାଳ, ୨।୧୨(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଚଉମୁଖ ସମୁଦ୍ର ବେଳାଭୂମିର ବିକାଶ ଲାଗି ସରକାର ଅବହେଳା କରିଆସୁଛନ୍ତି। ୧୯୯୮ମସିହାରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଦ୍ୱାରା ଚଉମୁଖ ବେଳାଭୂମିକୁ ଚଉମୁଖ ଡଗରା ପର୍ଯ୍ୟଟନକ୍ଷେତ୍ର ଭାବେ ମାନ୍ୟତା ଦିଆଯାଇଥିଲେ ମଧ୍ୟ ଆଜି ଯାଏ ଏଥିପ୍ରତି ଦୃଷ୍ଟି ଦିଆଯାଇନାହିଁ। ସ୍ଥାନୀୟ ଜନପ୍ରତିନିଧି ଓ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ବେଳାଭୂମିରେ ସୃଷ୍ଟି କରାଯାଇଛି ଗ୍ରାମ୍ୟ ଉଦ୍ୟାନ, ଯାହାକି ପର୍ଯ୍ୟଟକଙ୍କ ଲାଗି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବେଳାଭୂମିରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଅତିବ ମନୋରମ ଅଟେ। ଏହାର ବିକାଶ ଦିଗରେ ସରକାରଙ୍କ ଉଦାସୀନ ମନୋଭାବ ଯୋଗୁ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି ଏହି ପ୍ରାକୃତିକ ଶୋଭାରାଜି। ସରକାର ଏହାକୁ ନାମକୁ ମାତ୍ର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଛନ୍ତି। ହେଲେ ବିକାଶ ପ୍ରତି ଦୃଷ୍ଟି ଦେଇନାହାନ୍ତି। ଏହି ବେଳାଭୂମି ପଶ୍ଚିମରେ ହଂସକରା ନଦୀ ମୁହାଣଠାରୁ ପୂର୍ବରେ ସୁବର୍ଣ୍ଣରେଖା ନଦୀ ମୁହାଣ ପର୍ଯ୍ୟନ୍ତ ଥିବା ଏହି ବେଳାଭୂମି ସର୍ବବୃହତ୍ ବେଳାଭୂମି ରୂପେ ପରିଗଣିତ। ରକ୍ଷଣାବେକ୍ଷଣ ଅଭାବରୁ ନଦୀ ମୁହାଣ କ୍ରମଶଃ ପୋତି ହୋଇପଡ଼ିଥିବା ବେଳେ ହେନ୍ତାଳ ବଣ ନଷ୍ଟ ହେବାରେ ଲାଗିଛି।


ବେଳାଭୂମିରେ ଗ୍ରାମ୍ୟ ଉଦ୍ୟାନ।

ସମୁଦ୍ର ଓ ନଦୀ ଏଠାରେ ଏକ ତ୍ରିକୋଣ ଭୂମି ସୃଷ୍ଟି କରି ଏହି ସ୍ଥାନକୁ ମନୋରମ କରି ଗଢ଼ି ତୋଳିଛି। ସେହିପରି ସମୁଦ୍ର କୂଳର ହେନ୍ତାଳବଣ, ଅଲିଭ ରିଡ଼ଲେଙ୍କ ସହିତ ସକାଳ ଓ ସନ୍ଧ୍ୟା ବେଳାଭୂମିରେ ମାଳ ମାଳ ନାଲି କଙ୍କଡ଼ାଙ୍କ ଚଳପ୍ରଚଳ ଖୁବ୍ ଆକର୍ଷଣୀୟ ହୋଇଥାଏ। ସନ୍ଧ୍ୟାରେ ବେଳାଭୂମିରେ ଥିବା ଗ୍ରାମ୍ୟ ଉଦ୍ୟାନର ସୌନ୍ଦର୍ଯ୍ୟରେ ଲୋକେ ଆକର୍ଷିତ ହୋଇ ବୁଲିବା ସହିତ ସେଲ୍‌ଫିର ମଜା ନେବା ପାଇଁ ଗହଳି କରୁଛନ୍ତି। ସରକାର ଦୀର୍ଘଦିନ ଧରି ଏହି ସମୁଦ୍ର ବେଳଭୂମିରେ ବନ୍ଦର ନିର୍ମାଣର ପ୍ରୟାସ ଜାରି ରଖିଥିବାରୁ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପ୍ରତି ସରକାର ଦୃଷ୍ଟି ଦେଇନାହାନ୍ତି। ନିକଟରେ ହାଇକୋର୍ଟ ଚଉମୁଖ ବେଳାଭୂମିରେ ଚଉମୁଖ ଡଗରା ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର ଆବାହକ ଅନୁଜ କୁମାର ମହାପାତ୍ର କହିଛନ୍ତି। ତେବେ ଚଉମୁଖ ସମୁଦ୍ର ବେଳାଭୂମିରେ ବାରୁଣୀ ଯାତ୍ରା ଓ ମେଳା ଖୁବ୍ ପ୍ରସିଦ୍ଧ ଥିବାରୁ ଗତ କିଛି ବର୍ଷ ହେବ ଚଉମୁଖ ପଞ୍ଚାୟତ ପକ୍ଷରୁ ମନୋରମ ଗ୍ରାମ୍ୟ ଉଦ୍ୟାନ, ଉଜ୍ଜଳ ଆଲୋକ, ଝାଉଁ ଜଙ୍ଗଲର ନବୀକରଣ, ରାସ୍ତା ନିର୍ମାଣ ଭଳି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ବେଳାଭୂମିର ବିକାଶର ପ୍ରୟାସ ଜାରି ରହିଛି। ସରକାର ଏହି ବେଳାଭୂମିର ବିକାଶ ଦିଗରେ ଦୃଷ୍ଟି ଦେଲେ ଏହ ଆହୁରି ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ହୋଇପାରିବ।

## ନୀଳଗିରି ମାଟିର ଜିତେନ୍ଦ୍ର ଆଣିଲେ ଗୌରବ

**ନୀଳଗିରି, ୨।୧୨(ପ୍ରଶାନ୍ତ ବିଶ୍ୱାଳ)**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଦୁଇ ଦୁଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ନୀଳଗିରି ମାଟିର ପୁଅ ଜିତେନ୍ଦ୍ର ନାୟକ। ୨୦୨୫ ମସିହା ନଭେମ୍ବରରେ ପ୍ରକାଶିତ ହୋଇଥିବା ୨୦୨୩/୨୪ ମସିହାରେ ଓଡ଼ିଶା ସିଭିଲସର୍ଭିସ ପରୀକ୍ଷାରେ ବନ୍ୟପ୍ରାଣୀ ଅଧିକାରୀ (ରେଞ୍ଜର) ପଦବୀ ପାଇଁ ହୋଇଥିବା ପରୀକ୍ଷାର ୨୬ତମ ସ୍ଥାନ ପାଇଥିବା ଜିତେନ୍ଦ୍ର ୨୦୨୪/୨୫ ମସିହା ସିଭିଲ ସର୍ଭିସ ପରୀକ୍ଷାଦେଇ ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ଅଧିକାରୀ ପଦବୀ ପାଇଁ ୨୦ତମ ସ୍ଥାନ ହାସଲ କରି ଏକସଙ୍ଗେ କୃତକାର୍ଯ୍ୟ ହୋଇଛନ୍ତି। ନୀଳଗିରି ବ୍ଲକ ଅଧୀନ କଣ୍ଟାବଣିଆ ଗ୍ରାମର ବିଜୟ କୁମାର ନାୟକ ଓ ଆରତୀ ନାୟକଙ୍କ ପୁତ୍ର ଜିତେନ୍ଦ୍ରଙ୍କ କଠୋର ସାଧନା ଆଶାୟୀ ଛାତ୍ରୀଛାତ୍ରଙ୍କ ପାଇଁ ପାଲଟିଛି ଉଦାହରଣ।

ସେ ବିଷ୍ଣୁପ୍ରିୟା ବିଦ୍ୟାଳୟରୁ ଶିକ୍ଷା ଆରମ୍ଭ କରି ଡକ୍ଟରେଟ ସମ୍ମାନଜନକ ଉପାଧି ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ଶେଷ କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ବାପାଙ୍କ ପ୍ରେରଣା ମା'ଙ୍କ ଆଶୀର୍ବାଦ, ଭଉଣୀ ଜୟଶ୍ରୀ ନାୟକ, ଦେବୀଦତ୍ତା ନାୟକ ଓ ଶୁଭଶ୍ରୀ ନାୟକଙ୍କର ପ୍ରାର୍ଥନା ଆଜି ତାଙ୍କୁ ସଫଳ କରାଇଛି। ତାଙ୍କ ବାପା ପାନ ଦୋକାନ କରିଛନ୍ତି। ପୁଅ ଯେ କେବେ ବଡ ଅଫିସର ହେଇ ନିଜ ବାପାଙ୍କ ପରିଶ୍ରମକୁ ଚରିତାର୍ଥ କରିବ ଓ ସ୍ୱପ୍ନ ସବୁକୁ ବାସ୍ତବରେ ରୂପରେଖ ଦେବ ତଥା ସାନ ଭଉଣୀର ଆକାଂକ୍ଷାକୁ ପୂରଣ କରିବ ଏସବୁ ଭାବି ଜ୍ଞାତିକୁଟୁମ୍ବ ଖୁସିରେ ଫାଟି ପଡୁଛନ୍ତି।


ଜିତେନ୍ଦ୍ର ନାୟକ।

## ଶତାଧିକ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗଙ୍କୁ ମିଳିନି ଚଳିତ ମାସର ଭତ୍ତା


ଶ୍ୟାମସୁନ୍ଦରପୁର ପଞ୍ଚାୟତକୁ ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀ।

**ଖଇରା, ୨।୧୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଚଳିତମାସ ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କ ଭତ୍ତା ଗତ ନଭେମ୍ବରରେ ସେମାନଙ୍କ ଆକାଉଣ୍ଟକୁ ଆସି ନ ଥିବା ନେଇ ସମ୍ପୃକ୍ତ ହିତାଧିକାରୀମାନେ ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଶେଷକରି ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ୪୦ ଓ ଡୁଙ୍ଗୁରା ପଞ୍ଚାୟତରେ ୭୦ଜଣ ଭତ୍ତାରୁ ବଞ୍ଚିତ ହୋଇଥିବା ବେଳେ ଅନ୍ୟ ୩୫ ପଞ୍ଚାୟତରେ ବହୁ ସଂଖ୍ୟାର ହିତାଧିକାରୀଙ୍କୁ ଅର୍ଥ ମିଳିନାହିଁ। ସୋମବାର ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଭତ୍ତା ପାଇ ନ ଥିବା ବହୁ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ସରପଞ୍ଚ ବନିତା ପ୍ରଧାନଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ଘଟଣା ଜଣାପଡିଛି। ସେହିଭଳି ଡୁଙ୍ଗୁରା ପଞ୍ଚାୟତ ସରପଞ୍ଚ ପ୍ରକାଶ ଲେଙ୍କା ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକଙ୍କୁ ପଚାରିବାରେ ଯେଉଁମାନଙ୍କର ଗ୍ରାମ୍ୟ ବ୍ୟାଙ୍କରେ ଆକାଉଣ୍ଟ ଅଛି ଆଇଏଫଏସ କୋର୍ଡରେ ପରିବର୍ତ୍ତନ ଯୋଗୁଁ ଅର୍ଥ ଆସିବାରେ ସମସ୍ୟା ହୋଇଛି । ସେମାନେ ସେମାନଙ୍କର ଆଧାରକାର୍ଡ ନେଇ ବ୍ଲକକୁ ଆସିବା ପରେ ଏଗୁଡ଼ିକୁ ଯାଞ୍ଚ କରି ଅର୍ଥ ଆସିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

**ବାହାନଗା, ୨।୧୨(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ ସଦର ମହକୁମାଠାରେ ଥିବା ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମଣ ପଣ୍ଡା ସଭାପତିତ୍ୱ କରିଥିଲେ। ରେଡକ୍ରସ ଅଧିକାରିଣୀ ପୁଷ୍ପିତା ନାୟକ ସଂଯୋଜନା କରିଥିଲେ। ଏନଏସଏସ୍ ଅଧିକାରିଣୀ ସବିତା ବାରିକ୍, ଅଧ୍ୟାପକ ବରୁଣ ପଣ୍ଡା, ହେମନ୍ତ କୁମାର ସାହୁ, ଅଧ୍ୟାପିକା ସନ୍ଧ୍ୟାରାଣୀ ମହାପାତ୍ର, ଇତିଶ୍ରୀ ବେହେରା, କିରଣବାଳା ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଡ୍‌ସ ବାବଦରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଚେତନତା ନିମନ୍ତେ ପଥପ୍ରାନ୍ତ ନାଟକ କରାଯାଇଥିଲା।

## ମଦ ସହ ବାଇକ, ସ୍କୁଟି ଜବତ: ୨ କୋର୍ଟଚାଲାଣ

**ଖଇରା, ୨।୧୨(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଖଇରା ଓ ବାସୁଦେବପୁର ଥାନା ଅଧୀନରେ ବିଭିନ୍ନ ସ୍ଥାନରେ ଚଢାଉ କରି ୨୩୫ ଲିଟର ଚୋରା ଦେଶୀ ମଦ ସହ ବାଇକ ଓ ସ୍କୁଟି ଜବତ କରିଛନ୍ତି। ସେମାନଙ୍କ ନାମରେ ୩ଟି ମାମଲା(୨୦୯/୨୫, ୨୧୦/୨୫, ୨୧୧/୨୫) ରୁଜୁ କରାଯାଇଛି। ବାସୁଦେବପୁର ଥାନା ନୂଆଗାଁ ଗ୍ରାମର ଓକିଲ ମଲ୍ଲିକ ଏବଂ ଖଇରା ଥାନା ଅଚ୍ୟୁତପୁର ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଭାଟପଡା ଗ୍ରାମର ଜଣେ ବିକ୍ରେତା ଫେରାର ହୋଇଯାଇଛନ୍ତି।

## ମେଘାଚ୍ଛନ୍ନ ଆକାଶ, ଚାଷୀ ଛାନିଆ

**ଲଙ୍ଗଳେଶ୍ୱର, ୨।୧୨(କମଳାକାନ୍ତ ଦାସ)**

ଧାନ ଫସଲ ଅମଳ କରିବା ସମୟରେ ଦାଉ ସାଜୁଛି ଲଘୁଚାପ। ଧାର କରଜ କରି ଚାଷୀ ଫଳାଇ ଥିବା ଧାନ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇବା ସହିତ କରଜ ସୁଝିବ ବୋଲି ଆଶା ରଖିଛି। ମୋଘାଛନ୍ନ ଆକାଶକୁ ଦେଖିଲେ ଚାଷୀ ମନରେ ଛନକା ପଶୁଛି। ଲଘୁଚାପ ଯୋଗୁ କେତେବେଳେ ବର୍ଷା ଆସିଯିବ ସେ କଥାକୁ ଭାବି ଚାଷୀମାନେ ଭୟଭୀତ ହୋଇପଡ଼ିଛନ୍ତି। ତରତରରେ ଧାନ ଅମଳ କରି ଘରକୁ ଆଣିବାରେ ପରିବାରର ବୃଦ୍ଧଠାରୁ ପିଲା ସମସ୍ତେ କାମରେ ଲାଗିପଡ଼ିଛନ୍ତି।



ବିଲରୁ ଧାନ ଅମଳ କରାଯାଉଛି।

## ଉତ୍କଳ ସୀମାନ୍ତ ଉତ୍ସବ ଉଦ୍‌ଘାଟିତ | ମହୋତ୍ସବ ଭାଇଚାରାର ସେତୁବନ୍ଧ

**ଭୋଗରାଇ, ୨।୧୨(ପ୍ରଦୀପ ଦାସ)**

ଉତ୍କଳ-ବଙ୍ଗ ସଂସ୍କୃତି ଅଭିନ୍ନ ଓ ବହୁକାଳରୁ ଭାଇଚାରାର ସମ୍ପର୍କ ନିବିଡ଼ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ସହାବାଜିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ମଧୁ ମଣ୍ଡପରେ ସୋମବାର ସନ୍ଧ୍ୟାରେ ବିଶ୍ୱ ସନାତନ କଲ୍ୟାଣ ସଙ୍ଘ ପକ୍ଷରୁ ଆୟୋଜିତ ଉତ୍କଳ ସୀମାନ୍ତ ଉତ୍ସବ ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଉତ୍ସବ କମିଟି ସଭାପତି ଭଗବାନ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ସୁବାସ ଦାସ, ସମ୍ମାନିତ ବକ୍ତା ଭାବେ ବରିଷ୍ଠ ଖବରଦାତା ଅଜିତ କୁମାର ଦାସ, ବିଶ୍ୱଜିତ ମହାନ୍ତି, ଶିଶିର ପ୍ରଧାନ, ଦିଲୀପ ଦାସ, ସୁଶାନ୍ତ ମଣ୍ଡଳ, ସପନ ଜେନା ପ୍ରମୁଖ ସୀମାନ୍ତବାସୀ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରିଥିବାରୁ ସାଧୁବାଦ ଜଣାଇଥିଲେ। ନିର୍ମଳ ପଟ୍ଟାୟତ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶମ୍ଭୁନାଥ ପଟ୍ଟାୟତ, ଭାକୁ ବେହେରା, ଶ୍ରୀହରି ସାମଲ, ତରଣୀକାନ୍ତ ପଟ୍ଟାୟତ, ଜଳେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଗୋପବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଭୟ ରାଜ୍ୟର ସୀମାନ୍ତବାସୀ ଉପଭୋଗ କରିଥିଲେ।

## ୪୮୮ ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘର ଜିଲା ସମ୍ମିଳନୀ

### ଦାବି ପୂରଣ ନ ହେଲେ ଅହୋରାତ୍ର ଆନ୍ଦୋଳନ

**ବାଲେଶ୍ୱର, ୨।୧୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ସିଦ୍ଧି ବିନାୟକ ବାଲବାଟିକାଠାରେ ରବିବାର ନିଖିଳ ଓଡ଼ିଶା ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ସଭାପତି ମାନସ ପୁରୋହିତ ସଭାପତିତ୍ୱ କରିଥିଲେ। ସଂଘର ଉପସଭାପତି ସଞ୍ଜିତ ଭୂୟାଁ ଓ ମାଷ୍ଟର ଆପୋଲୋ, ରାଧାକାନ୍ତ ମହାନ୍ତି ଓ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ସଦସ୍ୟମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ଚାକିରି ସର୍ତ୍ତାବଳୀ, ପଦୋନ୍ନତି ଓ ପେନସନ ସମ୍ବନ୍ଧିତ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବର୍ଗର ମହାବିଦ୍ୟାଳୟଗୁଡିକରେ ବଳବତ୍ତର ଥିବା ନିୟମଗୁଡିକୁ ଲାଗୁ କରି ସମସ୍ତ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ଓ ପେନସନ ନ ଦେବା ଫଳରେ ଅନେକ ପ୍ରକାର କର୍ମଚାରୀ ସୃଷ୍ଟି ହେବା ସହିତ ମହାବିଦ୍ୟାଳୟ ପରିସରରେ ବିଶୃଙ୍ଖଳା ଦେଖା ଦେଉଛି। ଏଣୁ ପ୍ରତ୍ୟେକ ପ୍ରତ୍ୟକ୍ଷ ଅନୁଦାନପ୍ରାପ୍ତ ପ୍ରତିଷ୍ଠାନ (୪୮୮ ବର୍ଗ)ରେ କାର୍ଯ୍ୟରତ ସମସ୍ତ ପ୍ରକାର କର୍ମଚାରୀଙ୍କ ମଧ୍ୟରେ ଭେଦଭାବକୁ ଏଡାଇବା ପାଇଁ ଏକୀକୃତ ପ୍ରତ୍ୟକ୍ଷ ଅନୁଦାନ ନୀତି ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ଅତି ଶୀଘ୍ର ଚାକିରି ସର୍ତ୍ତାବଳୀ ଓ ପେନସନ ଲାଗୁ କରିବା ପାଇଁ ସଭାପତି ଦାବି କରିଥିଲେ। ସରକାର ଶୀଘ୍ର ଦାବି ପୂରଣ ନ କଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସଂଘ ରାଜରାସ୍ତାକୁ ଓହ୍ଲାଇବ। ଅହୋରାତ୍ର ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରିଥିଲେ। ଏହି ସମ୍ମିଳନୀରେ ଚକ୍ରଧର ମହାପାତ୍ର, ସରୋଜ ଗିରି, ଭବେଶ ସ୍ୱାଇଁ, ସୁବାଶ ସାହୁ, ଶାନ୍ତି ଦାଶ, ସ୍ମିତା ଦାଶ, ସଙ୍ଗୀତା ନନ୍ଦ, ଡ଼. ମନିଶା ବର୍ଦ୍ଧନ, ଦେବଯାନୀ ଦାଶ, ସତ୍ୟେନ୍ଦ୍ର ପାଲ, ଶମ୍ଭୁନାଥ ଗିରି, ମନୋରଞ୍ଜନ ମହାନ୍ତି, ପ୍ରଦ୍ୟୁତ ପଣ୍ଡା, ରାଜଦର୍ଶୀ ଦାଶଙ୍କ ସମେତ ଜିଲାର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ଅଧ୍ୟାପିକା ଡ. ମଧୁସ୍ମିତା ଦାଶ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ରାଧାକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।



ସମ୍ମିଳନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି, ଦ. ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି:** (୧) **ସିକେପି-ସାଉଥ୍-୨୫-୨୬-୧୬;** ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ନୟାଗଡ଼, ପଦାପାହାଡ଼-ବଲାଣିଖାଦାନ ଓ ବଡ଼ଜାମଦା-ଗୁଆର ବିଭିନ୍ନ ୟାର୍ଡରେ ମୋଟ ୨୬୯ ସେଟ୍ ପାଇଁ ଥ୍ରୁ ଟର୍ନଆଉଟ୍ ନବୀକରଣ (ଟିଡବ୍ଲୁଏସ୍) । ₹୨,୧୪,୭୮,୯୧୨.୪୬; ₹୨,୫୭,୪୦୦/-। (୨) **ସିକେପି-ସାଉଥ୍-୨୫-୨୬-୨୦;** ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ନୟାଗଡ଼, ପଦାପାହାଡ଼-ବଲାଣିଖାଦାନ ଓ ବଡ଼ଜାମଦା-ଗୁଆ ସେକ୍ସନରେ ୨୦,୩୭୮ ମିଟରରୁ ଅଧିକ ସେସ୍ ମରାମତି କାର୍ଯ୍ୟର ନିର୍ବାହ । ₹୧,୩୦,୩୬,୭୯୩.୧୦; ₹୨,୧୫,୨୦୦/-। (୩) **ସିକେପି-ସାଉଥ୍-୨୫-୨୬-୨୧;** ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପର୍ଯ୍ୟନ୍ତ (ଅର୍ଥାତ୍ ଦୁଇବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବଡ଼ଜାମଦାଙ୍କ ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ) । ₹୨,୭୭,୮୪,୮୦୦/-; ₹୨,୮୮,୯୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ୦.୦୦ । **ଖୋଲାଯିବା ତାରିଖ:** କ୍ର.ସଂ ୧ ଓ ୩ ପାଇଁ ତା୨୨।୧୨।୨୦୨୫ରିଖ ଏବଂ କ୍ର.ସଂ. ୨ ପାଇଁ ତା୨୪।୧୨।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ - ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-902)



**PARADIP COLLEGE**
Paradip, Jagatsinghpur, Odisha-754142
Ph:(06722) 222379 (O), (06722) 222251 (R)
Website:www.paradipcollege.org, E-mail: paradip_college@yahoo.com
Ref. 1067/25/PC Date: 02.12.25

**TENDER CALL NOTICE**
**Paradip College, Paradip**

Sealed tenders are invited from authorized, registered firms/ distributors/dealers/companies for procurement of Fire Extinguishers, P.A. Podium with Speaker, Sound Box, Green Board & other equipments under RUSA scheme. The tender should reach the office of the undersigned within ten days of publication of this notice.

For details please visit our college website: www. paradeepcollege.org

**Sd./- Principal**
**Paradip College, Paradip**



**वरीय पुलिस अधीक्षक का कार्यालय,राँची**

सर्वसाधारण के लिए सूचना



**नाम–गंदरू उरॉव, उम्र–41 वर्ष, रंग–सॉवला, ऊँचाई–05 फीट 3 ईंच, पहनावा–नीला रंग का फुल स्वेटर एवं काला रंग का पैंट पहने हुए है।**

उपरोक्त लापता व्यक्ति गंदरू उरॉव, उम्र–41 वर्ष, पिता–स्व0 लछु उरॉव, सा0–बनधेया, थाना–नगड़ी, जिला–राँची जो दिनांक–09.11.2025 को बक्सर जाने के कम में बगैर बताए कहीं चले गए है जो घर वापस नहीं आए है। जिसके संबंध में नगडी थाना सन्हा संख्या–27/2025, दिनांक–18.11.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, मु0, द्वितीय, रॉची। – 9431706142
थाना प्रभारी नगड़ी, राँची। – 9431706176

वरीय पुलिस अधीक्षक,
राँची

PR 367511 Police(25-26).D



**OFFICE OF THE EXECUTIVE ENGINEER. MINOR IRRIGATION DIVISION, Ranchi**

**e-Procurement Tender Notice**
**Two Envelope System**

Tender Reference No:- WRD/MID/04/BD/(SLI)2025-26
Letter no-............Date-............

| | | |
|---|---|---|
| 1 | Name of Work: | Construction of Mukhyamantri Solar Lift Irrigation Scheme at Patratu Block:- Kanke, Dist- Ranchi. |
| 2 | Estimated Cost (Rs.) | **Rs. 1,09,18,500.00** |
| 3 | Cost of tender document (Rs) | Rs 10,000 only (non-refundable). |
| 4 | Earnest Money Deposit (Rs.) | Rs 1,10,000.00 only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website | Date: 17.12.2025 Time: 2:00 PM |
| 8 | Last Date/Time for downloading of bidding documents and Submission of Tender on Website | Date: 23.12.2025 Time: 2:00PM |
| 9 | Submission of Tender Fee and EMD | Start Date:-17.12.2025 Time:- 2:00 PM<br>Last Date:- 23.12.2025 Time:- 2:00 PM |
| 10 | Technical Bid Opening Date | Date: 24.12.2025 Time: 2:00 PM |
| 11 | Officer Inviting Bids | Executive Engineer Minor Irrigation Division Ranchi |
| 12 | Contact No. of Procurement Officer e-mail of Procurement Officer | 9431190681 |
| 13 | Help line No. of Procurement Cell | 0651-3512781/Email ID- eemidran-cemr-jhr@nic.in |

Note:-
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC/DC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- Only e-Tender will be accepted.
Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division,
Ranchi

PR 367551 Minor Irrigation(25-26)#D

**ସଂକ୍ଷେପରେ**

## ୨ ଫେରାର ଅଭିଯୁକ୍ତ ଗିରଫ

ବଉଳା,୨।୧୨(ଦୁର୍ଗାପ୍ରସାଦ ଆୟଚ):

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଧୀନ ଆଇଡିପୁର ଗ୍ରାମର ୨ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ୨ ଅଭିଯୁକ୍ତ ହେଲେ ମନୋଜ ଦାସ ଓ ଭ୍ରମରବର ଦାସ। ସେମାନଙ୍କ ନାମରେ ଗତ ମାସ ୧୬ ତାରିଖରେ ମାମଲା (ନଂ.୩୬୮/୨୫) ରୁଜୁ ହୋଇଥିଲା। ସେମାନେ ଲୁଚି ବୁଲୁଥିବା ବେଳେ ନନ୍ଦିପଦା ଥାନା ଏସ୍ଆଇ ଅନୁପ କୁମାର କର ଚଢ଼ାଉ କରି ଦୁଇଜଣଙ୍କୁ ଧରିଥିଲେ।

# ରାସ୍ତାକଡ଼ରୁ ଉଠିଲା ଅସୁରକ୍ଷିତ ବାଉଁଶ ହୋର୍ଡିଂ

କେନ୍ଦୁଝର,୨।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ସହର ଗାନ୍ଧୀ ଛକ ନିକଟରେ ଦୀର୍ଘ ଦେଢ଼ ବର୍ଷ ହେବ ରାସ୍ତାକଡ଼ରେ ରହିଥିବା ଏକ ଭଙ୍ଗା ବାଉଁଶ ହୋର୍ଡିଂକୁ ମଙ୍ଗଳବାର ପ୍ରଶାସନ ଉଠାଇ ଦେଇଛି। ଏନେଇ ଧରିତ୍ରୀରେ 'ଅସୁରକ୍ଷିତ ବାଉଁଶ ହୋର୍ଡିଂ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପାଇଛି। ହୋର୍ଡିଂ ହଟିବା ପରେ ଦୁର୍ଘଟଣା ଆଶଙ୍କା ଟଳିଥିବାରୁ ସ୍ଥାନୀୟ ବ୍ୟବସାୟୀ ଓ ଲୋକେ ଖୁସି ବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ପ୍ରାୟ ଦେଢ଼ ବର୍ଷ ତଳେ ଏଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ ଜଣାଇବା ଓ ଏକ ବିଶାଳକାୟ ଫଟୋ ମାରିବାକୁ ଏହି ହୋର୍ଡିଂ ନିର୍ମାଣ ହୋଇଥିଲା। ତେବେ ଫଟୋ ଖୋଲି ନିଆଯାଇଥିଲାବେଳେ ହୋର୍ଡିଂରେ ଲାଗିଥିବା ବାଉଁଶଗୁଡ଼ିକୁ ଅଦ୍ୟାବଧି ଉଠାଯାଇ ନ ଥିଲା।


ଜେସିବି ମେଶିନ ସହାୟତାରେ ବାଉଁଶ ହୋର୍ଡିଂ ହଟାଯାଉଛି।

**ଧରିତ୍ରୀ ପ୍ରଭାବ**

ଫଳରେ ସେସବୁ ଅସୁରକ୍ଷିତ ଅବସ୍ଥାରେ ରହିଥିଲା। ଏହି ବାଉଁଶ ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଲାଗି ରହିଥିବାରୁ ବର୍ଷାଦିନେ ବିଦ୍ୟୁତ୍ ଆଘାତ ଭୟ ରହିବା ସହ ଟ୍ରାଫିକ ସିଗନାଲ ଲାଇଟ ଦୂରରୁ ଦେଖା ଯାଉ ନ ଥିଲା। ଏଣୁ ଏହାକୁ ଉଠାଇବାକୁ ଦାବି ହେଉଥିଲା। ଏହିଭଳି ସହରର ବିଭିନ୍ନ ସ୍ଥାନରେ ଥିବା ବେଆଇନ ବାଉଁଶ ହୋର୍ଡିଂଗୁଡ଼ିକୁ ଉଠାଇ ସହରକୁ ଦୁର୍ଘଟଣା ମୁକ୍ତ କରିବା ପାଇଁ ଦାବି ହେଉଛି।

# ଯୁବକଙ୍କ ଗୋଡ଼ରେ ଲୁହାଚେନ୍ ବାନ୍ଧି ଅଟକ, ଆକ୍ରମଣକାରୀ ଗିରଫ

ବଉଳା/ଛେନାପଦୀ,୨।୧୨(ଦୁର୍ଗା ପ୍ରସାଦ ଆୟଚ/ନିରାକାର ପରିଡ଼ା):

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ବଡ଼ରମ୍ପାସ ଗ୍ରାମରେ ଟଙ୍କା ନେଣଦେଣକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଆକ୍ରମଣ କରାଯାଇଛି। ମାନି ହୋଇଥିବା ଯୁବକଙ୍କ ଗୋଡ଼ରେ ଲୁହାଚେନ୍ ବାନ୍ଧି ଚେୟାରରେ ବସାଇ ଦୀର୍ଘ ସମୟ ଅଟକ ରଖିବା ଭଳି ଅଭାବନୀୟ ଘଟଣା ଘଟିଛି। ସୋମବାର ରାତିରେ ଏହି ଘଟଣା ଘଟିଥିବା ବେଳେ ଆକ୍ରମଣକାରୀ ଯୁବକଙ୍କୁ ମଙ୍ଗଳବାର ନନ୍ଦିପଦା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ଉକ୍ତ ଗ୍ରାମର ନରେନ୍ଦ୍ର ଆୟଚ।

ସୂଚନା ଅନୁଯାୟୀ, ନରେନ୍ଦ୍ର କିଛିଦିନ ପୂର୍ବରୁ ସେହି ଗ୍ରାମର ଜଣଙ୍କୁ ଧାର ସୂତ୍ରରେ ଟଙ୍କା ଦେଇଥିଲେ । କିନ୍ତୁ ସେ ସେହି ଟଙ୍କା ଦେବା ପାଇଁ ଗ୍ରାମର ମହେନ୍ଦ୍ର ତ୍ରିପାଠୀ ତାଙ୍କୁ ବୁଝାଶୁଝା କରିବା ସହ ମାନି ହୋଇଥିଲେ। ଟଙ୍କା ଦେବାରେ ବିଳମ୍ବ ହେବାରୁ ସୋମବାର ରାତି ପ୍ରାୟ ୮ଟା ବେଳକୁ ନରେନ୍ଦ୍ର ମହେନ୍ଦ୍ରଙ୍କୁ ଡାକି ମାନି ହୋଇଥିବା ଯୋଗୁ ତମେ ଟଙ୍କା ଦିଅ ବୋଲି ମାଗିବା ସହ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ଡାକିଥିଲେ। ମହେନ୍ଦ୍ର ପଞ୍ଚାୟତ ଅଫିସକୁ ଆସିବା ବେଳେ ନରେନ୍ଦ୍ର ତାଙ୍କୁ ଅଟକାଇ ତାଙ୍କ ଗୋଡ଼କୁ ଲୁହା ଚେନ୍‌ରେ ବାନ୍ଧି ତାଲା ପକାଇବା ସହ ଏକ ଚେୟାରରେ ବସାଇ ଅଟକ ରଖିଥିଲେ। ଗ୍ରାମବାସୀ ଜାଣିବା ପରେ ମହେନ୍ଦ୍ରଙ୍କୁ ଛାଡ଼ିଦେବା ପାଇଁ କହିଥିଲେ ମଧ୍ୟ ନରେନ୍ଦ୍ର କିଛି ନ ଶୁଣି ଖଣ୍ଡା ଧରି ସମସ୍ତଙ୍କୁ ଭୟଭୀତ କରିବା ସହ ଗାଳିଗୁଲଜ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହେନ୍ଦ୍ରଙ୍କୁ ଉଦ୍ଧାର କରିଥିଲା। ଏନେଇ ମହେନ୍ଦ୍ରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୯୦/୨୫) ରୁଜୁ ହୋଇଛି।

## ଡିଏମ୍ଏଫ୍ ଖଣି ଶକ୍ତି ଦକ୍ଷତା ବିକାଶ କାର୍ଯ୍ୟକ୍ରମ
# କେନ୍ଦୁଝରର ୨୧ ଯୁବକଙ୍କୁ ନିଯୁକ୍ତି



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଧିକାରୀଙ୍କ ସହ ନିଯୁକ୍ତିପ୍ରାପ୍ତ ଯୁବକମାନେ।

କେନ୍ଦୁଝର, ୨।୧୨( ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଡିଏମ୍ଏଫ୍ ପ୍ରଯୋଜିତ ଖଣି ଶକ୍ତି ଦକ୍ଷତା କାର୍ଯ୍ୟକ୍ରମ ଅଧୀନରେ ଖଣି କୌଶଳ ବିକାଶ ତାଲିମ କେନ୍ଦ୍ରର ୨୧ ଯୁବକ ବେଙ୍ଗାଲୁରୁରେ ନିଯୁକ୍ତି ପାଇଛନ୍ତି। ଜିଲାପାଳ ବିଶାଲ ସିଂ ନୂତନ ନିଯୁକ୍ତିପ୍ରାପ୍ତ ଯୁବକମାନଙ୍କୁ ମଙ୍ଗଳବାର କାର୍ଯ୍ୟାଳୟରେ ଏକ ବିଶେଷ ଉତ୍ସବରେ ସମ୍ବର୍ଦ୍ଧିତ କରିଛନ୍ତି। କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକ୍‌ରୁ ୨୧ ଯୁବକ ସ୍କିଲ୍ କାଉନସିଲ ଫର୍ ମାଇନିଂ ସେକ୍ଟର ଦ୍ୱାରା କାର୍ଯ୍ୟକାରୀ ଏକ ଆବାସିକ ଦକ୍ଷତା ତାଲିମ ସାରିବା ପରେ ବେଙ୍ଗାଲୁରୁର ଦୁଇଟି କମ୍ପାନୀରେ ଏହି ନିଯୁକ୍ତି ପାଇଛନ୍ତି। ଜିଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ଡ.ରିନା ପ୍ରଧାନ ସେମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଛନ୍ତି। କିଛିଦିନ ପରେ ନୂଆ ସ୍ଥାନରେ କାମ କରିବାକୁ ଭଲ ଲାଗିବ, ଏଣୁ ସୁଯୋଗର ସଦୁପଯୋଗ କରିବାକୁ ଯୁବକମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଖଣି କୌଶଳ ବିକାଶ ତାଲିମ କେନ୍ଦ୍ରର ସଂଯୋଜକ ରାହୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

କେନ୍ଦୁଝର,୨।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

Letter No. 17734 Dt. 28.11.2025

**REQUEST FOR PROPOSAL (RFP)**
For
**Providing Consultancy Services for Preparation of Detailed Project Report for Sewerage System of Brahmapur Municipal Corporation in the District of Ganjam, Odisha**

1. Proposals are invited to conduct the assignment and submit the deliverables from Public Sector Undertakings / Autonomous Bodies / consulting firms that have requisite experience in preparation of DPR for sewerage system and to submit their proposals (hard copy) in respect of the Project **"Preparation of Detailed Project Report for Sewerage System of Brahmapur Municipal Corporation, in the District of Ganjam, Odisha"**, in accordance with the formats, terms and conditions of the RFP and on the basis of National Competitive bidding for the work detailed in the table given below. More details on the proposed details are provided at **Section-3: Terms of Reference (TOR)** of this RFP Document. The firm is advised to examine carefully all instructions in the RFP Document.
2. The RFP will be available for download, at https://www.tendersodisha.gov.in. All Bidders must submit a sum of Rs.11, 800/- (Rupees Eleven thousand Eight Hundred only) towards the cost of the RFP Document in the form of Online Remittance. This is inclusive of GST and eligible amount as Bid Security by Online Remittance along with the Proposals per the conditions out line in this RFP.
3. A bidder / consultant will be selected under **Quality & Cost Based Selection (QCBS)** procedure as prescribed in the RFP Document in accordance with the procedures prescribed herewith circulated vide Office Memorandum No.37323/F, **Dated:30.11.2018** of Finance Department, Govt. of Odisha.
4. The proposal completes in all respect as specified in the RFP Document must be accompanied with the proof of remitting Bid Processing Fees & EMD failing which the bid will be rejected.
5. The complete RFP document can be viewed /downloaded from the portal https://tendersodisha.gov.in **from dt.29.11.2025, 11:00 AM to 12.12.2025 up to 05:00 PM**
6. The last date and time for submission of proposal complete in all respects is **12.12.2025 up to 05:00 PM,** the date of Opening of the Technical Proposal is **dt.16.12.2025 at 04:30 AM**, in the presence of the bidder's representative at the specified address as mentioned in the Bidder Data Sheet (**Sl. No.15**). Representatives of the bidders' may attend the meeting with due authorization letter on behalf of the bidder.
This RFP includes following sections:
a. Letter of Invitation **[Section-1]**
b. Information to the Bidder **[Section-2]**
c. Terms of Reference **[Section-3]**
d. Technical Proposal Submission Forms **[Section-4]**
e. Financial Proposal Submission Forms **[Section-5]**
f. Annexure **[Bid Submission Checklist & Performance Bank Guarantee Format and any other relevant assignment related material needs to be provided]**
7. All information / data given in the RFP are reasonable within the consideration of scope of the proposed assignment to the best of the Client's knowledge, the Client holds no responsibility for accuracy of information and it is the responsibility of the bidder / consultant to check the validity of information / data included in this RFP. The Client reserves the right to accept / reject any/all proposals/ cancel the entire selection process at any stage without assigning any reason thereof.
Interested bidders may download the Request for Proposal Documents (the **"RFP"** document) from the above website to see further details for participation in the online bidding.

Sd./- Commissioner
Brahmapur Municipal Corporation

OIPR-13035/11/0072/2526

---

## GOVERNMENT OF ODISHA ST & SC DEVELOPMENT DEPARTMENT OFFICE OF THE PROJECT ADMINISTRATOR, INTEGRATED TRIBAL DEVELOPMENT AGENCY, JEYPORE

E-PROCUREMENT NOTICE
**BID IDENTIFICATION No. PA ITDA (I)-05//2025-2026**

**No.2574//2025** **Dated, the 28th November, 2025**

**No.CAD-2526** : Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. "www.tendersodisha.gov.in".

| | | | |
|---|---|---|---|
| 01. | Name of the work | : | Civil Works as mentioned in DTCN |
| 02. | No. of Works | : | 04 (Four) Numbers only |
| 03. | Estimated Cost | : | ₹ 120.00 Lakhs to ₹ 240.00 Lakhs |
| 04. | Period of completion | : | 09 (Nine) Calendar Months |
| 05. | date & Time of Bidding | : | From 01/12/2025 at 10.00 Hours to 15/12/2025 Upto 17.00 Hours |
| 06. | Last date & time for receipt of bids in portal | : | 15/2025 upto 17.00 Hours |
| 07. | Offline Documents Received through Speed Post/Registered Post | : | 02/12/2025 at 10.00 Hours to 16/12/2025 Upto 14.00 hours (Working Days Only) |
| 08. | Bids received online shall be opened on | : | 16/12/2025 at 14.00 Hours onwards |
| 09. | Bid Received offline documents shall be opened & Transparency Lottery Draw | : | 18/12/2025 at 11.00 A.M. onwards Offline Document Open & Transparency Lottery Draw |
| 10. | Name and address of the officer inviting Bid | : | Project Administrator, I.T.D.A., Jeypore |

Further details can be seen from the www.tendersodisha.gov.in

Sd./-Project Administrator
I.T.D.A., Jeypore

OIPR-26037/11/0004/2526

---

No.A-1031

## GOVERNMENT OF ODISHA DEPARTMENT OF WATER RESOURCES (MINOR IRRIGATION)

**'e' Procurement Notice No.05 (BGR)/2025-26**

| | | |
|---|---|---|
| 1 | Name of work | Construction of Check Dams, Approach Roads, Canal Lining and Improvement to MIPs |
| 2 | Total No. of work | 38 (Thirty-eight) |
| 3 | Estimated cost | **Rs.7.73 Lakhs to 99.98 Lakhs** |
| 4 | Period of completion | (03) Three to (04) Four calendar months |
| 5 | Date & time of availability of Bid Document in the portal | **10.00** hours of **03.12.2025** to **17.00** hours **12.12.2025** |
| 6 | Last date/Time for receipt of Bids in the Portal | 12.12.2025 upto 17.00 hours |
| 7 | Date and place of opening of Technical Bid | **Dt.15.12.2025** at **10.00** Hours in the office of the Supterintending Engineer, Minor Irrigation Division, Balangir |
| 8 | Date and place of opening of Financial Bid | **17.12.2025** |
| 9 | Date of lottery scheduled to be held (If required) | **23.12.2025** |
| 10 | Name and address of the O.I.T. (Officer Inviting Tender) | Superintending Engineer, Minor Irrigation Division, Balangir |

Further details can be seen from the e-Procurement Portal "https://tendersodisha.gov.in"

Sd./- Superintending Engineer,
Minor Irrigation Division, Balangir

OIPR-32550/11/0010/2526

---

DEPARTMENT OF WATER RESOURCES No.A-1015

## OFFICE OF THE EXECUTIVE ENGINEER, DRAINAGE DIVISION, BERHAMPUR

e mail: eeddberhampur@gmail.com

**INVITATION FOR BIDS (IFB)**
**e-Procurement Notice No.01/2025-26 Dt.27.11.2025**

| | | | |
|---|---|---|---|
| 1. | Type of Work | : | **Improvement, Renovation & Construction of FLB** |
| 2. | Total number of works | : | 10 No. works |
| 3. | Estimated Cost of Individual Packages | : | Varies from Rs.44.34 Lakh to 83.24 Lakh |
| 4. | Bid Identification No. | : | EE-DD-BER-NO.01/2025-26 to EE-DD-BER-NO.10/2025-26 |
| 5. | Period of Completion | : | 06 (Six) working Calendar months |
| 6. | Availability of Tender On-line | : | 02.12.2025, 10.00 Hours to 12.12.2025, 17.00 Hours |
| 7. | Date of Opening | : | 15.12.2025 at 11.00 hours in the O/o the Executive Engineer, Drainage Division, Berhampur, Ganjam, Odisha |
| 8. | Class of Contractor | : | 'B' Class only |
| 9. | Bid Security/ EMD | : | Mentioned in detail Notice |
| 10. | Cost of Tender Paper | : | Rs.10,000/- |
| 11. | Procurement Officer | : | Executive Engineer, Drainage Division, Berhampur, Ganjam, Odisha |

Further details can be seen from the Govt. website www.tendersorissa.gov.in

Sd./- Executive Engineer
Drainage Division, Berhampur

OIPR-32092/11/0002/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ସଫଳ ହେଉଛି ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜନା

**ଭୁବନେଶ୍ୱର,୨।୧୨ (ଅନୁରାଧା ମହାରଣା)**

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ଡିପାର୍ଟମେଣ୍ଟ ଫର୍ ପ୍ରୋମୋସନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି) ପକ୍ଷରୁ ଷ୍ଟାର୍ଟଅପ ଇଣ୍ଡିଆ ଯୋଜନା ଅଧୀନରେ ୩୧ ଅକ୍ଟୋବର ୨୦୨୫ ସୁଦ୍ଧା ଦେଶରେ ମୋଟ ୧,୯୭,୬୯୨ଟି ଷ୍ଟାର୍ଟଅପ୍‌କୁ ମାନ୍ୟତା ଦିଆଯାଇଛି। ଏହା ମଧ୍ୟରୁ ଓଡ଼ିଶାରେ ସକ୍ରିୟ ଷ୍ଟାର୍ଟଅପ୍‌ର ସଂଖ୍ୟା ବେଶ୍ ଆଶାଜନକ ରହିଛି। ରାଜ୍ୟ ଅନୁସାରେ ବନ୍ଦ ହୋଇଥିବା (ଡିସ୍‌ଲଭ୍ଡ/ଷ୍ଟ୍ରକ୍-ଅଫ୍) ଷ୍ଟାର୍ଟଅପ୍‌ର ତଥ୍ୟ ଅନୁଯାୟୀ, ଓଡ଼ିଶାରୁ ମାତ୍ର ୧୧୭ଟି ଷ୍ଟାର୍ଟଅପ୍ ବନ୍ଦ ହୋଇଛି। ମହାରାଷ୍ଟ୍ରରେ ୧,୨୦୦, କର୍ଣ୍ଣାଟକରେ ୮୪୫, ଦିଲ୍ଲୀରେ ୭୩୭ ଓ ଉତ୍ତରପ୍ରଦେଶରେ ୫୯୮ ଷ୍ଟାର୍ଟଅପ୍ ବନ୍ଦ ହୋଇଛି। ଏହା ତୁଳନାରେ ଓଡ଼ିଶାରେ ବନ୍ଦ ହେଉଥିବା ଷ୍ଟାର୍ଟଅପ୍ ସଂଖ୍ୟା ବହୁତ କମ୍ ରହିଛି। ଏହା ଦର୍ଶାଉଛି, ଓଡ଼ିଶାର ଷ୍ଟାର୍ଟଅପ୍ ଇକୋସିଷ୍ଟମ ଅପେକ୍ଷାକୃତ ସ୍ଥିର ଏବଂ ସଫଳତାର ସହ ଆଗେଇଚାଲିଛି। ଷ୍ଟାର୍ଟଅପ୍ ଇଣ୍ଡିଆ ସିଡ ଫଣ୍ଡ ଯୋଜନା (ଏସ୍‌ଆଇଏସ୍‌ଏଫ୍‌ଏସ୍) ଅଧୀନରେ ୨୦୨୩ରେ ଓଡ଼ିଶାର ଇନ୍‌କ୍ୟୁବେଟରମାନଙ୍କୁ ୧୬.୨୮ କୋଟି ଟଙ୍କା ଅନୁମୋଦନ ହୋଇଥିଲା, ଯେଉଁଥିରୁ ୫.୪୧ କୋଟି ବଣ୍ଟନ ହୋଇଛି। ୨୦୨୪ରେ ୭.୨୪ କୋଟି ବଣ୍ଟନ ହୋଇଥିବା ବେଳେ ୨୦୨୫ (ଅକ୍ଟୋବର ସୁଦ୍ଧା) ୦.୦୭ କୋଟି ହେଲେ ମଧ୍ୟ ରାଜ୍ୟରେ ସିଡ୍ ଷ୍ଟେଜ୍ ଷ୍ଟାର୍ଟଅପ୍‌ମାନଙ୍କୁ ନିରନ୍ତର ସହାୟତା ମିଳୁଛି। କ୍ରେଡିଟ ଗ୍ୟାରେଣ୍ଟି ଯୋଜନା (ସିଜିଏସ୍‌ଏସ୍) ଅଧୀନରେ ୨୦୨୫ (ଅକ୍ଟୋବର ସୁଦ୍ଧା) ଓଡ଼ିଶାର ଷ୍ଟାର୍ଟଅପ୍‌ମାନଙ୍କୁ ୪.୫୦ କୋଟି ଟଙ୍କାର ଲୋନ୍ ଗ୍ୟାରେଣ୍ଟି ମିଳିଛି। ୨୦୨୩ ଓ ୨୦୨୪ ତୁଳନାରେ ୨୦୨୫ରେ ଏହି ସହାୟତା ବଢ଼ିଛି। ଏହା ରାଜ୍ୟର ନୂଆ ଷ୍ଟାର୍ଟଅପ୍‌ମାନଙ୍କ ପାଇଁ ବଡ଼ ଉତ୍ସାହଜନକ ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି, ଷ୍ଟାର୍ଟଅପ୍ ବନ୍ଦହେବାରେ କୌଣସି ଅସ୍ୱାଭାବିକ ବୃଦ୍ଧି ଦେଖାଯାଇନାହିଁ। ଯେଉଁ କେତୋଟି ବନ୍ଦ ହେଉଛନ୍ତି, ତାହା ବଜାର ଚାହିଦା, ଫଣ୍ଡିଂ ଅଭାବ ଓ ବ୍ୟମ ମଡେଲ ସମସ୍ୟା ଯୋଗୁ ହେଉଛି। ଓଡ଼ିଶା ଏ କ୍ଷେତ୍ରରେ ଅନ୍ୟ ବଡ଼ ରାଜ୍ୟଠାରୁ ବହୁତ ଭଲ ପ୍ରଦର୍ଶନ କରୁଛି। ରାଜ୍ୟର ନୂଆ ଉଦ୍ୟୋଗୀମାନେ ଏହି ସୁଯୋଗକୁ କାମରେ ଲଗାଇ ଓଡ଼ିଶାକୁ ଦେଶର ଷ୍ଟାର୍ଟଅପ୍ ମାନଚିତ୍ରରେ ଆହୁରି ଉପରକୁ ନେଇପାରିବେ ବୋଲି ଆଶା କରାଯାଉଛି।

## ବଲ୍କ ଡ୍ରଗ ଉତ୍ପାଦନ ଲାଗି ସରକାରଙ୍କ ଆହ୍ୱାନ

**ଭୁବନେଶ୍ୱର,୨।୧୨:** ବଲ୍କ ଡ୍ରଗ୍ସର ଉତ୍ପାଦନ ବୃଦ୍ଧି ପାଇଁ ପିଏଲ୍‌ଆଇ ଯୋଜନା ଅଧୀନରେ ସରକାର ନୂଆ ଆବେଦନ ଆହ୍ୱାନ କରିଛନ୍ତି। ବ୍ରୋଡ-ସ୍ପେକ୍ଟ୍ରମ ଆଣ୍ଟିବାୟୋଟିକ ମେରୋପେନେମ ଓ ଏଚଆଇଭି ଚିକିତ୍ସାରେ ବ୍ୟବହୃତ ଆଣ୍ଟିରେଟ୍ରୋଭାଇରାଲ ଔଷଧ ରିଟୋନାଭିର କେଏସ୍‌ଏମ୍‌ଏସ୍, ଡିଆଇ ଏବଂ ଏପିଆଇ ଉତ୍ପାଦନ ପାଇଁ କମ୍ପାନୀଙ୍କୁ ଇନସେଣ୍ଟିଭ ମିଳିବ।


## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ



✓ଦେବଯାନୀ ଚୌଧୁରୀ

ହାତ ମୁଠାରୁ ବାଲି ଖସିଗଲା ପରି ସମୟ । ଖସିଖସି ଯାଉଛି । ତୁମର ଅବର୍ତ୍ତମାନ ୩ୟ ବର୍ଷରେ ପହଞ୍ଚିଲା । ଏବେ ବି ସ୍ୱୀକାର କରିପାରୁନାହୁଁ ତୁମର ଅନୁପସ୍ଥିତି । ଏବେ ବି ଆମପିଲାମାନେ ଏକାଠି ହେଲେ ପ୍ରଥମେ ଅଜା ଆଇଙ୍କର ଅଭାବ ଅନୁଭବ କରୁଛନ୍ତି । କାହିଁକି ଗଲ? କୁଆଡେ ଗଲ ? ଅନେକ ଅସମାହିତ ପ୍ରଶ୍ନ ମନକୁ ଆସେ । ଯାର ଉତ୍ତର କିଏ ପାଇଛି ନା ଆମେ ପାଇବୁ।

ଶେଷରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆକୁଳ ପ୍ରାର୍ଥନା ତମେ ଯେଉଁଠି ଥାଅ ଶାନ୍ତି ରେ ଥାଅ । ତୁମର ଆଶୀର୍ବାଦ ଆମ ପିଲାଙ୍କ ଉପରେ ଥାଉ।

ଇତି-ସୋନି-ଫେଲୁ,ନୀନା-ଶରୀର,ପିଙ୍କୁ-ନିତୁ।

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ବିଶ୍ୱରଞ୍ଜନ ବଳ
ମୁର୍ଗାବାଡ଼ି, ବାରିପଦା, ମୟୂରଭଞ୍ଜ
ଆବିର୍ଭାବ-୧୩।୧୦।୧୯୫୩
ତିରୋଧାନ-୨୩।୧୧।୨୦୨୫
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସ୍ତ୍ରୀ- ଝରଣା, ପୁଅ- ଆକାଶ, ପୁଅବୋହୂ- ସୌନମୀ, ଝିଅ- ବନଜ୍ୟୋସ୍ନା, ଜ୍ୱାଇଁ- ଅଶୋକ, ଭଉଣୀ- ଅନୁପମା, ଭିଣୋଇ- ସର୍ବେଶ୍ୱର, ନାତି- ଆରୁଶ, ନାତୁଣୀ- ଅନଭି, ଆଭା ଓ ବଳ ପରିବାର ବନ୍ଧୁପରିଜନ

### ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି



✓ Nalini Mohapatro
ସୁବାସ ନଗର, ୨ୟ ଲାଇନ, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: 03.11.1953
ତିରୋଧାନ: 22.11.2025
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ୱାମୀ- ହରିହର ମହାପାତ୍ର, ପୁତ୍ର- ତ୍ରିଲୋଚନ, ଶ୍ରୀକାନ୍ତ ଓ ପ୍ରଶାନ୍ତ, ପୁତ୍ରବଧୂ- ବିଦ୍ୟୁତପ୍ରଭା, ସୁଲିତା ଓ ରୀନା, ଚିନ୍ମୟ, ଶୁଭସ୍ମିତା, ସୁଚିତ୍ରା, ନିତିଶ,ରାମକୃଷ୍ଣ, ଅର୍ଚ୍ଚିତା, ପ୍ରୀତମ ଓ ପ୍ରୀତିରାଣୀ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ।
Gurukul International Public School, Lanjipali, Berhampur


# ରୁଫ୍‌ଟପ୍ ସୋଲାର ସିଷ୍ଟମ ପାଇଁ ଗ୍ରାମପଞ୍ଚାୟତକୁ ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର,୨।୧୨ (ଅନୁରାଧା ମହାରଣା)**



ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏହାର ବ୍ୟବସାୟିକ ସହଯୋଗୀମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୟୁଟିଲିଟି ଲେଡ୍ ଏଗ୍ରିଗେଶନ (ୟୁଏଲ୍‌ଏ) ମଡେଲ ଅଧୀନରେ ପିଏମ୍ ସୂର୍ଯ୍ୟଘର: ମୁଫ୍ତ ବିଜୁଳି ଯୋଜନା ବିଷୟରେ ବ୍ୟବସାୟିକ ସହଯୋଗୀମାନଙ୍କୁ ଅବଗତ କରାଯାଇଥିଲା। ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହ ପଞ୍ଜୀକରଣ ପ୍ରକ୍ରିୟା, ସ୍ଥାପନ ପ୍ରଣାଳୀ ଏବଂ କେନ୍ଦ୍ର ସରକାରଙ୍କ ନବୀନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ (ଏମ୍‌ଏନ୍‌ଆର୍‌ଇ) ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳୁଥିବା ସବ୍‌ସିଡି ସହାୟତା ବିଷୟରେ ଆଲୋକପାତ କରିଥିଲେ। ଯୋଜନାର ନିୟମାବଳୀ ଅନୁଯାୟୀ, ପ୍ରତ୍ୟେକ ଗ୍ରାମପଞ୍ଚାୟତ ନିଜ ଅଞ୍ଚଳରେ ସ୍ଥାପିତ ହେଉଥିବା ପ୍ରତି ରୁଫ୍‌ଟପ୍ ସିଷ୍ଟମ ପାଇଁ ୧୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପାଇବାକୁ ହକ୍‌ଦାର ହେବେ। ଏହି ଅଧିବେଶନରେ ୟୁଏଲ୍‌ଏ ମଡେଲ କିପରି ରୁଫ୍‌ଟପ୍ ସୋଲାର ବ୍ୟବହାର ପ୍ରକ୍ରିୟାକୁ ସରଳ ଓ ସୁଗମ କରିଥାଏ ଏବଂ ଉପଭୋକ୍ତାମାନଙ୍କୁ ସହଜରେ ସ୍ୱଚ୍ଛ, ଶସ୍ତା ଓ ଭରସାଯୋଗ୍ୟ ଶକ୍ତି ଯୋଗାଇବାରେ ସହାୟକ ହୁଏ, ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଘରୋଇ ଉପଭୋକ୍ତାମାନଙ୍କୁ ଏଥିରେ ସାମିଲ କରିବା ନିମନ୍ତେ ବ୍ୟବସାୟିକ ସହଯୋଗୀମାନଙ୍କୁ ଏହି ଯୋଜନାର ଉଭୟ ଆର୍ଥିକ ଓ ପରିବେଶଗତ ଲାଭ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା।

## ପଣ୍ୟ ପରିବହନ: ଶୀର୍ଷରେ ଖୋର୍ଦ୍ଧା ରେଳମଣ୍ଡଳ

**ଭୁବନେଶ୍ୱର,୨।୧୨(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପଣ୍ୟ କାରବାରରେ ସର୍ବୋତ୍ତମ ପ୍ରଦର୍ଶନକରି ଭାରତୀୟ ରେଳପଥରେ ପଣ୍ୟ ପରିବହନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରେଳମଣ୍ଡଳ ହୋଇପାରିଛି। ଏହି ରେଳମଣ୍ଡଳ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ୨୦୯ ନିୟୁତ ଟନ ପଣ୍ୟ କାରବାର ହାସଲ କରିଛି ଯେଉଁଥିରେ ୧୧୫ ନିୟୁତ ଟନ ପଣ୍ୟ ବୋଝେଇ ଏବଂ ୯୪ ନିୟୁତ ଟନ ପଣ୍ୟ ଅପସାରଣ କରାଯାଇଛି। ବିଳାସପୁର ରେଳମଣ୍ଡଳ ୧୬୯.୬ ନିୟୁତ ଟନ ସହ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଧାନବାଦ ରେଳମଣ୍ଡଳ ୧୫୨.୮ ନିୟୁତ ଟନ ଏବଂ ଚକ୍ରଧରପୁର ରେଳମଣ୍ଡଳ ୧୪୫.୮ ନିୟୁତ ଟନ ପଣ୍ୟ କାରବାରରେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମାତ୍ର ୨୩୫ ଦିନରେ ୨୦୦ ନିୟୁତ ଟନ ପଣ୍ୟ ପରିଚାଳନାକରି ଏକ ନୂତନ ଜାତୀୟ ମାନଦଣ୍ଡ ସ୍ଥାପନ କରିଛି। ଏହା ଭାରତୀୟ ରେଳପଥରେ ସବୁଠାରୁ ଦ୍ରୁତତମ ସଫଳତା ଯାହା ୨୦୨୪-୨୫ ରେ ଏହାର ୨୫୦ ଦିନର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କେବଳ ନଭେମ୍ବର ୨୦୨୫ ରେ ଏହାର ସର୍ବଶ୍ରେଷ୍ଠ ୧୪.୪୪୧ ନିୟୁତ ଟନ ପଣ୍ୟ ବୋଝେଇ ହାସଲ କରିଥିଲା ଯାହା ପୂର୍ବ ସମସ୍ତ ନଭେମ୍ବର ମାସ ପଣ୍ୟ କାରବାର ଯଥା ୧୨.୯୯୦ ନିୟୁତ ଟନ (ନଭେମ୍ବର ୨୦୨୩), ୧୨.୭୮୦ ନିୟୁତ ଟନ (ନଭେମ୍ବର ୨୦୨୧) ଏବଂ ୧୨.୬୯୦ ନିୟୁତ ଟନ (ନଭେମ୍ବର ୨୦୨୪)କୁ ଅତିକ୍ରମ କରିଛି। ଅଧିକ ପଣ୍ୟ ବୋଝେଇ ସହିତ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପଣ୍ୟ ପରିବହନରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ରେକର୍ଡ କରିଛି ଯେଉଁଥିରେ ନଭେମ୍ବର ୨୦୨୫ରେ ୧୩୭୦.୬୪ କୋଟି ଟାଙ୍କ ଆୟ ଅନ୍ତର୍ଭୁକ୍ତ ଥିବାବେଳେ ଏହା ନଭେମ୍ବର ୨୦୨୪ରେ ୧୧୪୩.୨୦ କୋଟିଠାରୁ ୧୯.୯% ବୃଦ୍ଧି ଘଟିଛି।


# Classified Everyday

0674-2580101, 9692975378



MATRIMONIAL

### BRIDE WANTED

ଝିଅ ଆବଶ୍ୟକ: ଚାକିରି କରିଥିବା ବ୍ରାହ୍ମଣ ପୁଅ, ବୟସ- ୪୭ ବର୍ଷ, ଦ୍ୱିତୀୟ ବିବାହ ପାଇଁ ଯେ କୌଣସି ଜାତିର ଝିଅ ଆବଶ୍ୟକ। ଯୋଗାଯୋଗ: 9937371168. D-2713

**Bride required for a 64-year-old Khandayat, retired, divorced defence officer. Please send details to 7383974671.** D-2734

### GROOM WANTED

53ବୟସ୍କା Karan Divorce Govt. Employee ଝିଅଙ୍କ ପାଇଁ Widow/Divorce Anycasteର ଘରଜ୍ୱାଇଁ ବରପାତ୍ର ଆବଶ୍ୟକ। 7852970280. D-2714

ମାଙ୍କ ସହିତ ରହୁଥିବା 38ବୟସ୍କା ଖଣ୍ଡାୟତ ଜାତିର ଘରୋଇ କନ୍ୟାଙ୍କ ପାଇଁ Anycasteର ବରପାତ୍ର ଆବଶ୍ୟକ। 7873680393. D-2715



REAL ESTATE

### SALE

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. D- 2685

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 97789 28492. D-74735

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 Km from Bhubaneswar. COST 55 LAKHS, in place of 65 lakhs. Pl. contact me immediately who can purchase within 15 days. 7809525452. D-220

### GENERAL SALE

Doberman Pupies for Sale. Only 30 days of age, Contact:- 9658798473. D-2724




**2Bedroom, Dining, Plot No.- 1927, Nilakanthanagar, Nayapalli, Bhubaneswar, Opposite CBI Colony, Walkable distance from Unit- 8, DAV and Stewart School, Contact- 8847874671, (Small Family preferred).** D-76878

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of physiotherapy Contact number 9556924059/ 7656969134. D-2686

The massage felt totally professional & comfortable at all times-7978109255. D-221



BUSINESS

Cardboard Box Making Machine (Traddle), Board Cutter, Stiching Machine, Sloting Machine, Creasing Machine, Sweet Box Making Machine. Contact-9776635982. D-2711

### AFFIDAVIT

By virtue of an affidavit sworn before the Executive Magistrate, Birmaharajpur, Dtd. 08.11.25, I, Prasanta Kumar Sahu, S/o. Gajendra Sahu, R/o. Village- Badkhamar, P.O.- Jatesingha, P.S.- Subalaya, Dist.- Subarnapur, PIN- 767018 declared that I have changed my name from Prasant Kumar Sahu to Prasanta Kumar Sahu. Henceforth, I shall be known as Prasanta Kumar Sahu for all purposes.
Prasanta Kumar Sahu D-2735

I, Anusaya Patra, W/o. Nihara Ranjan Patra, Resident of Village- Balarampur, P.O.- Balarampur, P.S.- Sadar Dhenkanal, Dist.- Dhenkanal, PIN- 759025, Odisha declare by this affidavit No.- 9567, Dt.- 27.11.2025, that now onwards I shall be known as ANASUYA PATRA for all future purposes. D-2737

I, Anadi Charan Sahu, S/o. Biswanath Sahoo, Resident of Village- Jiral, P.O.- Jiral, P.S.- Kamakhyanagar, Dist.- Dhenkanal, Odisha, 759023, declare by this affidavit No.- 9400, Dtd.- 20.11.2025, that now onwards I shall be known as ANADI CHARAN SAHOO for all future purposes. D-2738

I, Rabindra Bahadur Gharty, son of Lil Bahadur Gharty, declare that in my Board Certificate my name and my father's name were wrongly recorded as Rabindra Bahadur Gharti and Lil Bahadur Gharti. The correct spelling is Rabindra Bahadur Gharty and Lil Bahadur Gharty. Both refer to the same persons. D-2739

I, Ganeshwar Mundalohar, S/o.- Ananta Mundalohar, At- Bhagirathipur, P.O.- Kanchinda, P.S.- Bangriposi, Dist.- Mayurbhanj, Odisha- 757092 have change name to Ganesh Mundalohar virtue of affidavit dtd.- 01.12.2025 sworn before Executive Magistrate, Baripada, Mayurbhanj. D-2745

By virtue of an affidavit sworn before The Notary Public, Angul, affidavit No.- 1108, dated- 25.11.2025, I, SARSWATI SETH, Address: At- KULAD, P.O.- KULAD, P.S.- NALCO NAGAR, Dist.- ANGUL, Odisha- 759145 declare that I have changed my name from HATTA SETH to SARSWATI SETH. Henceforth, I shall be known as SARSWATI SETH for all purposes.
Sarswati Seth D-2746

I, PRIYADARSHANI PRADHAN, D/o.- Mohan Charan Pradhan, R/o.- Tikarpanga, Gatanai, Kendrapara- 754141, have changed my name to PRIYADARSHINI PRADHAN vide Affidavit CF No.- 38, dated 26.11.2025 before Notary Sri N. Kar, identified before the Executive Magistrate, Bhubaneswar. D-2742

I, Prafulla Nath, S/o. Late Parikhita Nath, aged 63 years, residing at Aaradhana Nagar, Ebranga, Sundarpada, 285/2709, Bhubaneswar, 751002 have changed my name to Prafulla Kumar Nath vide Affidavit No. 2410, dated 27.11.2025 by sworn before Notary Pradeep Kumar Nayak. D-2740

I, Prabhas Kumar Jamuda, S/o. Srinath Jamuda born on 15.01.2005 residing at Bhaliadal, Mahuldiha, Mayurbhanjh have changed my name to Nanda Kishore Jamuda vide affidavit No. 123/25 dated- 12.09.2025 at Anandapur. D-2744

I, Jayanti Pradhan, W/o. Mohan Charan Pradhan, R/o. Tikarpanga, Gatanai, Marshaghai, Kendrapara- 754141, hereby declare that the name of my minor son BILAS PRADHAN is changed to BILASH KUMAR PRADHAN as per Affidavit CF No.- 37, dated 26.11.2025 before Notary Sri N. Kar, identified before the Executive Magistrate, Bhubaneswar. D-2741

By virtue of an affidavit (Number- 1779, Date- 01.12.2025) sworn before the Executive Magistrate, Bargarh, I, Sekh Sabdar, aged about 48, S/o.- Sekh Rashid, Resident of Ward No.- 12, Bargarh, P.O./P.S./ Dist.- Bargarh declare that my actual date of birth is 12.04.1977 (Twelfth Day of April nineteen hundred seventy seven, which is mentioned in my birth certificate bearng Regd No.- 3857/2020.
Sekh Sabdar D-2743

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### LEGAL NOTICE

**IN THE HON'BLE COURT OF THE JUNIOR CIVIL JUDGE (JUNIOR DIVISION) AT PALASA**
O.S.NO.69/2017
BETWEEN:
Ronanki Venkatarao ........ Plaintiff
And:
1. Malla Mahalaxmi(Died).
2. Sheik Mohammad Jakariya.
3. Rokkam Mohini.
...... Defendants

**SUIT SUMMONS THROUGH PUBLICATION**

The 3rd Defendant is Rokkam Mohini, w/o Niranjan, aged about 35 years, Housewife, R/o Loco Colony, Railway Quarters, Khurda Road & Post, Khurda District, Odisha, PIN- 752050.

Please take notice that the plaintiff filed the above suit O.S.69/2017 against all of you and same is posted to 10-12-2025 for your appearance. So, you are hereby summoned to appear on 10-12-2025 at 10.30 AM before the Hon'ble Court, Palasa, in person or through Advocate otherwise the case will be decided in your absence.

**(BY ORDER OF THE COURT)**
P.G.RAJARATNAM, ADVOCATE FOR PLAINTIFF, PALASA, SRIKAKULAM DISTRICT, A.P., MOBILE NO. 9985827526. D-2736

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ଫୁଲଚାଷରେ ଖତ ପ୍ରୟୋଗ



ଫୁଲ ଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ନିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି। ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

# ଗହମ ଚାଷରେ ଘାସ ନିୟନ୍ତ୍ରଣ

ଗହମ ଚାଷରେ ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧–୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ସାଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । କିନ୍ତୁ ଆଭ୍ୟନ୍ତରୀଣ ଜିଲାରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ । ଅଧିକ ଅମଳକ୍ଷମ ଗହମ ପାଇଁ ଉନ୍ନତ କିସମ ବିହନ ଚୟନ କରନ୍ତୁ। ଏହାର ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପି.ବି.ଡବ୍ଲ୍ୟୁ.–୩୪୩, ପି.ବି.ଡବ୍ଲ୍ୟୁ–୪୪୩, ୟୁ.ପି.–୨୬୨, ଏଚ୍.ଡି.–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ ।



# ଡାଲୁଅ ଧାନଚାଷ ପାଇଁ ତଳି ପ୍ରସ୍ତୁତି

ଡାଲୁଅ ଧାନ ପାଇଁ ତଳି ପକାଇବା କାମ ଚଳିତ ମାସ ଶେଷସୁଦ୍ଧା ଶେଷ କରନ୍ତୁ । ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ । ତଳି ପ୍ରସ୍ତୁତି ପୂର୍ବରୁ ପ୍ରଥମେ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩–୪ ଫୁଟ୍ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବର ଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ । ବିହନରୁ କଣ୍ଢା ଓ ଅଗାଡ଼ି ବାହାର କରିବା ପାଇଁ ଲୁଣପାଣି ଉପଚାର କରନ୍ତୁ । ଡାଲୁଅ ଧାନର ସହଳ କିସମ ବିହନ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ, ସହଭାଗୀ ଧାନ । ମଧ୍ୟମ କିସମ ବିହନ ଭାବରେ ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍.ଟି.ୟୁ.–୧୦୦୧ ଚୟନ କରିପାରନ୍ତି। ଧାନ କାଟିବାର ଏକ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ। ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ।



## ଏ ମାସର କୃଷି ସୂଚନା

**ଡାଲିଜାତୀୟ ଫସଲ**

ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍–ପି–କେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିଡଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ।

**ଚିନାବାଦମ**

ରବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । ଚିନାବାଦାମ ଚାଷ ପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।

**ସୋରିଷ ଚାଷ**

ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ପିଆଜ**

ପିଆଜ ତଳିଗୁଡ଼ିକ ୧୨–୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରି ପଟାଳି ପ୍ରସ୍ତୁତ କରନ୍ତୁ । ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର –୩

## ମାଛ ଯାଆଁଳଙ୍କ ଖାଦ୍ୟ

ଏକ ହେକ୍ଟରବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତିରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।



## ଚାଷୀଙ୍କ ପାଇଁ



⏭ ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

⏭ ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

⏭ ସହଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।

⏭ ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।

⏭ ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମାସୁପର ଓ ଭୀମାଶକ୍ତି ପିଆଜର ଉନ୍ନତ ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।



## ପ୍ରାଣୀପାଳନ

ଶୀତଦିନରେ ଗାଈଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ । ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଅଁଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ । ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଚଳିତ ମାସରେ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।



# ଶୀତଦିନେ ପନିପରିବା ଚାଷ



ଆଳୁ ଫସଲ ୨–୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭–୧୦ ସେ.ମି. ଦୂରତାରେ ୨–୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ। ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଉଚିତ୍ । ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ । କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଶୀତ ଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।

# ସୂର୍ଯ୍ୟମୁଖୀ ଚାଷରେ ରୋଗପୋକ ପରିଚାଳନା

ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଅଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ସୂର୍ଯ୍ୟମୁଖୀ ଚାଷ କରିଥିଲେ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।



ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩/୨୦୨୫ Bhubaneswar, Wednesday, December 3/ 2025

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

ରାୟପୁର,୨।୧୨(ପି.ଟି.)

ବୁଧବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏଠାରେ ଦ୍ୱିତୀୟ ଦିନିକିଆ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌କୁ ୧୭ ରନ୍ ବ୍ୟବଧାନରେ ଜିତିଥିବା ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ୍‌ରେ ଆଗୁଆ ରହିବା ଲକ୍ଷ୍ୟରେ ରହିଛି। ଭାରତୀୟ ଦଳର ଡ୍ରେସିଂରୁମ୍ ପରିବେଶ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଦୁଇ ପୂର୍ବତନ ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉଲ୍ଲେଖନୀୟ ଫର୍ମ ଉପରେ ସଭିଙ୍କ ନଜର ରହିବ। ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବାକୁ ଲକ୍ଷ୍ୟ ରଖିଥିବା ଏହି ଦୁଇ ସିନିୟର ବ୍ୟାଟରଙ୍କ ଲାଗି ପ୍ରତ୍ୟେକ ମ୍ୟାଚ୍ ପରୀକ୍ଷା ସଦୃଶ ହେବ। ଭାରତୀୟ ଦଳ ଜିତିଥିବା ଗତ ଦୁଇ ଦିନିକିଆ ମ୍ୟାଚ୍‌ରେ ଉଭୟ କୋହଲି ଓ ରୋହିତ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର ସେମାନଙ୍କର ବିଶ୍ୱକପ୍ ଖେଳିବାର ସମ୍ଭାବନା ସମ୍ପର୍କରେ ଭିନ୍ନ ମତ ଦେଉଥିବା ବେଳେ ଦୁଇ ସିନିୟର ବ୍ୟାଟର ଯଥାସମ୍ଭବ ଭଲ ପ୍ରଦର୍ଶନ କରୁଛନ୍ତି।

ପ୍ରଥମ ମ୍ୟାଚ୍‌ରେ ବିଜୟ ସତ୍ତ୍ୱେ ଭାରତୀୟ ଦଳର କମ୍ବିନେଶନ ଚିନ୍ତାର କାରଣ ପାଲଟିଛି। ଲିଷ୍ଟ-ଏ'ରେ ଓପନର ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ଭାରତୀୟ ଦଳକୁ ଫେରିଥିବା ଋତୁରାଜ ଗାଏକ୍ୱାଡ୍‌ଙ୍କୁ ନଂ.୪ ପୋଜିଶନକୁ ଠେଲି ଦିଆଯାଇଛି। ଏହି ସ୍ଥାନରେ ଖେଳିବା ପାଇଁ ତାଙ୍କୁ ପରିସ୍ଥିତି ସହ ଖାପ ଖୁଆଇବାକୁ ପଡ଼ିବ। ଏଥିଲାଗି ତାଙ୍କୁ ପର୍ଯ୍ୟାପ୍ତ ସମୟ ଓ ସୁଯୋଗ ଦରକାର। କାମଚଳା ଅଧିନାୟକ ରାହୁଲ ନଂ.୬ରେ ଖେଳିବା ସ୍ପଷ୍ଟ ହୋଇଥିବାବେଳେ ୱାଶିଂଟନ ସୁନ୍ଦରଙ୍କ ବ୍ୟାଟିଂ ପୋଜିଶନ ସହ ଏକ୍ସପେରିମେଣ୍ଟ କରାଯିବା କିଛି ନୂଆ କଥା ନୁହେଁ। ତାଙ୍କୁ କୋଲ୍‌କାତା ଟେଷ୍ଟରେ ନଂ.୩ରେ ପଠାଯାଇଥିବା ବେଳେ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ସେ ପଞ୍ଚମ ସ୍ଥାନରେ ବ୍ୟାଟିଂ କରିଥିଲେ। ଅଲ୍‌ରାଉଣ୍ଡର ଭାବେ ସୁନ୍ଦରଙ୍କୁ ଅଧିକ ବୋଲିଂ କରିବାକୁ ଦିଆଯାଉନାହିଁ। ଗତ ମ୍ୟାଚ୍‌ରେ ସେ କେବଳ ୩ ଓଭର ବୋଲିଂ କରିଥିଲେ। ପେସରଙ୍କ ମଧ୍ୟରେ ହର୍ଷିତ ରାଣା ନୂଆ ବଲ୍‌ରେ ଭଲ ବୋଲିଂ କରି ଦୁଇ ଉଇକେଟ ନେଇଥିଲେ। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଖୁବ୍ ରନ୍ ଦେଇଥିଲେ। ଏଥିଯୋଗୁ ତାଙ୍କୁ ମୁଖ୍ୟତଃ ୩୪ ଓଭର ପରେ ବୋଲିଂ କରିବା ପାଇଁ ନିଜ ବୋଲିଂରେ ଅଧିକ ନିୟନ୍ତ୍ରଣ ଆଣିବାକୁ ପଡ଼ିବ। ବଲ୍ ଓ ବ୍ୟାଟ୍ ମଧ୍ୟରେ ଅଧିକ ସନ୍ତୁଳନ ରକ୍ଷା କରିବା ପାଇଁ ଆଇସିସିର ନୂଆ ନିୟମ ଅନୁଯାୟୀ, ୩୪ରୁ ୫୦ ଓଭର ପର୍ଯ୍ୟନ୍ତ ଗୋଟିଏ ବଲ୍ ବ୍ୟବହାର କରାଯିବ। ପ୍ରଥମ ମ୍ୟାଚ୍‌ରେ କୁଳଦୀପ ଯାଦବଙ୍କ ବୋଲିଂ ଦୁଇ ଦଳ ମଧ୍ୟରେ ପାର୍ଥକ୍ୟ ସାଜିଥିଲା। ସେ ଭାରତୀୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟରେ ଉଇକେଟ ଆଣିଦେଇଥିଲେ।

ଅନ୍ୟପକ୍ଷରେ ଦ. ଆଫ୍ରିକା ତା'ର ନିୟମିତ ଅଧିନାୟକ ଟେମ୍ବା ବଭୁମା ଓ ସିନିୟର ସ୍ପିନର କେଶବ ମହାରାଜାଙ୍କ ବିନା ଖେଳିଥିଲା। ଭାରତରେ ଐତିହାସିକ ଟେଷ୍ଟ ସିରିଜ୍ ବିଜୟ ପରେ ଦୁହିଁଙ୍କୁ ବିଶ୍ରାମ ଦିଆଯାଇଥିଲା। କିନ୍ତୁ ଏହି ଖେଳାଳିଦ୍ୱୟ ଦ୍ୱିତୀୟ ମ୍ୟାଚ୍ ଖେଳିବେ ବୋଲି ଆଶା କରାଯାଉଛି।

ଗୁଆହାଟୀ ପିଚ୍ ଭଳି ଘରୋଇ ଦଳ ଶହୀଦ ବୀର ନାରାୟଣ ସିଂ ଷ୍ଟାଡିୟମର ପିଚ୍ ସହ ଅଧିକ ପରିଚିତ ନୁହେଁ। ଏହି ଭେନ୍ୟୁରେ ଏପର୍ଯ୍ୟନ୍ତ ମାତ୍ର ଗୋଟିଏ ଦିନିକିଆ ମ୍ୟାଚ୍ ଖେଳାଯାଇଛି। ୨୦୨୩ରେ ଖେଳାଯାଇଥିବା ଉକ୍ତ ମ୍ୟାଚ୍‌ରେ ମହମ୍ମଦ ସିରାଜ ଓ ମହମ୍ମଦ ଶାମିଙ୍କ ଘାତକ ବୋଲିଂ ଆଗରେ ନ୍ୟୁଜିଲାଣ୍ଡ ୧୦୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ୩୦ ଓଭର ପୂର୍ବରୁ ହାତରେ ୮ ଉଇକେଟ ରଖି ମ୍ୟାଚ୍ ଜିତି ନେଇଥିଲା। ଏପରିକି ଏଠାରେ ଖେଳାଯାଇଥିବା ଏକମାତ୍ର ଟି୨୦ ମ୍ୟାଚ୍ ମଧ୍ୟ ହାଇସ୍କୋରିଂ ନ ଥିଲା। ଅଷ୍ଟ୍ରେଲିଆ ବିପକ୍ଷ ଉକ୍ତ ମ୍ୟାଚ୍‌ରେ ଭାରତ ୧୭୪/୯ ସ୍କୋର କରି ମ୍ୟାଚ୍‌କୁ ୨୦ ରନ୍‌ରେ ଜିତି ନେଇଥିଲା।






ରାୟପୁରରେ ପହଞ୍ଚିବାପରେ ରୋହିତ ଶର୍ମା, ବିରାଟ କୋହଲି ଓ ଅଧିନାୟକ ଲୋକେଶ ରାହୁଲ।

**ସମୟ: ଅପରାହ୍ଣ ୧:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ ଜିଓ ହଟ୍‌ଷ୍ଟାର**

# ନିମ୍ନଗାମୀ ହେଉଛି ଓଡ଼ିଶା ମହିଳା ଫୁଟବଲ

**ଜୁନିୟର ବାଳିକା ଫୁଟବଲ ଦଳର କ୍ରମାଗତ ତୃତୀୟ ପରାଜୟ**

ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)

ଓଡ଼ିଶା ଫୁଟବଲ ଦିନକୁ ଦିନ ନିମ୍ନଗାମି ହେଉଥିବା ପରିଲକ୍ଷିତ ହୋଇଛି। ମହିଳା ବର୍ଗରେ ଏକଦା ଜାତୀୟ ସ୍ତରରେ ଏକ ଫୁଟବଲ ମହାଶକ୍ତି ଥିବା ଓଡ଼ିଶା ଏବେ ସିନିୟରଠାରୁ ଆରମ୍ଭ କରି ଜୁନିୟର ଏବଂ ସବ୍‌ଜୁନିୟର ସବୁ ସ୍ତରରେ ପତନାଭିମୁଖୀ ହୋଇଛି। ଏହାର ସଦ୍ୟତମ ଉଦାହରଣ ହେଉଛି ଓଡ଼ିଶା ମହିଳା ଜୁନିୟର ଦଳର ପ୍ରଦର୍ଶନ। ଆନ୍ଧ୍ର ପ୍ରଦେଶର ଅନନ୍ତପୁରରେ ଚାଲିଥିବା ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପରାଜୟରେ ହ୍ୟାଟ୍ରିକ କରିଛି। କ୍ରମାଗତ ୩ ପରାଜୟ ବରଣ କରି ଓଡ଼ିଶା ଦଳ ଟେବୁଲର ନିମ୍ନରେ ରହି ଅଭିଯାନ ଶେଷ କରିଛି। ନିଜର ପ୍ରଥମ ଦୁଇ ମ୍ୟାଚରେ ବିହାରଠାରୁ ୦-୧ ଓ ପଶ୍ଚିମବଙ୍ଗଠାରୁ ୧-୨ ଗୋଲରେ ହାରିଥିବା ଓଡ଼ିଶା ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଝାଡ଼ଖଣ୍ଡଠାରୁ ୦-୨ ଗୋଲରେ ପରାସ୍ତ ହୋଇଛି। ଗାୟତ୍ରୀ ମଲିକଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ଲଢ଼େଇ କରିଥିଲେ ହେଁ ଶେଷ ଭାଗର ଚାପକୁ ସମ୍ଭାଳି ନ ପାରି ୩ ମିନିଟ ମଧ୍ୟରେ ୨ଟି ଗୋଲ ବରଣ କରି ପରାଜୟ ମୁହଁ ଦେଖିଛି। ଝାଡ଼ଖଣ୍ଡ ପକ୍ଷରୁ ଦୀପିକା କୁମାରୀ ୮୮ ଓ ବୀନା କୁମାରୀ ୯୦ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଓଡ଼ିଶା ଦଳର ଏପରି ପ୍ରଦର୍ଶନ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜାତୀୟ ଦୃଶ୍ୟପଟରେ ଓଡ଼ିଶା ମହିଳା ଫୁଟବଲର ଛବି କ୍ରମେ ମଳିନ ହୋଇଛି। ରାଜ୍ୟ ସରକାର କ୍ରୀଡ଼ାର ବିକାଶ ଓ କ୍ରୀଡ଼ାବିତ୍‌ଙ୍କ ପ୍ରୋତ୍ସାହନ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଖେଳାଳିମାନଙ୍କୁ ଉଚ୍ଚମାନର ଟ୍ରେନିଂ ଅନ୍ୟ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଏହା ସତ୍ତ୍ୱେ ଓଡ଼ିଶା ଦଳର ନିମ୍ନମାନର ପ୍ରଦର୍ଶନ କ'ଣ ପାଇଁ ହେଉଛି ଏହାର କାରଣ ଖୋଜିବା ସମୟ ଆସିଯାଇଛି।

# କିସ୍, ନୀତା ଏକାଡେମୀ ବିଜୟୀ

**ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍**




ସାମନ୍ତ କୁମାର ହାଁସ୍‌ଦା ଓ ଅମନ ମାଝିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୨।୧୨(ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚ୍‌ରେ କିସ୍ ଓ ନୀତା ଫୁଟ୍‌ବଲ ଏକାଡେମୀ ବିଜୟ ହାସଲ କରିଛନ୍ତି। ଅପରାହ୍ଣ ୨ଟା ୩୦ରେ ଅନୁଷ୍ଠିତ ମ୍ୟାଚ୍‌ରେ କିସ୍ ଟାଇବ୍ରେକର ୫-୪ ଗୋଲରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ଗୋଲ୍‌ଶୂନ୍ୟ ରହିବାପରେ ଫଳାଫଳ ପାଇଁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ବିଜୟୀ ଦଳର ସାମନ୍ତ କୁମାର ହାଁସ୍‌ଦା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରତିଷ୍ଠିତ ଆଥ୍‌ଲେଟିକ୍ସ କୋଚ୍ ନୀଳମାଧବ ଦେଓ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଅପରାହ୍ଣ ୫ଟାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ନୀତା ଫୁଟ୍‌ବଲ ଏକାଡେମୀ ୧-୦ ଗୋଲରେ କଳିଙ୍ଗ ୟୁଥ୍‌କୁ ପରାସ୍ତ କରିଛି। ଏକମାତ୍ର ଗୋଲସ୍କୋରର ଅମନ ମାଝି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଆୟୋଜକ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ନୀହାରକାନ୍ତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ।

**ଜୁନିୟର ପୁରୁଷ ହକି ବିଶ୍ୱକପ୍**

# କ୍ୱାର୍ଟରରେ ଫ୍ରାନ୍ସ

**ଚେନ୍ନାଇ, ୨।୧୨ (ପି.ଟି.):** ଗତ ସଂସ୍କରଣର ରନର ଅପ୍ ଫ୍ରାନ୍ସ ଅପରାଜେୟ ଧାରା ଜାରି ରଖି ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ କୋରିଆକୁ ୧୧-୧ ଓ ଅଷ୍ଟ୍ରେଲିଆକୁ ୮-୩ ଗୋଲରେ ପରାସ୍ତ କରିଥିବା ଫ୍ରାନ୍ସ ମଙ୍ଗଳବାର ୩-୨ ଗୋଲରେ ବାଂଲାଦେଶକୁ ପରାସ୍ତ କରି ଏହି ସଫଳତା ପାଇଛି। ଫ୍ଲଡଲାଇଟ୍ ସମସ୍ୟା ଯୋଗୁ ଏହି ମ୍ୟାଚ୍ ୩ ଥର ବାଧାପ୍ରାପ୍ତ ହୋଇଥିଲା।

ମ୍ୟାଚ୍‌ଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାୟତଃ ଫ୍ରାନ୍ସ ନିୟନ୍ତ୍ରଣରେ ରହିଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଦଳକୁ ଏକ ପେନାଲ୍ଟି କର୍ନର (ପିସି) ମିଳିଥିଲା। ହେଲେ ଏହାକୁ ବାଂଲାଦେଶ ଡିଫେନ୍ସ ଲାଇନ ଗୋଲରେ ପରିଣତ ହେବାକୁ ଦେଇ ନ ଥିଲା। ଏହାପରେ ମଧ୍ୟ ଫ୍ରାନ୍ସ ପ୍ରତିପକ୍ଷ ଡିଫେନ୍ସ ଲାଇନକୁ ଚାପରେ ରଖି ଦୁଇଟି ପିସି ହାସଲ କରିଥିଲା। ଦ୍ୱିତୀୟ ପିସି ପେନାଲ୍ଟି ଷ୍ଟ୍ରୋକ୍‌ରେ ପରିଣତ ହେବା ପରେ ଟମ ଗେଲାର୍ଡ (ସପ୍ତମ ମିନିଟ୍) କୌଣସି ଭୁଲ ନ କରି ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୨୮ତମ ମିନିଟ୍‌ରେ ବାଂଲାଦେଶ ପାଇଁ ମହମଦ ଅବଦୁଲା ଫିଲ୍ଡ ଗୋଲ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ସ୍କୋର ୧-୧ ଗୋଲରେ ବରାବର ରହିଥିଲା। ତୃତୀୟ କ୍ୱାର୍ଟରରେ ଫ୍ରାନ୍ସ ପକ୍ଷରୁ ଗବିନ ଲୋରାକୁରି (୩୨ତମ) ଓ ଜେମ୍ସ ଲିଡିଆର୍ଡ (୩୮ତମ) ଗୋଲ ସ୍କୋର କରି ଦଳକୁ ୩-୧ ଗୋଲରେ ଅଗ୍ରଣୀ କରାଇଥିଲେ। ମ୍ୟାଚ୍ ଶେଷ ହେବାକୁ ୪ ମିନିଟ୍ ଥିବା ବେଳେ ବାଂଲାଦେଶର ଅମିରୁଲ ଗୋଲଦେଇ ଫ୍ରାନ୍ସର ବିଜୟ ବ୍ୟବଧାନକୁ ହ୍ରାସ କରାଇଥିଲେ।

# ପ୍ରି କ୍ୱାର୍ଟରରେ ଓଡ଼ିଶାର ତନ୍‌ଭି ପତ୍ରି

ଭୁବନେଶ୍ୱର, ୨।୧୨(ତପନ ସ୍ୱାଇଁ)

**ଜାତୀୟ ସବ୍‌ଜୁନିୟର ବ୍ୟାଡ଼ମିଣ୍ଟନ**

**ବାପୁନ ରାଉତ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ**

କଳିଙ୍ଗ ଷ୍ଟାଡିୟମସ୍ଥିତ ଡାଲ୍‌ମିଆ ଭାରତ ଗୋପିଚାନ୍ଦ ବ୍ୟାଡ୍‌ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ)ରେ ଚାଲିଥିବା ୩୭ତମ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ମୋଟ ୧୫୯ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଟାଇଟଲ ଦାବିଦାର ଓଡ଼ିଶାର ତନ୍‌ଭି ପତ୍ରି ୧୫ ବର୍ଷରୁ କମ୍ ସିଙ୍ଗଲ୍ସରେ ପ୍ରଭାବୀ ପ୍ରଦର୍ଶନ କରିବାସହ ପ୍ରତିଦ୍ୱନ୍ଦ୍ୱୀ ଗୁଜରାଟର ଅନ୍‌ଭି ପଟେଲଙ୍କୁ ୨୧-୧୧, ୨୧-୫ରେ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଓଡ଼ିଆ ଖେଳାଳି ବାପୁନ ରାଉତ ୧୭ ବର୍ଷରୁ କମ୍ ସିଙ୍ଗଲ୍ସ ବାଳକ ବିଭାଗରେ ରାଜସ୍ଥାନର ଅଂଶୁମାନ ଚୌଧୁରୀଙ୍କୁ ୨୧-୧୯, ୧୯-୨୧ ଓ ୨୧-୧୧ରେ ପରାସ୍ତକରି ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିଛନ୍ତି। ଏହି ବୟସ ବର୍ଗରେ ଟପ୍ ସିଡ୍ ପଞ୍ଜାବର ଜଗଶେର ସିଂ, ଦିଲ୍ଲୀର ଇଆନ ଚୋପ୍ରା, ଆସାମର ବର୍ନିଲ ଆକାଶ ଚେଙ୍ଗମାଇ, ମଧ୍ୟପ୍ରଦେଶର ସୌର୍ଯ୍ୟ ମିଶ୍ର, ଉତ୍ତର ପ୍ରଦେଶର ସାର୍ଥକ ସୋମ, କର୍ନାଟକର ହାର୍ଦ୍ଦିକ୍ ଦିବ୍ୟାଂଶ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛନ୍ତି। ବାଳକ ୧୫ ବର୍ଷରୁ କମ୍ ବର୍ଗରେ ଟପ୍ ସିଡ୍ ପଞ୍ଜାବର ୱାଜିର ସିଂ, ଦିଲ୍ଲୀର ସଞ୍ଚିତ ଜଂଗ୍ରା, ମହାରାଷ୍ଟ୍ରର ମୟୂରଶ ଭୁତକି, ତେଲଙ୍ଗାନାର ଶ୍ରୀଚେତନ ସାଁୟ ଓ ଗୁଜରାଟର ମହମ୍ମଦ ଶେହେରିକ ପ୍ରି-କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେହିପରି ୧୫ ବର୍ଷରୁ କମ୍ ବାଳିକା ବର୍ଗରେ ତନ୍‌ଭି ପତ୍ରିଙ୍କ ସହ କର୍ନାଟକର ସାଇନା ମଣିମୁଥୁ, ତାମିଲନାଡୁର ଜି.ଏସ୍. ଅନୁଶ୍ରୀ, ହିମାଚଳ ପ୍ରଦେଶର ତାଶଭି ଗୁପ୍ତା, ରାଜସ୍ଥାନର ଅନ୍‌ଭି ରାଠୋର, ତେଲଙ୍ଗାନାର ହମସିନୀ ଚନ୍ଦରମ୍ ପ୍ରି-କ୍ୱାର୍ଟର ରାଉଣ୍ଡରେ ପହଞ୍ଚିଛନ୍ତି। ମୁଖ୍ୟ ରେଫରି ପି. ରାମ କ୍ରିଷ୍ଣୟା, ସହକାରୀ ରେଫରି ଓଡ଼ିଶାର ବିଜୟ ବାଗ୍ ଓ ମନୋଜ ସାବତ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।




ମଙ୍ଗଳବାର ମ୍ୟାଚ ଅବସରରେ ତନଭି ପତ୍ରି।

# ଇଂଲଣ୍ଡର ପୂର୍ବତନ ବ୍ୟାଟର ରବିନ ସ୍ମିଥ୍‌ଙ୍କ ପରଲୋକ

**ଲଣ୍ଡନ,୨।୧୨:** ଇଂଲଣ୍ଡର ପୂର୍ବତନ ବ୍ୟାଟର ରବିନ ସ୍ମିଥ୍‌ଙ୍କର ୬୨ ବର୍ଷ ବୟସରେ ପରଲୋକ ଘଟିଛି। ସାଉଥ୍ ପର୍ଥସ୍ଥିତ ଆପାର୍ଟମେଣ୍ଟରେ ଅପ୍ରତ୍ୟାଶିତ ଭାବେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ହେଲେ ତାଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଡର୍ବାନରେ ଜନ୍ମିତ ସ୍ମିଥ୍ ୧୯୮୮ରୁ ୧୯୯୬ ମଧ୍ୟରେ ଇଂଲଣ୍ଡ ପାଇଁ ୬୨ ଟେଷ୍ଟ ମ୍ୟାଚ୍ ଖେଳି ୪୩.୬୭ ଆଭରେଜ୍‌ରେ ୪,୨୩୬ ରନ୍ କରିଥିଲେ। ଏଥିରେ ୯ ଶତକ ସାମିଲ ଥିଲା। ଏହାଛଡ଼ା ସେ ୧୯୯୨ ବିଶ୍ୱକପ୍ ଫାଇନାଲ ଖେଳିଥିବା ଇଂଲଣ୍ଡ ଦଳର ସଦସ୍ୟ ଥିଲେ।

# ବଜରଙ୍ଗ, ଭିନେଶଙ୍କ ଆବେଦନ ଖାରଜ

ନୂଆଦିଲ୍ଲୀ,୨।୧୨(ପି.ଟି.)

ଦେଶର ପୂର୍ବତନ ରେସ୍‌ଲର ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ଭିନେଶ ଫୋଗଟଙ୍କ ଦ୍ୱାରା ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଏଫ୍‌ଆଇ)ର ୨୦୨୩ ନିର୍ବାଚନକୁ ଚ୍ୟାଲେଞ୍ଜ କରି ଦାଖଲ କରାଯାଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଅନେକବାର ନୋଟିସ ଦିଆଯିବା ସତ୍ତ୍ୱେ ସେମାନେ କୋର୍ଟ ସମ୍ମୁଖରେ ହାଜର ହୋଇ ନ ଥିଲେ। ଆବେଦନକାରୀ ବର୍ତ୍ତମାନ ମାମଲାର ମକଦ୍ଦମା ଜାରିରଖିବାକୁ ଇଚ୍ଛୁକ ନ ଥିବା ଭଳି ଅନୁଭବ ହେଉଛି ବୋଲି କୋର୍ଟଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି। ୨୦୨୩ ଡିସେମ୍ବରରେ ସଞ୍ଜୟ ସିଂ ଡବ୍ଲ୍ୟୁଏଫ୍‌ଆଇ ସଭାପତି ଭାବେ ନିର୍ବାଚିତ ହେବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ସୟଦ ମୁସ୍ତାକ ଅଲୀ ଟ୍ରଫି**

**ରାଜେଶ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ**

# ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର, ୨।୧୨(ତପନ ସ୍ୱାଇଁ)

ଲକ୍ଷ୍ନୌରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଦ୍ରୁତ ବୋଲର ରାଜେଶ ମହାନ୍ତି(୫/୨୧)ଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ବଳରେ ଏହି ଦଳ ମଙ୍ଗଳବାର ଛତିଶଗଡ଼କୁ ୨୭ ରନ୍‌ରେ ପରାସ୍ତ କରିଛି। ପୂର୍ବରୁ କେରଳ, ଆନ୍ଧ୍ର ପ୍ରଦେଶ ଓ ବିଦର୍ଭ ନିକଟରୁ ପରାଜିତ ହୋଇଥିବା ଓଡ଼ିଶା ପାଇଁ ଏହା ହେଉଛି ୪ ମ୍ୟାଚ୍‌ରୁ ପ୍ରଥମ ବିଜୟ। ୪ ପଏଣ୍ଟ ପାଇବା ସତ୍ତ୍ୱେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଦଳ ଏଲିଟ୍ ଗ୍ରୁପ୍ 'ଏ' ଟେବୁଲର ସର୍ବନିମ୍ନ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଓଡ଼ିଶା ୨୦ ଓଭରରେ ୮ ଉଇକେଟ ହରାଇ ୧୩୫ ରନ୍ କରିଥିବାବେଳେ ଛତିଶଗଡ଼ ୧୯.୪ ଓଭରରେ ୧୦୮ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଚମତ୍କାର ବୋଲିଂ ପାଇଁ ରାଜେଶ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍ ରେଫରି ସତ୍ୟଜିତ ସତ୍‌ଭାଇ ତାଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ୪ରେ ରେଲୱେ ବିପକ୍ଷରେ ଖେଳିବ।

## ବ୍ୟାଟିଂ ବିଫଳତା ଜାରି

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ବ୍ୟାଟରଙ୍କୁ ସୁହାଉ ନ ଥିବା ପିଚ୍‌ରେ ମାତ୍ର ୩୫ ରନ୍ ମଧ୍ୟରେ ୫ ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ବିପ୍ଳବଙ୍କ ୬୧(୪୧ ବଲ୍, ୪ ଚୌକା, ୪ ଛକା) ରନ ସହାୟତାରେ ଦଳ ସମ୍ମାନ୍‌ଜନକ ସ୍କୋର କରିପାରିଥିଲା। ୭ ନମ୍ବର ବ୍ୟାଟର ଶୁଭମ୍ ଶତ୍ରୁଜିତ ଦ୍ୱିତୀୟ ସର୍ବାଧିକ ୨୭ ରନ୍ କରିଥିଲେ। ୫ ବ୍ୟାଟର ଏକ ଅଙ୍କରେ ରହିଯାଇଥିଲେ। ଛତିଶଗଡ଼ ପକ୍ଷରୁ ଅଜୟ ମଣ୍ଡଳ ୪ଟି ଏବଂ ଆଦିତ୍ୟ ସରୱାତେ, ରବି କିରଣ ଓ ସୌରଭ ମଜୁମ୍‌ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ରାଜେଶଙ୍କ ଶ୍ରେଷ୍ଠ ବୋଲିଂ

୧୩୬ ରନ୍‌ର ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ମଧ୍ୟ ଛତିଶଗଡ଼ ବ୍ୟାଟର ରାଜେଶ ମହାନ୍ତିଙ୍କ ଘାତକ ବୋଲିଂର ସାମ୍ନା କରିପାରି ନ ଥିଲେ। ରାଜେଶ କ୍ୟାରିୟର ଶ୍ରେଷ୍ଠ ବୋଲିଂକରି ମାତ୍ର ୨୧ ରନ୍ ବିନିମୟରେ ୫ ଉଇକେଟ ନେବା ସହ ଛତିଶଗଡ଼କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ବିପ୍ଳବ, ପ୍ରୟାସ ସିଂ, ବାଦଲ ବିଶ୍ୱାଳ ଓ ସମ୍ବିତ ବରାଳ ମଧ୍ୟ ଖୁବ୍ ବଢ଼ିଆ ବୋଲିଂ କରିଥିଲେ। ବିପ୍ଳବ ଓ ପ୍ରୟାସଙ୍କୁ ୨ଟି ଲେଖାଏ ଏବଂ ବାଦଲଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ସମ୍ବିତ ଉଇକେଟ ପାଇ ନ ଥିଲେ ମଧ୍ୟ ୨ ଓଭରରେ ମାତ୍ର ୮ ରନ୍ ଦେଇଥିଲେ। ଛତିଶଗଡ଼ ବ୍ୟାଟରଙ୍କ ମଧ୍ୟରେ ଅଧିନାୟକ ଅମନଦୀପ ଖାରେ ସର୍ବାଧିକ ୪୬ ଓ ସଞ୍ଜିତ ଦେଶାଇ ୩୩ ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଦର୍ଭ ବିପକ୍ଷରେ ୨୭ ରନ୍‌ରେ ବିଜୟ ହାସଲ କରି ଅଭିଯାନ ଆରମ୍ଭ କରିଥିବା ଛତିଶଗଡ଼ ପରବର୍ତ୍ତୀ ୩ ମ୍ୟାଚ୍‌ରେ ଯଥାକ୍ରମେ ଆସାମ, କେରଳ ଓ ଓଡ଼ିଶା ନିକଟରୁ ପରାଜୟ ସ୍ୱାଦ ଚାଖିଛି।

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ୨୦ ଓଭରରେ ୧୩୫/୮(ବିପ୍ଳବ ସାମନ୍ତରାୟ-୬୧, ଶୁଭମ ଶତ୍ରୁଜିତ୍-୨୭, ଅଜୟ ମଣ୍ଡଳ-୪/୨୫, ଆଦିତ୍ୟ ସରୱାତେ-୧/୧୬, ରବି କିରଣ-୧/୧୮, ସୌରଭ ମଜୁମ୍‌ଦାର-୧/୨୫)। ଛତିଶଗଡ଼ ୧୯.୪ ଓଭରରେ ୧୦୮/ଅଲ୍‌ଆଉଟ (ଅମନଦୀପ ଖାରେ-୪୬, ସଞ୍ଜିତ ଦେଶାଇ-୩୩, ରାଜେଶ ମହାନ୍ତି-୫/୨୧, ବିପ୍ଳବ ସାମନ୍ତରାୟ-୨/୨୩, ପ୍ରୟାସ ସିଂ-୨/୧୯, ବାଦଲ ବିଶ୍ୱାଳ-୧/୧୧)।





ରାଜେଶ ମହାନ୍ତିଙ୍କୁ ମ୍ୟାଚ ରେଫରି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି। ଟପ୍ ସ୍କୋରର ବିପ୍ଳବ ସାମନ୍ତରାୟ।

# ସର୍ବଭାରତୀୟ ଜୋନାଲ କରାଟେରେ ଓଡ଼ିଶାକୁ ୨୯ ପଦକ

ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)

ନୂଆଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଜୋନାଲ କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ମୋଟ ୨୯ଟି ପଦକ ମିଳିଛି। ଏହା ମଧ୍ୟରେ ୨୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ। ସ୍ୱର୍ଣ୍ଣ ପଦକ ଜିତିଥିବା କରାଟେକାମାନେ ହେଲେ ଆଶିଷ ପଣ୍ଡା, ଉର୍ଜା ସାମନ୍ତ (୨ଟି), ତ୍ରିଲୋଚନ ରଣା, ଚନ୍ଦନା ପ୍ରିୟଦର୍ଶିନୀ, ଅର୍ନାଦିତ୍ୟ ସ୍ୱାଇଁ, ବିନ୍ଦୁ ଜନା, ସରନ ସୋରେନ, ବ୍ରତତି ବିଶ୍ୱପ୍ରଭା ପତି, ଅଶ୍ଳେଷା ପଣ୍ଡା, ବୈଶାଳୀ ପାତ୍ର, ଚିତ୍ରାକ୍ଷ ଦାଶ, ଶ୍ରେୟା କାନୁନ୍‌ଗୋ, ଶ୍ରେୟାଂଶୁ ସାହୁ, କୈଭବ ପଟ୍ଟନାୟକ, ଶ୍ରୀଜା ବେହେରା, ସୁରୋମିତା ସିହ୍ନା ଓ ଅଲିଶା ସୁବୁଦ୍ଧି। ଏହା ବ୍ୟତୀତ ସବ୍‌ଜୁନିୟର ମହିଳା ଟିମ୍ କାଟା, ବାଳକ ଟିମ୍ କାଟା ଓ ସିନିୟର ମହିଳା ଟିମ୍ କାଟାରେ ମଧ୍ୟ ସ୍ୱର୍ଣ୍ଣ ପଦକ ମିଳିଛି। ରୌପ୍ୟ ପଦକ ଜିତିଥିବା କରାଟେକାମାନେ ହେଲେ ଅଦିର ଦେ, ଅର୍ନାଦିତ୍ୟ ସ୍ୱାଇଁ ଓ ରୋଶନ ସାଇ ପାଲ। ସେହିପରି ଦେବାଂଶି ମହାନ୍ତି, ସୌମ୍ୟ ମହାନ୍ତି, କାଜଲ ଆଚାର୍ଯ୍ୟ, ସୋନାଲି ପାଣିଗ୍ରାହୀ ଓ ବିନ୍ଦୁ ଜେନା। ପଦକ ବିଜୟୀ ପ୍ରତିଯୋଗିଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।




ସର୍ବଭାରତୀୟ ଜୋନାଲ କରାଟେରେ ପଦକ ବିଜୟୀ ଓଡ଼ିଶା କରାଟେକା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ